



ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି
## The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com






ପ୍ରକାଶ ପାଇଲା
ଡଃ ଭାଗବତ ବେହେରାଙ୍କର
ବହୁ ପ୍ରତୀକ୍ଷିତ ଆଧ୍ୟାତ୍ମିକ,
ଚେତନାମୂଳକ ଉପନ୍ୟାସ
ବନ୍ଧୁ ମହାନ୍ତି
ପ୍ରାପ୍ତିସ୍ଥାନ :
ତାରିଣୀ ବିଦ୍ୟା ଭଣ୍ଡାର
ଷ୍ଟେସନ ରୋଡ,
ବାଲେଶ୍ୱର-୧
ମୂଲ୍ୟ ଟ୧୫୦/-



ବାଲେଶ୍ୱର ■ ମଙ୍ଗଳବାର ୧୫ ମାର୍ଚ୍ଚ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 15 MARCH 2022
Vol.No. 33 ■ No. 71 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022


# ଭୟଙ୍କର ରୂପ ନେଉଛି ଋଷ-ୟୁକ୍ରେନ୍ ଯୁଦ୍ଧ
## ଜୈବିକ, ରାସାୟନିକ ଅସ୍ତ୍ରର ପ୍ରୟୋଗ ବିପଦ ନେଇ ବଢ଼ିଲା ଆଶଙ୍କା

ନୂଆଦିଲ୍ଲୀ, ୧୪/୦୩ : ଭୟଙ୍କର ପରିସ୍ଥିତି ଆଡକୁ ଗତି କରୁଛି ଋଷ-ୟୁକ୍ରେନ୍ ଯୁଦ୍ଧ । ଟ୍ୟାଙ୍କ, ତୋପ ଏବଂ ଯୁଦ୍ଧବିମାନରେ ଆରମ୍ଭ ହୋଇଥିବା ଯୁଦ୍ଧ ଏବେ ଜୈବିକ ଏବଂ ରାସାୟନିକି ଅସ୍ତ୍ରଶସ୍ତ୍ର ପର୍ଯ୍ୟନ୍ତ ପହଞ୍ଚିଗଲାଣି । ୟୁକ୍ରେନ୍ ଆମେରିକା ସହ ମିଶି ଜୈବିକ ଏବଂ ରାସାୟନିକ ଅସ୍ତ୍ରଶସ୍ତ୍ର ତିଆରି କରୁଛି ବୋଲି ଅଭିଯୋଗ କରିଛି । ସେହିପରି ଯୁଦ୍ଧରେ ଏହି ଅସ୍ତ୍ରଶସ୍ତ୍ର ବ୍ୟବହାର କଲେ କଡା କଟକଣାର ସମ୍ମୁଖୀନ ହେବାକୁ ପଡିବ ବୋଲି ୟୁକ୍ରେନ୍ ଋଷକୁ ଚେତାବନୀ ଦେଇଛି । ଆଜିକୁ ୧୯ଦିନରେ ପହଞ୍ଚିଥିବା ଯୁଦ୍ଧରେ ଅନେକ ଲୋକ ପ୍ରାଣ ହରାଇଲେଣି । ଦୁଇଦେଶ ମଧ୍ୟରେ ଲାଗିଥିବା ଯୁଦ୍ଧ ୪୨ଜଣ ଶିଶୁଙ୍କ ସମେତ ୫୭୯ ଲୋକଙ୍କ ଜୀବନ ନେଲାଣି । ଏହାରି ଭିତରେ



ଜୈବିକ ଓ ରସାୟନିକ ଅସ୍ତ୍ରଶସ୍ତ୍ରର ପ୍ରୟୋଗ ଆଶଂକା ଆହୁରି ଚିନ୍ତା ବଢାଇଦେଇଛି । କାରଣ ଯଦି ଯୁଦ୍ଧରେ ରାସାୟନିକ ଅସ୍ତ୍ରଶସ୍ତ୍ରର ପ୍ରୟୋଗ ହୁଏ ତେବେ ଆସନ୍ତା ପୀଢି ଯାଏଁ ଏହାର ପ୍ରଭାବ ରହିବ । ରାସାୟନିକ ଅସ୍ତ୍ରଶସ୍ତ୍ରରେ ଟକ୍ସିକ୍ କେମିକାଲ ଏବଂ ବିଷ ବ୍ୟବହାର କରାଯାଇଥାଏ । ଏହାକୁ ଜଳ ଯୋଗଣ, ବାୟୁ ଏବଂ ଖାଇବାରେ ଦେଇ ଲୋକଙ୍କୁ ହତ୍ୟା କରାଯାଏ । ଜୈବିକ ଅସ୍ତ୍ରରେ ବୀଜାଣୁ ଏବଂ ଭୂତାଣୁ ପରି ପ୍ରାକୃତିକ ଉତ୍ସକୁ ବ୍ୟବହାର କରି ଲୋକଙ୍କୁ ରୋଗାଗ୍ରସ୍ତ କରି ମାରିଦିଆଯାଏ । ଲୋକେ ଅସହ୍ୟ ପୀଡା ଅନୁଭବ କରିଥାନ୍ତି । କେବଳ ଏତିକି ନୁହେଁ ଏହାର ପ୍ରଭାବ ଆସନ୍ତା ପୀଢି ଯାଏଁ ରହିଥାଏ, ଯେଉଁଥିପାଇଁ ଶାରୀରିକ ଏବଂ ମାନସିକ ବିକାରଗ୍ରସ୍ତ ଶୁଶୁ ଜନ୍ମ ନେଇଥାନ୍ତି । ତେବେ ପ୍ରଥମ ଥର ପାଇଁ ୧୯୩୭ରେ ଜୈବିକ ଅସ୍ତ୍ରର ବ୍ୟବହାର କରାଯାଇଥିଲା । ଏହି ସମୟରେ ମଙ୍ଗୋଲିଆ ସେନା ପ୍ଲେଗ୍ ସଂକ୍ରମିତ ଶବକୁ କୃଷ୍ଣ ସାଗରରେ ପକାଇଥିଲା । ଏବେ ସୁଦ୍ଧା ଜର୍ମାନୀ, ଆମେରିକା, ଋଷ ଏବଂ ଚୀନ୍ ସମେତ ୧୭ଟି ଦେଶ ଜୈବିକ ଅସ୍ତ୍ରଶସ୍ତ୍ର ତିଆରି କରିଥିବା କୁହାଯାଉଛି । ଆଉ ଚୀନ୍ କରୋନା ଭୂତାଣୁକୁ ଜୈବିକ ଅସ୍ତ୍ର ଭାବେ ବ୍ୟବହାର କରିଥିଲା ବୋଲି ଅଭିଯୋଗ ହୋଇଆସୁଛି । ସେପଟେ ଋଷର କୂଟନୀତିଜ୍ଞ ଅଭିଯୋଗ କରିଛନ୍ତି ଯେ, ୟୁକ୍ରେନ୍ ଆମେରିକା ସହାୟତାରେ ପ୍ରାୟ ୩୦ଟି ଜୈବିକ ଅସ୍ତ୍ରଶସ୍ତ୍ର କାର୍ଯ୍ୟକ୍ରମ ଜାରି ରଖିଛି । ୟୁକ୍ରେନ୍ ବାଦୁଡି ଏବଂ ଅନ୍ୟ ବିଦେଶୀ ପକ୍ଷୀ ଦ୍ୱାରା ଋଷରେ ରୋଗଜୀବାଣୁ ପ୍ରଶାର କରିବାକୁ ଷଡଯନ୍ତ୍ର କରୁଛି । ଯଦି ଋଷର ଅଭିଯୋଗ ସତ ହୁଏ ତେବେ ଏହାର ପରିଣାମ ଭୟଙ୍କର ହେବ, ଏଥିରେ କୌଣସି ସନ୍ଦେହ ନାହିଁ ।

# ମାର୍ଚ୍ଚ ୧୬ରୁ ୧୨ - ୧୪ ବର୍ଷର ପିଲାଙ୍କୁ କୋଭିଡ୍ ଟିକା

ନୂଆଦିଲ୍ଲୀ, ୧୪/୦୩ : ଛୋଟ ପିଲାଙ୍କୁ କୋଭିଡ୍ ଟିକା ପ୍ରଦାନ ନେଇ କେନ୍ଦ୍ର ସରକାର ପଦକ୍ଷେପ ନେଇଛନ୍ତି । ଆସନ୍ତା ମାର୍ଚ୍ଚ ୧୬ରୁ ୧୨ରୁ ୧୪ ବର୍ଷର ଶିଶୁଙ୍କୁ କୋଭିଡ୍ ଟିକା ଦିଆଯିବ । ଏନେଇ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡଭୀୟ ଟ୍ୱିଟ୍ କରି ସୂଚନା ଦେଇଛନ୍ତି । ଏଥିସହ ୬୦ବର୍ଷରୁ ଅଧିକ ସମସ୍ତ ବୟସ୍କଙ୍କୁ ଏଣିକି ପ୍ରିକସନ ଡୋଜ ଦିଆଯିବା ନେଇ ଘୋଷଣା କରାଯାଇଥିଲା । ତେବେ ୧୨ରୁ ୧୪ ବର୍ଷ ମଧ୍ୟରେ ପିଲାଙ୍କୁ କୋଭିଡ୍ ଟିକା ପ୍ରଦାନ ନେଇ ନ୍ୟାଶନାଲ ଟେକ୍ନିକାଲ ଆଡଭାଇଜରୀ ଗ୍ରୁପ୍ ଅନ୍ ଇମ୍ୟୁନାଇଜେସନ୍ (ଏନଟିଏଜିଆଇ) ପକ୍ଷରୁ ସୁପାରିଶ୍ କରାଯାଇଥିଲା ।



ମଙ୍ଗଳବାରଠାରୁ ଏହି ଟିକା ପ୍ରଦାନ ପ୍ରକ୍ରିୟା ଆରମ୍ଭ ହେବ କୋଭିଡ୍ ମହାମାରୀକୁ ମୁକାବିଲା ପାଇଁ ଟିକାହିଁ ଏକମାତ୍ର ଅସ୍ତ୍ର ଭାବେ ଭାବେ ଗୁରୁତ୍ୱ ଦିଆଯାଇଥିଲା । ଗତ ବର୍ଷ ଜାନୁଆରୀ ୧୬ରୁ ଦେଶବ୍ୟାପୀ କୋଭିଡ୍ ଟିକା ଅଭିଯାନ ଆରମ୍ଭ ହୋଇଥିଲା । ପ୍ରଥମେ କୋଭିଡ୍ ଯୋଦ୍ଧା ତଥା ସ୍ୱାସ୍ଥ୍ୟ କର୍ମୀ ଏବଂ ପରେ ଗତ ବର୍ଷ ଫେବୃଆରୀ ୨ରେ ସମ୍ମୁଖ ଯୋଦ୍ଧାମାନଙ୍କୁ ଟିକା ପ୍ରଦାନ କରାଯାଇଥିଲା । ପରେ ପର୍ଯ୍ୟାୟ କ୍ରମେ ବିଭିନ୍ନ ବୟସର ବର୍ଗଙ୍କୁ ଟିକା ପ୍ରଦାନ କରାଯାଇଥିଲା । ତୃତୀୟ ପର୍ଯ୍ୟାୟ ▶▶ପୃଷ୍ଠା ୭

## ପୌର ନିର୍ବାଚନ : ୪୮ ଘଂଟା ଆଗରୁ ବନ୍ଦ ହେବ ପ୍ରଚାର

ଭୁବନେଶ୍ୱର, ୧୪/୦୩ (ନି.ପ୍ର): ଆସନ୍ତା ପୌର ନିର୍ବାଚନ ପାଇଁ ମାର୍ଚ୍ଚ ୨୨ ତାରିଖ ସଂଧ୍ୟା ୫ଟାରୁ ସମସ୍ତ ପ୍ରକାର ନିର୍ବାଚନୀ ପ୍ରଚାର ବନ୍ଦ ରହିବ । ଏନେଇ ସବୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ନିର୍ବାଚନ କମିଶନ । ରାଜ୍ୟ ନିର୍ବାଚନ କମିଶନଙ୍କ ସଚିବ ଆରଏନ୍ ସାହୁ ସମସ୍ତ ଜିଲ୍ଲାପାଳମାନଙ୍କ ଚିଠି ଲେଖି ଏସମ୍ପର୍କରେ ବଅଗତ କରାଇଛନ୍ତି । ଚିଠିରେ ଲେଖାଯାଇଛି ଯେ ଭୋଟ୍ ଗ୍ରହଣର ୪୮ ଘଂଟା ଆଗରୁ ସବୁ ପ୍ରକାର ସଭା ଓ ପ୍ରଚାର ବନ୍ଦ ହେବ । ସୂଚନାଯୋଗ୍ୟ ଯେ ଆସନ୍ତା ୨୪ ତାରିଖରେ ପୌରାଂଚଳରେ ନିର୍ବାଚନ ଅନୁଷ୍ଠିତ ହେବ ।

# ଚୀନକୁ ଘାରିଲାଣି କରୋନା ଭୟ : ସାଂଘାଇ ସମେତ ୫ ସହରରେ ଲକଡାଉନ ଲାଗୁ

ନୂଆଦିଲ୍ଲୀ, ୧୪/୦୩ : ଚୀନରେ ପୁଣି କରୋନା କାଳ । ସୋମବାର ଦେଶରେ ସର୍ବାଧିକ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ଚିନ୍ତାରେ ଚୀନ । ଦିନକରେ ଦେଶରେ ୨୩ଶହରୁ ଅଧିକ ସଂକ୍ରମିତ ଚିହ୍ନଟ ହେଲେଣି । ଯଦି ଏଭଳି ବେଗରେ ଚୀନରେ ସଂକ୍ରମଣ ବୃଦ୍ଧି ପାଇବେ ତେବେ ଆଗକୁ ସ୍ଥିତି ସଂଗୀନ ହୋଇପାରେ । ଚୀନକୁ ପୁଣି ଫେରିଲା ଲକଡାଉନ । ଦେଶରେ ବଢୁଥିବା ସଂକ୍ରମଣକୁ ଦୃଷ୍ଟିରେ ରଖି ପୁଣି ଲକଡାଉନ ଜାରି କରିଛି ଚୀନ । ୧ କୋଟି ୭୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ସହର ସେନଜେନରେ କଟକଣା କଠୋର



କରାଯାଇଛି । ଲୋକଙ୍କୁ ଘରୁ ନ ବାହାରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି । ସେପେଟ ଅନେକ ଘର ସମେତ କାର୍ଯ୍ୟାଳୟ ଗୁଡିକୁ ସିଲ କରିଦିଆଯାଇଥିବା ଦେଖିବାକୁ ମିଳିଛି । ଦୈନିକ ସଂକ୍ରମଣ ବୃଦ୍ଧି ପାଉଥିବାରୁ ଗୋଟିଏ ପରେ ଗୋଟିଏ ସହରରେ ତାଲାବନ୍ଦ କରାଯାଉଛି । ଶନିବାର ଚାଙ୍ଗଚୁଙ୍ଗ ସହରରେ କଠୋର କଟକଣା ଲଗାଇଛି ସ୍ଥାନୀୟ ପ୍ରଶାସନ ଓ ସୋମବାର ସେନଜେନ ସହରରେ ମଧ୍ୟ ଲକଡାଉନ ଲାଗୁ କରାଯାଇଛି । ଏହି କଡ଼ା ନିଷ୍ପତ୍ତି ପରେ ଚୀନର ▶▶ପୃଷ୍ଠା ୭

# ଏପ୍ରିଲ ୨୯ରୁ ମେ ୭ ଯାଏଁ ମାଟ୍ରିକ୍ ପରୀକ୍ଷା

ଭୁବନେଶ୍ୱର, ୧୪/୦୩ (ନି.ପ୍ର): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ମାଟ୍ରିକ ପରୀକ୍ଷା-୨୦୨୨ ପାଇଁ ପରୀକ୍ଷା ସୂଚୀ ପ୍ରକାଶ ପାଇଛି । ଏହି ପରୀକ୍ଷା ଏପ୍ରିଲ ୨୯ରୁ ଆରମ୍ଭ ହୋଇ ୭ ମେ ପର୍ଯ୍ୟନ୍ତ ଚାଲିବ । ପ୍ରଥମ ଦିନ ଅର୍ଥାତ୍ ଏପ୍ରିଲ ୨୯ରେ ଦ୍ୱିତୀୟ ଭାଷା ଇଂରାଜୀ ପରୀକ୍ଷା ହେବ । ସେହିପରି ମେ ୨ରେ ଗଣିତ, ମେ ୪ରେ ବିଜ୍ଞାନ, ମେ ୫ରେ ପ୍ରଥମ ଭାଷା ପରୀକ୍ଷା । ମେ ୬ରେ ତୃତୀୟ ଭାଷା ସଂସ୍କୃତ / ହିନ୍ଦୀ ଏବଂ ମେ ୭ରେ ସାମାଜିକ ବିଜ୍ଞାନ ପରୀକ୍ଷା ହେବ । ଏକ ସାମ୍ବାଦିକ ସମ୍ମିଳନୀରେ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦେଇ ସଭାପତି ରାମାଶିଷ ହାଜରା କହିଛନ୍ତି ଯେ ଖରାକୁ ଦୃଷ୍ଟିରେ ରଖି ସକାଳେ ପରୀକ୍ଷା କରାଯିବ । ପ୍ରଥମ ସିଟିଂ ସକାଳ ୮ଟାରୁ ପରୀକ୍ଷା ଆରମ୍ଭ ହେବ । ଟିଏଲଭି ଓ ଭିଜୁଆଲ ଆର୍ଟସ ଛଡ଼ା



ଅନ୍ୟ ସମସ୍ତ ବିଷୟର ପରୀକ୍ଷା ୮୦ ମାର୍କ ବିଶିଷ୍ଟ ହେବ । ପ୍ରତି ପରୀକ୍ଷାର ଅବଧି ୨ ଘଂଟା ରହିବ । କେବଳ ଗଣିତ ପରୀକ୍ଷା ପାଇଁ ୧୫ ମିନିଟ୍ ଅଧିକ ସମୟ ଦିଆଯିବ । ଏହି ୮୦ ମାର୍କ ମଧ୍ୟରୁ ୫୦ ମାର୍କ ସଂକ୍ଷିପ୍ତ ଉତରମୂଳକ ଓ ୩୦ ମାର୍କ ଦୀର୍ଘ ଉତରମୂଳକ ରହିବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି । ୪ଟି ସେଟର ପ୍ରଶ୍ନପତ୍ରରେ ହେବ ପରୀକ୍ଷା । ସଂକ୍ଷିପ୍ତ ପ୍ରଶ୍ନର ଉତର ଓମଏଆର ସିଟରେ ଦେବେ ଛାତ୍ରଛାତ୍ରୀ । ସେହିଭଳି ଦୀର୍ଘ ଉତରମୂଳକ ପ୍ରଶ୍ନର ଉତର ପ୍ରଶ୍ନପତ୍ର ସହ ଥିବା ବୁକଲେଟରେ ଦେବେ ଛାତ୍ରଛାତ୍ରୀ । ଅପରପକ୍ଷରେ ଭୋକେସନାଲ ଟ୍ରେଡର ଛାତ୍ରଛାତ୍ରୀ ମାନେ ୩୦ ନମ୍ବର ଦୀର୍ଘ ଉତରମୂଳକ ପରୀକ୍ଷା ମିଳିଥିବା ବୁକଲେଟରେ ଦେବେ । ବାକି ୫୦ ନମ୍ବରର ପ୍ରାକ୍ଟିକାଲ ପରୀକ୍ଷା ଦେବେ ଭୋକେସନାଲ ଛାତ୍ରଛାତ୍ରୀ । ୨ ଏପ୍ରିଲରୁ ୧୩ ଏପ୍ରିଲ ମଧ୍ୟରେ ଏହି ପ୍ରାକ୍ଟିକାଲ ପରୀକ୍ଷା ହେବ । ରେଗୁଲାର ଓ ଏକ୍ସ ରେଗୁଲାର ▶▶ପୃଷ୍ଠା ୭

## ଏପ୍ରିଲ ୧୩ରୁ ନବମ ପରୀକ୍ଷା

ଭୁବନେଶ୍ୱର, ୧୪/୦୩ (ନି.ପ୍ର): ଏପ୍ରିଲ ୧୩ରୁ ଆରମ୍ଭ ହେବ ନବମ ସମ୍ମେଟିଭ ପରୀକ୍ଷା । ଏହା ଏପ୍ରିଲ ୨୧ରେ ଶେଷ ହେବ ବୋଲି ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି । ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ନବମ ଶ୍ରେଣୀ ସମ୍ମେଟିଭ୍ ପରୀକ୍ଷା-୨ର ସୂଚୀ ପ୍ରକାଶ ପାଇଛି ଏପ୍ରିଲ ୧୩ରେ ଦ୍ୱିତୀୟ ଭାଷା, ଏପ୍ରିଲ ୧୬ରେ ଗଣିତ ପରୀକ୍ଷା, ଏପ୍ରିଲ ୧୮ରେ ବିଜ୍ଞାନ, ଏପ୍ରିଲ ୧୯ରେ ପ୍ରଥମ ଭାଷା ପରୀକ୍ଷା, ଏପ୍ରିଲ ୨୦ରେ ସାମାଜିକ ବିଜ୍ଞାନ, ଏପ୍ରିଲ ୨୧ରେ ତୃତୀୟ ଭାଷା ପରୀକ୍ଷା ହେବ । ସକାଳ ୮ଟାରୁ ଫାଷ୍ଟ ସିଟିଂରେ ନିଜ ସ୍କୁଲରେ ପରୀକ୍ଷା ହେବ । ଦ୍ୱିତୀୟ ସିଟିଂ ୧୧ଟାରୁ ଆରମ୍ଭ ହେବ । ପରୀକ୍ଷାର ମୂଲ୍ୟାଙ୍କନ ଅନ୍ୟ ସ୍କୁଲରେ ହେବ । ପୂର୍ବ ପଦ୍ଧତି ଅନୁଯାୟୀ ପରୀକ୍ଷା ହେବ । ତେବେ ୧୮ ଏପ୍ରିଲରୁ ୨୬ ଏପ୍ରିଲ ପର୍ଯ୍ୟନ୍ତ ମୂଲ୍ୟାଙ୍କନ ଆରମ୍ଭ ହେବ । ୨୮ ତାରିଖ ପର୍ଯ୍ୟନ୍ତ ନିଜର ନମ୍ବରକୁ ନେଇ ରିଭ୍ୟୁ କରିପାରିବେ ଛାତ୍ରଛାତ୍ରୀ ।

# ଯୋଗୀ ଆଦିତ୍ୟନାଥଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୪/୦୩ (ନି.ପ୍ର): ଉତରପ୍ରଦେଶରେ ବିଜେପିର ବିପୁଳ ବିଜୟ ପରେ ଯୋଗୀ ଆଦିତ୍ୟନାଥ ଓ କେନ୍ଦ୍ରମନ୍ତ୍ରୀ ତଥା ରାଜ୍ୟ ପ୍ରଭାରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସାକ୍ଷାତ ଆଲୋଚନା ହୋଇଛି । ସୋମବାର ଅପରାହ୍ଣରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନୂଆଦିଲ୍ଲୀ ସ୍ଥିତ ବାସଭବନରେ ଦୁଇ ନେତାଙ୍କର ଭେଟ ହୋଇଥିଲା । ଯୋଗୀ ଆଦିତ୍ୟନାଥ ତାଙ୍କ ଟ୍ୱିଟରେ ଉଲ୍ଲେଖ କରିଛନ୍ତି ଯେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ୍ ହେଲା । କେନ୍ଦ୍ରମନ୍ତ୍ରୀଙ୍କ ସହଯୋଗରେ



ଉତରପ୍ରଦେଶ ସାମଗ୍ରିକ ବିକାଶ ପଥରେ ଅଗ୍ରସର ହେବ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଟ୍ୱିଟରେ ଉଲ୍ଲେଖ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ମାର୍ଗଦର୍ଶନରେ ୟୁପିରେ ଐତିହାସିକ ଜନାଦେଶ ପାଇଁ ଯୋଗୀଙ୍କୁ ଶୁଭେଚ୍ଛା । ଯୋଗୀଙ୍କ ପ୍ରଭାବଶାଳୀ ନେତୃତ୍ୱରେ ଉତରପ୍ରଦେଶ ପ୍ରଗତି ଏବଂ ସୁଶାସନର ନୂଆ ଶିଖରକୁ ଛୁଇଁବ ।

## ଦିନ ୧୧ଟାରୁ ୩ ଟା ଯାତ୍ରୀ ପରିବହନ ଉପରେ କଟକଣା

ଭୁବନେଶ୍ୱର, ୧୪/୦୩ (ନି.ପ୍ର): ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଦିନ ୧୧ଟାରୁ ଦିନ ୩ ଟା ଯାଏଁ ଯାତ୍ରୀ ପରିବହନ ଉପରେ କଟକଣା ଜାରି କରିଛନ୍ତି । । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ମାର୍ଗଦର୍ଶିକା ଜାରି କରିଛି ପରିବହନ ବିଭାଗ । ମାର୍ଗଦର୍ଶିକା ଅନୁଯାୟୀ ଯାତ୍ରୀଙ୍କ ବିଶ୍ରାମ ପାଇଁ ଛାୟାଯୁକ୍ତ ଶୀତଳ ସ୍ଥାନ ରହିବ । ଯାତ୍ରୀବାହୀ ବସ୍ ଗୁଡ଼ିକରେ ପିଇବା ପାଣି, ଓଆରଏସ୍ ଓ ବରଫ ପ୍ୟାକ୍ ରଖାଯିବ ।

# ବାଲେଶ୍ୱର ପୌରପାଳିକାରୁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ

ବାଲେଶ୍ୱର, ୧୪/୦୩ (ନି.ପ୍ର): ବାଲେଶ୍ୱର ପୌରପାଳିକାର ୫ ଜଣ କାଉନସିଲର ପ୍ରାର୍ଥୀ ଓ ଜଣେ ଅଧ୍ୟକ୍ଷା ପ୍ରାର୍ଥୀ ନାମାଙ୍କନ ପ୍ରତ୍ୟାହାର କରିଛନ୍ତି । ନାମାଙ୍କନ କରିଥିବା ଅଧ୍ୟକ୍ଷା ପ୍ରାର୍ଥୀଙ୍କ ମଧ୍ୟରୁ ସ୍ୱାଧୀନ ପ୍ରାର୍ଥୀ ସଂଧ୍ୟାରାଣୀ ଚକ୍ରବର୍ତ୍ତୀଙ୍କ ସମେତ ୫ ନଂ ୱାର୍ଡ଼ର ସ୍ୱାଧୀନ କାଉନସିଲର ପ୍ରାର୍ଥୀ ଜୟସ୍ମିତା ମାଝୀ, ୬ନଂ ୱାର୍ଡ଼ର ଶିବ ମାଝୀ, ୨୨ନଂ ୱାର୍ଡ଼ର ସଂଜୟ କୁମାର ବେହେରା, ୨୫ ନଂ ୱାର୍ଡ଼ର ପ୍ରାର୍ଥସାରଥୀ ଆଶ ଓ ୩୧ ନଂ ୱାର୍ଡ଼ର ବିଜେପି ପ୍ରାର୍ଥୀ ଉର୍ମିଳା ଦାସମହାପାତ୍ର ନିଜର ନାମାଙ୍କନପତ୍ର ପ୍ରତ୍ୟାହାର କରିଛନ୍ତି । ଏହି ନାମାଙ୍କନ ପ୍ରତ୍ୟହାର ପରେ ୩୧ ନଂ ୱାର୍ଡ଼ର ବିଜେଡି ପ୍ରାର୍ଥୀ ରଂଜିତା ମହାପାତ୍ର ନିର୍ଦ୍ୱନ୍ଦ୍ୱରେ ଅର୍ଥାତ ବିନା ନିର୍ବାଚନରେ କାଉନସିଲର ଭାବେ ନିର୍ବାଚିତ ହୋଇଯାଇଛନ୍ତି । ଅତଏବ ଚଳିତ ନିର୍ବାଚନରେ ବାଲେଶ୍ୱର ପୌରପାଳିକା ଅଧ୍ୟକ୍ଷା ପଦ ପାଇଁ କରିଥିବା ୬ ପ୍ରାର୍ଥୀଙ୍କ ମଧ୍ୟରୁ ଏବେ ୫ ଜଣ ରହିଛନ୍ତି । ସେହିପରି ୩୧ ଗୋଟି ୱାର୍ଡ଼ କାଉନସିଲର ପଦ ପାଇଁ ନାମାଙ୍କନ କରିଥିବା ୧୨୭ ପ୍ରାର୍ଥୀଙ୍କ ମଧ୍ୟରୁ ୫ଜଣଙ୍କ ପ୍ରର୍ଥିପତ୍ର ପ୍ରତ୍ୟାହାର ପରେ ଏବେ ୩୦ ଗୋଟି ୱାର୍ଡ଼ର ୧୨୧ଜଣ କାଉନସିଲର ପ୍ରାର୍ଥୀ ନିର୍ବାଚନୀ ରଣାଙ୍ଗନରେ ଅବତୀର୍ଣ୍ଣ ଅଛନ୍ତି ।

# ଆଜି ସର୍ବଦଳୀୟ ବୈଠକ

ଭୁବନେଶ୍ୱର, ୧୪/୦୩ (ନି.ପ୍ର): ଚଳିତ ମାସ ୨୫ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଷୋଡ଼ଶ ବିଧାନସଭାର ଛଅ ଦିନିଆ ଅଧିବେଶନ କିପରି ସୁଚାରୁ ରୂପେ ସବୁଦଳର ନେତୃବୃନ୍ଦଙ୍କ ସହଯୋଗ ଓ ସହଭାଗିତାରେ ସଂପାଦିତ ହେବ ସେ ସଂପର୍କରେ ବିଶଦ ଆଲୋଚନା ପାଇଁ ବିଧାନସଭାର ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର ଏକ ସର୍ବଦଳୀୟ ବୈଠକ ନିମନ୍ତେ ଆହ୍ୱାନ ଦେଇଛନ୍ତି । ଏହି ବୈଠକ ଆସନ୍ତାକାଲି (ମଙ୍ଗଳବାର)ଦିନ ୧୧.୩୦ ସମୟରେ ବିଧାନସଭା ସଚିବାଳୟର ୫୯ ନମ୍ବର ପ୍ରକୋଷ୍ଠରେ ଅନୁଷ୍ଠିତ ହେବ । ପ୍ରାୟତଃ ବିଧାନସଭା ଆରମ୍ଭ ହେବାର ଦୁଇଦିନ ପୂର୍ବରୁ ଏହି ବୈଠକ ଆହ୍ୱାନ କରାଯାଇଥାଏ । କିନ୍ତୁ ସଂପ୍ରତି ପୌର ଓ ମହାନଗର ନିଗମ ନିର୍ବାଚନରେ ବିଧାୟକ ଓ ବିଧାୟିକାମାନେ ବ୍ୟସ୍ତ ରହୁଥିବା ହେତୁ ଅଧିବେଶନ ଆରମ୍ଭ ହେବାର ୧୦ ଦିନ ପୂର୍ବରୁ ସର୍ବଦଳୀୟ ବୈଠକ ଆହ୍ୱାନ କରାଯାଇଛି । ବିଧାନସଭାର ନିୟମାବଳୀ ଏବଂ ପ୍ରକ୍ରିୟା ଅନୁଯାୟୀ ଅଧିବେଶନ ଅନୁଷ୍ଠିତ ହେବ । ଅଧିବେଶନରେ ପ୍ରଶ୍ନକାଳ, ଶୂନ୍ୟକାଳ ତଥା ମୁଲତବୀ ପ୍ରସ୍ତାବ ଆଦି ରହିବ ବୋଲି ସେ ପ୍ରକାଶ କରିଛନ୍ତି । ବିଧାନସଭା ଆରମ୍ଭ ଅର୍ଥାତ୍ ମାର୍ଚ୍ଚ ୨୫ ତାରିଖ ଦିନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ତାଙ୍କ ଅଭିଭାଷଣ ପ୍ରଦାନ କରିବେ । ଏହାପରେ ମାର୍ଚ୍ଚ ୨୫, ୨୬ ଏବଂ ୨୮ ତାରିଖ ତିନିଦିନ ଧରି ଗୃହରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ବିସ୍ତୃତ ଭାବରେ ଆଲୋଚନା ହେବ । ମାର୍ଚ୍ଚ ୩୦ ତାରିଖରେ ଅର୍ଥ ଓ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ ୨୦୨୨/୨୩ ଆର୍ଥିକ ବର୍ଷ ପାଇଁ ରାଜ୍ୟ ବଜେଟ୍ ଉପସ୍ଥାପନ କରିବେ ।

## ରାଜ୍ୟରେ କରୋନାରେ ଆଉ ୪ ଜଣଙ୍କ ମୃତ୍ୟୁ

ଭୁବନେଶ୍ୱର, ୧୪/୦୩ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମିତ ଆଉ ୪ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହ କରୋନା କାରଣରୁ ରାଜ୍ୟରେ ମୃତ୍ୟୁ ସଂଖ୍ୟା ୯୧୧୫ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ ଜିଲ୍ଲାରେ ୩ ଜଣ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେହିପରି କନ୍ଧମାଳ ଜିଲ୍ଲାରେ ଜଣଙ୍କର ମୃତ୍ୟୁ ଘଟିଛି ।


# ସାଂଘାତିକ ଅଭିଯୋଗ ଆଣିଲେ ସାଂସଦ ଅପରାଜିତାଙ୍କ ପ୍ରତିନିଧି : ମିଳୁନି ଆବଶ୍ୟକ ସାମଗ୍ରୀ

ଭୁବନେଶ୍ୱର, ୧୪/୦୩ (ନି.ପ୍ର): ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀଙ୍କ ପ୍ରତିନିଧି ଦେବାଶିଷ ନାୟକଙ୍କ ଫେସବୁକ ପୋଷ୍ଟ । ପୌର ନିର୍ବାଚନକୁ ଆଉ ଅଳ୍ପ ଦିନ ଥିବା ବେଳେ ଭୁବନେଶ୍ୱରରେ ପ୍ରାର୍ଥୀଙ୍କୁ ଦଳ ପକ୍ଷରୁ ସର୍ବନିମ୍ନ ଆବଶ୍ୟକତା ଏପରିକି ଦଳୀୟ ପତାକା ମଧ ଦିଆଯାଉନଥିବା ଅଭିଯୋଗ କରିଛନ୍ତି ଦେବାଶିଷ । ଯଦି ସତସାହାସ ନାହିଁ ତେବେ ଲଢେଇ ନକରି ବସିଯିବା ଭଲ ହେବ ବୋଲି ଉଲ୍ଲେଖ କରିଛନ୍ତି । ଉତର ଭୁବନେଶ୍ୱର ପାଇଁ ଅପରାଜିତାଙ୍କ ନୋମିନି ଅଛନ୍ତି ଦେବାଶିଷ ନାୟକ । ଏହି




ଅଭିଯୋଗ ଉପରେ ତାଙ୍କ ସହ ଆମେ ଯୋଗାଯୋଗ କରିଥିଲେ ମଧ୍ୟ ଗଣମାଧ୍ୟମରେ କୌଣସି ପ୍ରତିକ୍ରିୟା ଦେବାକୁ ସେ ମନା କରିଥିଲେ । ଯାହା ଲେଖିବା କଥା ଲେଖିଛନ୍ତି ବୋଲି ଜଣାଇଥିଲେ । ସୋମବାର ନାମାଙ୍କନ ପ୍ରତ୍ୟାହାରର ଶେଷ ଦିନ ଥିଲେ ମଧ ପ୍ରଚାରକୁ ଜୋରଦାର କରି ସାରିଲେଣି ସବୁ ଦଳ । ବିଜେଡିର କର୍ପୋରେଟର ଓ ମେୟର ପ୍ରାର୍ଥୀଙ୍କ ପାଇଁ ମୈଦାନକୁ ଓହ୍ଲାଇଛନ୍ତି ବିଧାୟକ ଓ ମନ୍ତ୍ରୀ । ▶▶ପୃଷ୍ଠା ୭

# ବାସୁଦେବପୁର ବ୍ଲକ ଅଧକ୍ଷ ହେଲେ ନଗେନ୍ଦ୍ର ବିଶ୍ୱାଳ



ବାସୁଦେବପୁର,୧୪/୦୩ (ନି.ପ୍ର): ବାସୁଦେବପୁର ବ୍ଲକ ର ବିଜୁ ଜନତା ଦଳ ପକ୍ଷରୁ ଅଧକ୍ଷ ଭାବେ ନଗେନ୍ଦ୍ର ବିଶ୍ୱାଳ ନିର୍ବାଚିତ ହୋଇଛନ୍ତି । ବ୍ଲକ ପରିସରରେ ଏହି ପରିପ୍ରେକ୍ଷୀରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏଥିରେ ଶ୍ରୀ ବିଶ୍ୱାଳ ବିଜୟ ଲାଭ କରିଥିଲେ । ଦୀର୍ଘ ୩୨ ବର୍ଷ ଧରି ବରଣ୍ଡୁଆ ଗ୍ରାମ ପଂଚାୟତ ରେ ସେ ରାଜନୀତି କରି ଆସୁଛନ୍ତି । ପୂର୍ବରୁ ଶ୍ରୀ ବିଶ୍ୱାଳ ବରଣ୍ଡୁଆ ରେ ସରପଂଚ ଓ ବରଣ୍ଡୁଆ ସେବା ସମବାୟ ସମିତିରେ ସଭାପତି ଥିଲେ । ବହୁ ଜନ ହିତକର କାର୍ଯ୍ୟ ମଧ ସେ କରିଛନ୍ତି । ବାସୁଦେବପୁର ବ୍ଲକ ର ଚଳିତ ବର୍ଷ ପଂଚାୟତ ନିର୍ବାଚନ ରେ ସେ ବରଣ୍ଡୁଆ ରେ ସମିତି ସଭ୍ୟ ଭାବେ ବିଜୟ ଲାଭ କରିଥିଲେ । ବର୍ତ୍ତମାନ ବାସୁଦେବପୁର ରେ ଶ୍ରୀ ବିଶ୍ୱାଳ ବ୍ଲକ ଅଧକ୍ଷ ହେବା ପରେ ଭଦ୍ରକ ଜିଲ୍ଲାର ସମସ୍ତ ଙ୍କ ମନରେ ଖୁସିର ଲହରୀ ଖେଳିଯାଇଛି । ଓଡ଼ିଶାର ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବିଜୟଶ୍ରୀ ରାଉତରାୟଙ୍କୁ ଶ୍ରୀ ବିଶ୍ୱାଳ ସ୍ମରଣ କରିବା ସହିତ ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ ଓ ବାସୁଦେବପୁର ର ସମସ୍ତ ଜନ ସାଧାରଣ ଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

# ଯୋଜନା ଅପହଞ୍ଚ, ବିକାଶ ସାତସପନ : ୩ଟି ନାଳ ଡେଇଁ ୭ କିମି ଆସିଲେ ମିଳୁଛି ଭତ୍ତା-ରାସନ

ଦଶପଲ୍ଲା ,୧୪/୦୩ (ନି.ପ୍ର): ରାଜ୍ୟରେ କାର୍ଯ୍ୟକାରୀ ହେଉଛି ମାଳମାଳ ଯୋଜନା । ବିକାଶର ଦ୍ୱାହୀ ଦେଇ ପିଟାଯାଉଛି ଡିଣ୍ଡିମ । ହେଲେ ସ୍ୱାଧୀନତାର ଦୀର୍ଘ ୭ ଦଶନ୍ଧି ପରେ ଏଭଳି ଗାଁ ରହିଛି ଯେଉଁଠି ବିକାଶ ସାତସପନ ପାଲଟିଥିବା ବେଳେ ୩ଟି ନାଳ ଓ ୭ କିମି ବଣ ପାହାଡ଼ଘେରା ରାସ୍ତା ଅତିକ୍ରମ କଲେ ମିଳୁଛି ସରକାରୀ ଯୋଜନା । ଏଭଳି ଘଟଣା ଦେଖିବାକୁ ମିଳିଛି, ଦଶପଲ୍ଲା ବ୍ଲକ୍ ଅଧୀନସ୍ଥ ନୂଆଗାଁ ପଞ୍ଚାୟତର ପୁଟୁଙ୍ଗି, ବଡ଼ ସିକରପଙ୍ଗା, ଟୁଇପଦର, ଶିରିଶାବାଡ଼ି, ଗେଣ୍ଡେଗେଣ୍ଡା ଓ ଧୁନ୍ଦୁଗାଡ଼ିଆ ଭଳି ୧୦ରୁ ୧୨ଟି ଗ୍ରାମରେ । ଦଶପଲ୍ଲା ବ୍ଲକ୍‌ଠାରୁ ଏସବୁ ଗ୍ରାମର ଦୂରତା ପ୍ରାୟ ୬୫ରୁ ୭୦ କିମି ଦୂର ହୋଇଥିବା ବେଳେ ଗଞ୍ଜାମ ଜିଲ୍ଲାର ଦୂରତା ହେଉଛି ୧୦ରୁ ୧୫ କିମି । ଭାଲିଆଡିହି ପାହାଡ ଗଞ୍ଜାମ ଓ ନୟାଗଡ଼ ଜିଲ୍ଲାର ମଧ୍ୟସ୍ଥଳରେ ରହିଛି । ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ, ବିଦ୍ୟୁତ୍ ଏବଂ ଗମନାଗମନ ଭଳି ସୁବିଧା ସୁଯୋଗ ଏମାନଙ୍କ ପାଇଁ ସାତସପନ ପାଲଟିଛି । ଅଧିକାଂଶ ଗ୍ରାମକୁ ନିତିଦିନିଆ ରାସ୍ତା ଖଣ୍ଡେ ନାହିଁ । ପଞ୍ଚାୟତ କାର୍ଯ୍ୟାଳୟଠାରୁ କେଉଁ ଗ୍ରାମର ଦୂରତା ୭ କିମି ତ ପୁଣି କେଉଁ ଗ୍ରାମ ୧୦ରୁ ୧୫ କିମି ଦୂର । ଭତ୍ତା କିମ୍ବା ରାସନ ସାମଗ୍ରୀ ହେଉ କି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିବାକୁ ହେଲେ ନଦୀନାଳ ଓ ବଣ ଜଙ୍ଗଲ ଅତିକ୍ରମ କରିବାକୁ ପଡୁଛି । ଏସବୁ ଗ୍ରାମରେ ଶତାଧିକ ପରିବାର ପୁରୁଷ ପୁରୁଷ ଧରି ବସବାସ କରି ଆସୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି । ଅଧିକାଂଶ ପରିବାର ଆଦିବାସୀ ସମୁଦାୟର ହୋଇଥିବାରୁ ମକା, ବାଜରା, ମାଣ୍ଡିଆ ଏବଂ ଧାନଚାଷ କରି ଜୀବିକା ନିର୍ବାହ କରିଥାନ୍ତି । ଏପରିକି ବିଭିନ୍ନ ଋତୁରେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ପରିବାର ପ୍ରତିପୋଷଣ କରିଥାନ୍ତି । ଏମାନଙ୍କ ଯାତାୟାତ ପାଇଁ ରାସ୍ତା ମୁଖ୍ୟ ପ୍ରତିବନ୍ଧକ ସାଜିଛି । କଳସା ଏବଂ ଠୁକେଇ ନାଳ ଭଳି ୩ଟି ବଡବଡ ନାଳ ଅତିକ୍ରମ କରି ଛାତ୍ରଛାତ୍ରୀମାନେ ପାଠପଢ଼ିଯିବାକୁ ହେଉ କି ରୋଗୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ଆଣିବା ସହ ଗ୍ରାମବାସୀ ନିତିଦିନ ଯାତାୟାତ କରିଥାନ୍ତି । ହେଲେ ବର୍ଷା ୪ ମାସ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇ ପଡୁଛି । ପାନୀୟ ଜଳ କଥା ନ କହିବା ଭଲ । ଅନେକ ଗ୍ରାମରେ ନଳକୂପଟିଏ ନଥିବା ବେଳେ ପଥର କୂଅ ଓ ନାଳ ଉପରେ ଭରସା କରି ଚଳିବାକୁ ପଡୁଥିବା ପ୍ରକାଶ କରିଛନ୍ତି । ବଡ଼କଥା ହେଉଛି କୁନିକୁନି ଛାତ୍ରଛାତ୍ରୀଙ୍କ ଶିକ୍ଷା ବ୍ୟବସ୍ଥା ପାଇଁ ଧୁନ୍ଦୁଗାଡ଼ିଆ ଗ୍ରାମରେ କିଛି ବର୍ଷ ତଳେ ଏକ ପ୍ରାଥମିକ ବିଦ୍ୟାଳୟ ଖୋଲିଥିଲା । ପ୍ରାୟ ୫ ବର୍ଷ ପର୍ଯ୍ୟନ୍ତ ଏହା ସୁରୁଖୁରୁରେ ଚାଲିଥିଲା । ହେଲେ ବିଭିନ୍ନ ଆଳ ଦେଖାଇ ଉକ୍ତ ବିଦ୍ୟାଳୟକୁ ବନ୍ଦ କରି ଦିଆଯାଇଛି । ଫଳରେ ଛାତ୍ରଛାତ୍ରୀମାନେ ୫ କିମି ଦୂର ନାଳ ଡେଇଁ କାଣିପୋଖରୀ ଗ୍ରାମକୁ ପାଠପଢ଼ି ଆସିବାକୁ ପଡୁଛି । ଅନେକ ଗ୍ରାମରେ ବିଜୁଳି ଆଲୋକ ଅପହଞ୍ଚ ହୋଇ ରହିଛି ।

# ନବ ନିର୍ବାଚିତ ସରପଞ୍ଚ ଜାନକୀ



ବାସୁଦେବପୁର,୧୪/୦୩ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀଦାସପୁର ପଂଚାୟତର ନବ ନିର୍ବାଚିତ ସରପଂଚ ଜାନକୀ ବାରିକ ଇତି ମଧ୍ୟରେ ଶପଥ ଗ୍ରହଣ କରିଛନ୍ତି । ଭାରତୀୟ ଜାତୀୟ କଂଗ୍ରେସ ସମର୍ଥିତ ଜାନକୀ ଈଶ୍ୱରଙ୍କ ଆଶୀର୍ବାଦ ରୁ ଓ ଗ୍ରାମବାସୀ ଙ୍କ ସହଯୋଗ ରୁ ସଫଳତା ପାଇଛନ୍ତି ବୋଲି ପ୍ରକାଶ କରିଛନ୍ତି । ଆଗାମୀ ଦିନରେ ପଂଚାୟତର ଉନ୍ନତି ପାଇଁ ସବୁ ପ୍ରକାର ଉଦ୍ୟମ କରାଯିବ ଓ ସମସ୍ତ ଜନ ସାଧାରଣ ଙ୍କ ସମସ୍ୟା କୁ ଆମେ ଯତ୍ନ ର ସହିତ ବୁଝିବୁ ବୋଲି ଜାନକୀ ମତ ଦେଇଥିଲେ ।

# କନ୍ଧମାଳ ଜିଲ୍ଲାର ବିଶିପଡାଠାରେ କୃଷି ଭିତ୍ତିକ ସଚେତନତା

କନ୍ଧମାଳ,୧୪/୦୩ (ନି.ପ୍ର): କନ୍ଧମାଳ ଜିଲ୍ଲାର ଫୁଲବାଣୀ ବ୍ଲକ ଅଂଚଳରେ ଥିବା ବିଶିପଡା ଗ୍ରାମରେ, ସେଂଚୁରିଆନ ୟୁନିଭରସିଟିର ଅଧିନରେ ଥିବା ଏମ.ଏସ ସ୍ୱାମୀନାଥନ ସ୍କୁଲ ଅଫ୍ ଏଗ୍ରିକଲ୍ଚର ପାଠ୍ୟକ୍ରମର ସେଷ ବର୍ଷର ଛାତ୍ର ଶୁଭ୍ରପତୀକ ବେହେରା ଏବଂ ପରେଶ ପ୍ରିୟଦର୍ଶନ ନାୟକ କୃଷକ ସାଥି ବିପିନ ବିହାରୀ ବିଶୋୟୀ ଓ କୃଷକ ମିତ୍ର ଅନିତା ବିଶୋୟୀଙ୍କ ସମେତ ଗ୍ରାମର ସମସ୍ତ ଚାଷୀ ମାନଙ୍କୁ ନେଇ ଏକ କୃଷକ ସଚେତନତା କାର୍ଯ୍ୟକ୍ରମ କରିଛନ୍ତି । ଛାତ୍ର ମାନେ ଚାଷୀ ମାନଙ୍କୁ ଯଥା ସମ୍ଭବ ରାସାୟନିକ କୃଷିଠାରୁ ଦୁରରେ ରହିବା ସହିତ ବିଭିନ୍ନ ଜୈବିକ କୃଷି ପ୍ରଣାଳି ଆପଣେଇବାକୁ ବୁଝାଇ ଥିଲେ । ଜୈବିକ କୃଷି ପାଇଁ ପଂଚଗବ୍ୟ ପ୍ରସ୍ତୁତୀ ପ୍ରଣାଳି ବିଷୟରେ ସେମାନଙ୍କୁ ଶିକ୍ଷା ଦେବା ସହିତ ଏହାକୁ ପ୍ରସ୍ତୁତ କରିବାର ବିଧି ବାବଦରେ ଶିକ୍ଷା ମଧ ଦେଇଥିଲେ । ଚାଷରେ କୀଟନାଶକ ଏବଂ ରାସାୟନିକ ସାର ସିଂଚନ ବେଳେ କିଭଳି ଭାବରେ ସତର୍କତା ଅବଲମ୍ବନ କରାଯିବ ସେହି ବାବଦରେ ବୁଝାଇବାକୁ ଯାଇ ମୁହଁରେ ମାସ୍କ ପିନ୍ଧିବା ସହିତ ହାତରେ ଗ୍ଲୋବ୍ସ ପିନ୍ଧିବା ସହିତ ଏହାର ବ୍ୟବହାର ପରେ ନିଜ ହାତ ଓ ମୁହଁକୁ ଭଲ ଭାବରେ ଧୋଇବାକୁ ମଧ ପରାମର୍ଶ ଦେଇଛନ୍ତି । ଛାତ୍ର ମାନେ ଚାଷି ମାନଙ୍କୁ ପନିପରିବା ଚାଷ ବେଳେ କିଭଳି ଭାବରେ ଲଗାଯିବା ଆବଶ୍ୟକ ସେହି ବାବଦରେ ମଧ ତାଲିମ ପ୍ରଦାନ କରିଛନ୍ତି । ଏହାସହିତ ସେମାନେ ଚାଷି ମାନଙ୍କ ଦ୍ୱାରା କରାଯାଉଥିବା ପାରମ୍ପରିକ ଚାଷ ପ୍ରଣାଳିକୁ ମଧ ଦେଖିବା ସହିତ ସେମାନଙ୍କ ପ୍ରଣାଳି କିଭଳି ଭାବରେ ଅଧିକ ଉନ୍ନତ ହୋଇ ପାରିବ ସେ ନେଇ ଆଲୋଚନା କରିବା ସହିତ ସେମାନଙ୍କ ସହିତ ମିଶି କାମ ମଧ କରିଥିଲେ । କୃଷି ବିଜ୍ଞାନର ଛାତ୍ର ମାନଙ୍କ ଠାରୁ ଉନ୍ନତ ମାନର ଚାଷ ପ୍ରଣାଳି ବିଷୟରେ ଜାଣି ଅଂଚଳର ଚାଷି ମାନେ ମଧ ଖୁସି ବ୍ୟକ୍ତ କରିଥିଲେ ।

# ଇଷ୍ଟକୋଷ୍ଟ ରେଲୱେ ମଜଦୁର ୟୁନିୟନର ଅଧିବେଶନ

ପୁରୀ,୧୪/୦୩ (ନି.ପ୍ର): ଇଷ୍ଟକୋଷ୍ଟ ରେଲୱେ ୟୁନିୟନର ଦୁଇ ଦିନିଆ ବାର୍ଷିକ ଅଧିବେଶନ ଆଜି ରେଲୱେ କଲ୍ୟାଣ ମଣ୍ଡପ ଠାରେ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ଡ଼ିପୋର ବରିଷ୍ଠ ଅଧିକାରୀ ଲିଙ୍ଗରାଜ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଶ୍ରୀ ତ୍ରିପାଠୀ ସଂଗଠନର କାର୍ଯ୍ୟପଦ୍ଧତି ଓ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ । ଜୋନର ସାଧାରଣ ସଂପାଦକ ରଞ୍ଜନ କୁମାର ଦାସ, କୋଷାଧକ୍ଷ ତ୍ରିଲୋଚନ ସାହୁ, ଉପାଧକ୍ଷ ବିବେକାନନ୍ଦ ସ୍ୱାଇଁ, ଭାରତୀୟ ମଜଦୁର ସଂଘର ଉପାଧକ୍ଷା ବୀଣାପାଣି ପଣ୍ଡା, ରାଜ୍ୟ ଉପାଧକ୍ଷ ଶ୍ରୀନିବାସ ରାଓ ପ୍ରମୁଖ ଯୋଗ ଦେଇ ସଂଘର ଆଗାମୀ ଭବିଷ୍ୟତ ସଂପର୍କରେ ଆଲୋଚନା କରିଥିଲେ । ଏହି ଉପଲକ୍ଷେ ୨୦୨୨-୨୪ ପାଇଁ ନୂଆ କମିଟି ଗଠନ କରାଯାଇଥିଲା । ଏଥିରେ ଅଧକ୍ଷ ଭାବେ ବିଶ୍ୱଜିତ ପରିଡ଼ା, ସାଧାରଣ ସଂପାଦକ ଭାବେ ରଞ୍ଜନ କୁମାର ଦାସ ନିର୍ବାଚିତ ହୋଇଥିଲେ ।

# ଶପଥ ଗ୍ରହଣ କଲେ ଚିନ୍ତାମଣି



ବାସୁଦେବପୁର,୧୪/୦୩ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ସୁଗୋ ଗ୍ରାମ ପଞ୍ଚାୟତ ର ନବ ନିର୍ବାଚିତ ସରପଂଚ ଭାବେ ଚିନ୍ତାମଣି ନାୟକ ଦାୟିତ୍ୱ ଗ୍ରହଣ କରିବା ସହିତ ଶପଥ ଗ୍ରହଣ କରିଛନ୍ତି । ଈଶ୍ୱରଙ୍କ କୃପାରୁ ଆଗାମୀ ଦିନରେ ପଂଚାୟତରେ ବିକାଶ କରିବା ସହିତ ଜନସାଧାରଣ ଙ୍କ ସେବା ଠିକ ଭାବେ ହୋଇପାରିବ ବୋଲି ଶ୍ରୀ ନାୟକ ପ୍ରକାଶ କରିଥିଲେ । ଏହି ଶପଥ ଗ୍ରହଣ ଉତ୍ସବ ରେ ବହୁ କର୍ମୀ ଓ ଜନ ସାଧାରଣ ଯୋଗ ଦେଇଥିଲେ ।

# ବିଦ୍ୟାଳୟରେ ନାହିଁ ଆବଶ୍ୟକ ଶୈକ୍ଷିକ ପରିବେଶ : ଗୋଟିଏ ଗୃହରେ ଚାଲିଛି ୫ ଶ୍ରେଣୀ

ଧର୍ମଶାଳା,୧୪/୦୩ (ନି.ପ୍ର): ସରକାର ପାଠପଢାର ଭିତି ଭୂମିର ବିକାଶ ପାଇଁ ବିଭିନ୍ନ ଯୋଜନା କରୁଛନ୍ତି । କିନ୍ତୁ ଏହି ଯୋଜନା ବାସ୍ତବରେ କାର୍ଯ୍ୟରେ ଆସୁ ନ ଥିବା ଦେଖିବାକୁ ମିଳିଛି । ବିଦ୍ୟାଳୟରେ ନାହିଁ ଆବଶ୍ୟକୀୟ ଶୈକ୍ଷିକ ପରିବେଶ । ତାହା ସାଙ୍ଗକୁ ଗୋଟି କୋଠରୀରେ ଚାଲିଛି କାର୍ଯ୍ୟାଳୟ ସମେତ ୫ ଗୋଟି ଶ୍ରେଣୀ । ଏଭଳି ଘଟଣା ଦେଖିକାକୁ ମିଳିଛି ଯାଜପୁର ବ୍ଲକ ରୁଦ୍ରପୁର ପଂଚାୟତ ବଡନୁଣ୍ଡପୁରସ୍ଥିତ ନୁଣ୍ଡପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ କ୍ଷେତ୍ରରେ । ଏଠାରେ ଆବଶ୍ୟକୀୟ ଭିତି ଭୂମି ନାହିଁ । ଏହି ବିଦ୍ୟାଳୟରେ ୧ମରୁ ୫ ମ ଯାଏ ଶ୍ରେଣୀ ପର୍ଯ୍ୟନ୍ତ ୫୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଥିବା ବେଳେ ୪ ଜଣ ଶିକ୍ଷକ ନିୟୋଜିତ ଅଛନ୍ତି । ମାତ୍ର ଶୈକ୍ଷିକ ବାତାବରଣ ଅଭାବରୁ ଏଠାରେ ଶିକ୍ଷା ଦାନ ସମୟରେ ଅନେକ ଅସୁବିଧା ହେଉଛି । ସୂଚନା ମୁତାବକ ଏଠାରେ ପ୍ରଥମରୁ ୫ମ ଶ୍ରେଣୀ ପାଇଁ ମାତ୍ର ଗୋଟିଏ ଶ୍ରେଣୀ ଗୃହ ରହିଛି । ଯାହାଫଳରେ ଶିକ୍ଷାଦାନ କ୍ଷେତ୍ରରେ ଘୋର ସମସ୍ୟା ସୃଷ୍ଟି ହେଉଛି । ଏବଂ ଏହି ଶ୍ରେଣୀ ଗୃହରେ ମଧ୍ୟ କାର୍ଯ୍ୟାଳୟ ଚାଲୁଛି । ଅସ୍ୱାସ୍ଥ୍ୟ ପରିବେଶ ମଧ୍ୟରେ ଏଠାରେ ଛାତ୍ରଛାତ୍ରୀମାନେ ପାଠ ପଢିବା ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି । ଅନ୍ୟପକ୍ଷେ ଏହି ବିଦ୍ୟାଳୟକୁ ଯିବା ପାଇଁ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କ ପାଇଁ ର୍‌ୟାମ୍ପ ନାହିଁ । ଫଳରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଯିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଥିପ୍ରତି ଶିକ୍ଷା ବିଭାଗ ଅତି ଗୁରୁତର ସହ ନେଇ ବିଦ୍ୟାଳୟର ଆବଶ୍ୟକୀୟ ଭିତି ଭୂମିର ବିକାଶ ପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# କନ୍ଧମାଳ ଜିଲ୍ଲାର ୬ଷ୍ଠ ଜିଲ୍ଲା ପରିଷଦ ଅଧ୍ୟକ୍ଷା ହେଲେ ନନ୍ଦିନୀ ମଲ୍ଲିକ

କନ୍ଧମାଳ,୧୪/୦୩ (ନି.ପ୍ର): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ଚାଲିଥିବା ଯୁଦ୍ଧର ଅନ୍ତ ଘଟିଛି । କନ୍ଧମାଳ ଜିଲ୍ଲାର ୬ଷ୍ଠ ତମ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାବରେ ବିଜୁ ଜନତାଦଳର ପ୍ରାର୍ଥିନୀ ନନ୍ଦିନୀ ମଲ୍ଲିକ ଶେଷରେ ନିର୍ବାଚିତ ହୋଇଛନ୍ତି । ବାଲିଗୁଡା ଜିଲ୍ଲା ପରିଷଦ ୧୫ ନମ୍ବର ଜୋନରୁ ବିଜୟ ଲାଭ କରିଥିବା ବିଜୁ ଜନତା ଦଳର ନନ୍ଦିନୀ ମଲ୍ଲିକ ଆଜି କନ୍ଧମାଳ ଜିଲ୍ଲା ଜିଲ୍ଲା ପରିଷଦ ଅଧ୍ୟକ୍ଷା ପଦବୀ ପାଇଁ ତାଙ୍କର ନାମାଙ୍କନ ପତ୍ର ଦାଖଲ କରିଥିଲେ । ସେହିପରି ଜିଲ୍ଲାର କୋଟଗଡ ୧ ନମ୍ବର ଜୋନର ଜିଲ୍ଲା ପରିଷଦ ପ୍ରାର୍ଥିନୀ ଜିରିମିଆ ମୁଠାମାଝୀ କଂଗ୍ରେସ ଦଳର ପ୍ରାର୍ଥିନୀ ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ପାଇଁ ମଧ୍ୟ ନାମାଙ୍କନ ପତ୍ର ଦାଖଲ କରିଥିଲେ । ଏହି ନାମାଙ୍କନ ପତ୍ର ଦାଖଲ ପରେ ଜିଲ୍ଲାର ୧୮ଟି ଜୋନର ସମସ୍ତ ଜିଲ୍ଲା ପରିଷଦ ପ୍ରାର୍ଥି ମାନେ ସେମାନଙ୍କର ମତଦାନ କରିଥିଲେ । କନ୍ଧମାଳ ଜିଲ୍ଲାପାଳ ଡ.ବୃନ୍ଦା ଡି ଙ୍କ ଉପସ୍ଥିତିରେ ଜିଲ୍ଲା ପଂଚାୟତ ଅଧିକାରୀ ରତୀକାନ୍ତ ଆଚାର୍ଯ୍ୟ ନିର୍ବାଚନ ପରିଚାଳନା କରିଥିଲେ । ଶେଷରେ ଭୋଟ ଗଣତି ପରେ ବିଜୁ ଜନତା ଦଳର ପ୍ରାର୍ଥିନୀ ନନ୍ଦିନୀ ମଲ୍ଲିକଙ୍କ ସପକ୍ଷରେ ୧୩ ଟି ଭୋଟ ମିଳିଥିବା ବେଳେ କଂଗ୍ରେସ ଦଳର ପ୍ରାର୍ଥିନୀ ଜିରିମିଆ ମୁଠାମାଝୀଙ୍କୁ ୪ଟି ଭୋଟ ମିଳିଥିବା ଜଣାପଡିଛି । ଆଉ ଗୋଟିଏ ଭୋଟ ନାକଚ ହୋଇଥିବା ନେଇ ଜିଲ୍ଲା ପଂଚାୟତ ଅଧିକାରୀଙ୍କ ସୁତ୍ରରୁ ଜଣାପଡିଛି । ଶେଷରେ ଜିଲ୍ଲାପାଳ ବିଜୁ ଜନତା ଦଳର ପ୍ରାର୍ଥିନୀ ନନ୍ଦିନୀ ମଲ୍ଲିକଙ୍କୁ କନ୍ଧମାଳ ଜିଲ୍ଲାର ନୁତନ ଏବଂ ୬ଷ୍ଠ ତମ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାବରେ ଘୋଷଣା କରିଛନ୍ତି । ଏଠାରେ ସୁଚନା ଯୋଗ୍ୟକି ପୁର୍ବରୁ ହୋଇଥିବା ଜିଲ୍ଲା ପରିଷଦ ନିର୍ବାଚନରେ କନ୍ଧମାଳ ଜିଲ୍ଲାର ୧୮ ଟି ଆସନ ମଧ୍ୟରୁ ବିଜୁ ଜନତା ଦଳ ୧୩ ଟି ଆସନରେ ବିଜୟ ଲାଭ କରିଥିବା ବେଳେ କଂଗ୍ରେସ ଦଳ ୩ ଟି ଏବଂ ଭାଜପା ୨ ଟି ଆସନରୁ ବିଜୟ ଲାଭ କରିଥିଲା ।

# ବନବାସୀ କଲ୍ୟାଣ ଆଶ୍ରମ ତରଫରୁ ବୈଠକ

ଜୟପୁର , ୧୩ ମାର୍ଚ୍ଚ (ହି.ସ.) ବନବାସୀ କଲ୍ୟାଣ ଆଶ୍ରମ କୋରାପୁଟ ଜିଲା ତରଫରୁ ଜନଜାତୀ ସୁରକ୍ଷା ମଂଚ ଜିଲା ସମ୍ମିଳନିର ପ୍ରସ୍ତୁତି ବୈଠକ ଜୟପୁର ଜୟନଗର ସ୍ଥିତ ପଂଚବଟି କଲ୍ୟାଣ ମଣ୍ଡପ ଠାରେ ଆୟୋଜନ ହୋଇଛି । ବୈଠକରେ ଜିଲାର ବିଭିନ୍ନ କାଯ୍ୟକତା ମାନେ ଯୋଗ ଦେଇଥିଲେ । ଆଗାମୀ ଏପ୍ରିଲ ୨୪ ତାରିଖ ଦିନ ଜୟପୁର ରେ ଏକ ଜିଲା ସ୍ତରିୟ ସମ୍ମିଳନି କରାଯିବା ନିମନ୍ତେ ନିଷ୍ପତି ହୋଇଛି । ବିଭାଗ ସଂଗଠନ ମନ୍ତ୍ରୀ ରତି କାନ୍ତ ପ୍ରଧାନ, ଜିଲା ସଂଗଠନ ମନ୍ତ୍ରୀ ଧନ ଭତ୍ରା, ଶିକ୍ଷାବିତ ଗଙ୍ଗା ଧର ନନ୍ଦ, ନଗର ସଭାପତି ଶଶି ଭୁଷଣ ପଟ୍ଟନାୟକ, ନଗର ସମ୍ପାଦକ ଲକ୍ଷ୍ମୀ କାନ୍ତ ମିଶ୍ର ପ୍ରମୁଖ କାଯ୍ୟକତା ସମ୍ମିଳନିର ସଫଳ ରୁପାୟନ ନିମନ୍ତେ ମତବ୍ୟକ୍ତ କରିଥିଲେ । ହରି ବନ୍ଧୁ କେନ୍ଦୁ, ସୁଶିଳ ପାତ୍ର, ପଦ୍ମା ନାୟକ, ସୁନା ମଣି ଭତ୍ରା, ତିଳ ପାଙ୍ଗି, ମଙ୍ଗଳ ସମରଥ, ଯମୁନା ଦେବି ପ୍ରମୁଖ ଉପସ୍ଥିତି ଥିଲେ ।

# ଆୟବା ଗ୍ରାମରେ ବିଶ୍ୱଶାନ୍ତି ମହାଯଜ୍ଞ

କେନ୍ଦ୍ରାପଡ଼ା,୧୪/୦୩ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଆୟବା ଗ୍ରାମରେ ୫ଦିନ ବ୍ୟାପି ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଗ୍ରାମର ପ୍ରସିଦ୍ଧ ଶିବ ମନ୍ଦିର ସ୍ୱପ୍ନେଶ୍ୱର ମହାଦେବଙ୍କ ପୀଠରେ ଏହି ବିଶ୍ୱଶାନ୍ତି ମହାଯଜ୍ଞ ବୈଦିକ ରୀତିରେ ଅଙ୍କୁରା ରୋପଣ, କଳସ ଯାତ୍ରା କରାଯାଇଥିଲା ।

# ଭୋଟ ପୂର୍ବରୁ ଜନ ପ୍ରତିନିଧିଙ୍କ ଭୋଟରଙ୍କୁ ପୁଳା ପୁଳା ପ୍ରତିଶ୍ରୁତି

କନ୍ଧମାଳ ,୧୪/୦୩ (ନି.ପ୍ର): ୫ ବର୍ଷକୁ ଥରେ ଅନୁଷ୍ଠିତ ହେଉଛି ପଂଚାୟତ ନିର୍ବାଚନ । ଗାଁ ଗହଳିରେ ରହୁଥିବା ସାଧାରଣ ଜନତାଙ୍କୁ ସରକାରୀ ସୁବିଧା ମିଳିବା ସହିତ ନିଜ ନିଜର ପଂଚାୟତର ବିକାଶ ହେବା ଆଶାରେ ଭୋଟରମାନେ ସେମାନଙ୍କର ପ୍ରାର୍ଥୀଙ୍କୁ ନିଜର ବହୁ ମୂଲ୍ୟବାନ ଭୋଟ ଦେଇ ଜିତାଇ ଆସୁଛନ୍ତି । ନିର୍ବାଚନ ଫଳରେ ଜନସାଧାରଣ ମାନଙ୍କ ଦ୍ୱାରା ଜନ ପ୍ରତିନିଧିଙ୍କୁ କ୍ଷମତା ମିଳୁଛି କିନ୍ତୁ ଜନ ସାଧାରଣଙ୍କ ବିକାଶରେ ଟିକିଏ ମଧ ପରିବର୍ତ୍ତନ ହେଉନି । ଅପରପକ୍ଷରେ ଭୋଟଦେଇ ଜନ ପ୍ରତିନିଧି ଚୟନ କରୁଥିବା ଭୋଟରମାନଙ୍କ ବୟସ ଦିନକୁ ଦିନ ଗଡ଼ି ଯାଉଥିଲେ ମଧ ସେହି ଅନୁସାରେ ନିଜ ଅଂଚଳର ବିକାଶ କିମ୍ବା ଲୋକଙ୍କୁ ସାଧାରଣ ସୁବିଧା ଟିକକ ମିଳିପାରୁନି । ୫ବର୍ଷକୁ ଥରେ ହେଉଥିବା ନିର୍ବାଚନ ଜନ ପ୍ରତିନିଧିଙ୍କ ପାଇଁ ସବୁ କିଛି ହୋଇଥିବା ବେଳେ ସାଧାରଣ ଲୋକଙ୍କ ପାଇଁ ଏହାର କୌଣସି ମୂଲ୍ୟବୋଧ ନାହିଁ । କେବଳ ଭୋଟଦାନ କେନ୍ଦ୍ରରେ ଲମ୍ବା ଲାଇନ ଲଗାଇ ଭୋଟ ଦେଇ ନିଜର ମୌଳିକ ଅଧିକାର ସାବ୍ୟସ୍ତ କରି ନିଜକୁ ନିଜେ ଗର୍ବ ଅନୁଭବ କରି ନିର୍ବାଚିତ ହୋଇଥିବା ଜନ ପ୍ରତିନିଧିଙ୍କ ଦ୍ୱାରା ନିଜ ଅଂଚଳର ବିକାଶକୁ ଅନେଇ ବସିଥାନ୍ତି । କିନ୍ତୁ ନିର୍ବାଚନରେ ବିଜୟୀ ହେବା ପରେ ପରେ ବିଜୟୀ ପ୍ରାର୍ଥୀ ଭୋଟ ପୂର୍ବରୁ ଦେଇଥିବା ପୁଳା ପୁଳା ପ୍ରତିଶୃତି ସମ୍ପୂର୍ଣ୍ଣ ଭାବେ ଭୁଲି ଯାଉଛନ୍ତି । ଏହିଭଳି ପରିସ୍ଥିତିରେ ଦାରିଙ୍ଗବାଡି ବ୍ଲକର ଶତାଧିକ ଭୋଟରଙ୍କ ପାଇଁ ପଂଚାୟତ ନିର୍ବାଚନ ବର୍ତମାନ ଏକ ପ୍ରହେଳିକା ସଦୃଶ ହୋଇଥିବା ଜନ ସାଧାରଣ ମାନେ ପ୍ରକାଶ କରିଛନ୍ତି । ଆଦିବାସୀ ଅଧୁଷିତ କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ବ୍ଲକର ୨୫ଟି ପଂଚାୟତର ଉନ୍ନତି ପାଇଁ ରାଜ୍ୟ ରାଜକୋଷରୁ କୋଟିକୋଟି ଟଙ୍କାର ଅନୁଦାନ ଆସୁଛି । କିନ୍ତୁ ତାହା ଅନେକ କ୍ଷେତ୍ରରେ ବାଟମାରଣା ହେଉଥିବା ଯୋଗୁଁ ସାଧାରଣ ଲୋକଙ୍କୁ ସରକାରଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଜନ ହିତକର ଯୋଜନାର ସୁଫଳ ଲୋକଙ୍କୁ ମିଳୁନଥିବା ଅଂଚଳବାସୀ ଅଭିଯୋଗ କରିଆସୁଛନ୍ତି । ସାଧାରଣ ଲୋକଟିଏ ଆଜି ପର୍ଯ୍ୟନ୍ତ ମୌଳିକ ସୁବିଧା ପାଇବାରୁ ବଂଚିତ । ଗମନାଗମନ ପାଇଁ ରାସ୍ତାଘାଟ ସମସ୍ୟା ହେଉ ଅବା ପିଇବା ପାଇଁ ସ୍ୱଚ୍ଛ ପାନୀୟ ଜଳ, ବିଦ୍ୟୁତ ସମସ୍ୟା ସହିତ ରାଜ୍ୟ ସରକାରଙ୍କ ରାସନ୍ କାର୍ଡ ଓ ସରକାରୀ ଯୋଜନାରେ ମୁଣ୍ଡ ଗୁଞ୍ଜିବା ପାଇଁ ଘରଖଣ୍ଡିଏ ଇତ୍ୟାଦି ପାଇବା ପାଇଁ ପ୍ରକୃତ ଯୋଗ୍ୟ ହିତାଧିକାରୀଙ୍କୁ ମିଳିପାରୁନାହିଁ । ଯୋଗ୍ୟ ହିତାଧିକାରୀ ମାନେ ନିଜେ ନିର୍ବାଚିତ କରିଥିବା ଜନ ପ୍ରତିନିଧିଙ୍କ ପାଖକୁ ସୁବିଧା ଟିକକ ପାଇବା ପାଇଁ ବର୍ଷ ବର୍ଷ ଧରି ଦୌଡୁଥିଲେ ମଧ ସେମାନଙ୍କୁ ନିଜର ହକ୍ ମିଳିପାରୁନାହିଁ । ବ୍ଲକ ର ଶତାଧିକ ଅସହାୟ ନିରୀହ ଗରିବ, ଦିନ ମଜୁରିଆ,ବିଧବା, ପଛୁଆ ବର୍ଗର ଲୋକଙ୍କ ନିକଟରେ ନିର୍ବାଚନ ବେଳେ ପ୍ରାର୍ଥୀ ଭୋଟ ପାଇଁ ସେମାନଙ୍କୁ ବିଭିନ୍ନ ପ୍ରତିଶ୍ରୁତି ଦେଇ ପରେ ସବୁ କିଛି ଭୁଲି ଯାଆନ୍ତି । ଅପରପକ୍ଷରେ ଯୋଗ୍ୟ ହିତାଧିକାରୀମାନେ ସରକାରୀ ଯୋଜନାରୁ ବଂଚିତ ହେଉଥିବା ବେଳେ ଅଯୋଗ୍ୟ ହିତାଧିକାରୀ ତଥା ଆର୍ଥିକ ସ୍ୱଚ୍ଛଳ ଥିବା ବ୍ୟକ୍ତି ମାନେ ଶାସକ ଦଳର ନେତା କର୍ମୀଙ୍କୁ ଧରି କିଛି ଅସାଧୁ ସରକାରୀ କର୍ମଚାରୀଙ୍କୁ ଆୟୁଧ କରି ବିଭିନ୍ନ ସରକାରୀ ସହାୟତା ହାତେଇ ନେଉଛନ୍ତି । ଦାରିଙ୍ଗବାଡି ବ୍ଲକ ର ଦାରିଙ୍ଗବାଡି ପଂଚାୟତ ସମେତ ଗୁମିକିଆ,ବୁଢ଼ାଗୁଡା ,ବାଡ଼ାବାଙ୍ଗା ,ସୋନପୁର,କାଟିଙ୍ଗିଆ, କୁମ୍ଭାରୀଗାଁ, ବ୍ରାହ୍ମଣୀଗାଁ, ଗଦାପୁର, ତାଜୁଙ୍ଗିଆ, ହାତିମୁଣ୍ଡା, ସରାମୂଳି,ସିର୍କାବର୍ଗ ସମେତ ଝିଞ୍ଜିରିଗୁଡ଼ା ଦାସିଙ୍ଗବାଡ଼ି କିରିକୁଟି ଆଦି ପଂଚାୟତର ବହୁ ଯୋଗ୍ୟ ହିତାଧିକାରୀମାନଙ୍କୁ ବିଭିନ୍ନ ଯୋଜନାର ସୁଫଳ ମିଳିନଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଛି । ନିର୍ବାଚନ ପରେ ନିର୍ବାଚନ ଆସୁଥିଲେ ମଧ ସେମାନଙ୍କ ଜୀବନ ଶୈଳୀରେ କୌଣସି ପରିବର୍ତନ ହେଉନଥିବା ଦେଖିବାକୁ ମିଳୁଛି । ଏମିତି କି ଅନେକ ଲୋକେ ପରିଣତ ବୟସରେ ପହଂଚି ସରକାରୀ ସହାୟତା କୁ ଅପେକ୍ଷା କରିଥିଲେ ସୁଦ୍ଧା ସେମାନଙ୍କୁ ସରକାରୀ ସହାୟତା ମିଳୁନଥିବା ବେଳେ ନିଜ ଅଂଚଳର ଆଖି ଦୃଶିଆ ବିକାଶ ହୋଇନଥିବା ଲୋକମାନେ କହିଛନ୍ତି । ନିର୍ବାଚନରେ ନିର୍ବାଚିତ ହେବା ପରେ ୫ବର୍ଷରେ ଜନ ପ୍ରତିନିଧିମାନଙ୍କର ଜୀବନ ଶୈଳୀ ସମ୍ପୂର୍ଣ୍ଣ ବଦଳି ଯାଉଥିବା ବେଳେ ସାଧାରଣ ଲୋକଙ୍କ ଜୀବନଶୈଳୀରେ କୌଣସି ପରିବର୍ତନ ହୋଇ ପାରୁନାହିଁ । ଏଇ କିଛି ଦିନ ହେବ ଶେଷ ହୋଇଛି ପଂଚାୟତ ନିର୍ବାଚନ । ନିର୍ବାଚନ ପୂର୍ବରୁ ନିଜନିଜର ପ୍ରାର୍ଥୀ ମାନେ ଲୋକଙ୍କୁ ପ୍ରତିଶୃତିର ପାହାଡ଼ରେ ପୋତି ଭୋଟ ହାସଲ କରିଛନ୍ତି । ତେବେ ପ୍ରତିଶୃତି ପାଇ ସାଧାରଣ ଭୋଟରଟିଏ ଭୋଟ୍ ଦେଇ ପାଉଛନ୍ତି କ’’ଣ ? ନବ ନିର୍ବାଚିତ ଜନ ପ୍ରତିନିଧି ମାନେ କେତେକାଂଶ ରେ ସେମାନଙ୍କ ପ୍ରତିଶ୍ରୁତି ପାଳନ କରିବେ ତାହାକୁ ହିଁ ଅପେକ୍ଷା ।

# ଗୀତାଞ୍ଜଳି ସେଠୀ କେନ୍ଦ୍ରାପଡା ଜିଲ୍ଲା ପରିଷଦ ଅଧକ୍ଷ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

କେନ୍ଦ୍ରାପଡ଼ା,୧୪/୦୩ (ନି.ପ୍ର): ବରିଷ୍ଠ ବିଜେଡି ନେତ୍ରୀ ତଥା ୧୩ନଂ ଜିଲ୍ଲା ପରିଷଦ ଜୋନର ସଭ୍ୟା ଗିତାଞ୍ଜଳୀ ସେଠୀ କେନ୍ଦ୍ରାପଡା ଜିଲ୍ଲା ପରିଷଦର ଅଧକ୍ଷା ଭାବେ ନିଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । କେନ୍ଦ୍ରାପଡା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ରବିବାର ପୂର୍ବାହ୍ନରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ପୂର୍ବରୁ ଦଳୀୟ ହାଇ କମାଣ୍ଡ ଗିତାଞ୍ଜଳୀଙ୍କ ନାମ ଉପରେ ମୋହର ମାରି ଥିବାରୁ ତାଙ୍କ ନାମ ପ୍ରସ୍ତାବ ଆସିବା ମାତ୍ରେ ଅନ୍ୟ କେହି ପ୍ରତିଦ୍ୱନ୍ଦି ନଥିବାରୁ ଗିତାଞ୍ଜଳୀଙ୍କୁ ସଭାନେତ୍ରୀ ଅଧକ୍ଷା ଭାବେ ଘୋଷଣା କରା ଯାଇଥିଲା । ଗିତାଞ୍ଜଳୀ ଜଣେ ଉଚ୍ଚ ଶିକ୍ଷିତା ତଥା ସାହସୀ ମହିଳା ନେତ୍ରୀ ଭାବେ କେନ୍ଦ୍ରାପଡାରେ ବେଶ ପରିଚିତ । ସେ ବିଏ ସହ ବିଇଡି ତାଲିମ ନେଇ ଶିକ୍ଷକତା ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ ମଧ ଘଟଣା କ୍ରମେ ରାଜନୀତି ସହ ସମ୍ପୃକ୍ତ ହୋଇଥିଲେ । ଦୀର୍ଘ ୨୫ ବର୍ଷର ରାଜନୈତିକ ଜୀବନରେ ଜିଲ୍ଲା ପରିଷଦକୁ ନିର୍ବାଚିତ ହୋଇ ୨୦୦୨ ମସିହାରୁ ୨୦୦୭ ମସିହା ପର୍ଯ୍ୟନ୍ତ ପରିଷଦର ଉପାଧକ୍ଷା ଭାବେ ଦକ୍ଷତାର ସହ କାର୍ଯ୍ୟ ନିର୍ବାହ କରିଥିଲେ । ତେବେ କେନ୍ଦ୍ରାପଡା ଜିଲ୍ଲାର ୩୨ଜଣ ଜିଲ୍ଲା ପରିଷଦ ସଦସ୍ୟଙ୍କୁ ନେଇ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ୨୪ନଂ ଜୋନ ସଦସ୍ୟ ପ୍ରମୋଦ କୁମାର ରଥ ଗିତାଞ୍ଜଳୀଙ୍କ ନାମ ପ୍ରସ୍ତାବ କରିବା ପରେ ୧୬ନଂ ଜୋନର ସଭ୍ୟା ଜ୍ୟୋତିର୍ମୟୀ ବେହେରା ଏହାକୁ ସମର୍ଥନ କରିଥିଲେ । ଅନ୍ୟ କେହି ପ୍ରତିଦ୍ୱନ୍ଦୀ ନଥିବାରୁ ଗିତାଞ୍ଜଳୀ ସର୍ବ ସମ୍ମତି କ୍ରମେ ନିଦ୍ୱନ୍ଦରେ ଅଧକ୍ଷା ଭାବେ ନିର୍ବାଚିତ ହୋଇଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା ଙ୍କ ସମେତ ସମସ୍ତ ସଭ୍ୟ ସଭ୍ୟା ଓ ମତଦାତା ମାନଙ୍କୁ ସେ କୃତଜ୍ଞତା ଜଣାଇଥିଲେ ।

# ବାଇକ ସହ ଗଞ୍ଜେଇ ଜବତ ଜଣେ ଗିରଫ

ଜୟପୁର,୧୪/୦୩ (ନି.ପ୍ର): ଜୟପୁର ସଦର ପୋଲିସ ଗଞ୍ଜେଇ ଚାଲାଣ ବେଳେ ଚଢାଉ କରି ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଅଂଚଳର ପୁରୁସତି ହନ୍ତାଳ (୨୫) । ଜୟପୁର ସଦର ପୋଲିସ ଜାତୀୟ ରାଜପଥ ୨୬ ର ଆମ୍ବାଗୁଡା ଶୀତଳ ଭଣ୍ଡାର ନିକଟରେ ଏମ ଭି ଚାଙ୍ଗି କରୁଥିବ ବେଳେ ହଣ୍ଡା ସାଇନ ବାଇକ କୁ ଯାଂଚ କରିଥିଲା । ସେହି ସମୟରେ ଗଞ୍ଜେଇ ଥିବା ଜାଣି ଅଭିଯୁକ୍ତ କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଅଂଚଳର ପୁରୁସତି ହନ୍ତାଳ (୨୫) । ତା ଠାରୁ ୪୬ କେଜି ଗଞ୍ଜେଇ ଜବତ କରିଛି । ଏହା ସହ ୨ଟି ମୋବାଇଲ ହୋଣ୍ଡା ସାଇନ ବାଇକ ଜବତ କରିଛି । ଚିତ୍ରକୋଣ୍ଡା ଠାରୁ ନବରଙ୍ଗପୁର ଗଞ୍ଜେଇ ଚାଲାଣ ହୋଉଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି । ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।


# ଦେଶୀ ଏ.ସି.ର ଉଦ୍ଭାବିକା

ଝାନସୀର ଷୋହଳ ବର୍ଷୀୟା ଝିଅ କଲ୍ୟାଣୀ ଶ୍ରୀବାସ୍ତବ ଜଣେ କଣ୍ଠଶିଳ୍ପୀ । ହେଲେ ତାଙ୍କ ଭିତରେ ଯେ ବିସ୍ମୟଜନକ ବୈଷୟିକ ଜ୍ଞାନକୌଶଳ ରହିଛି, ତାହା ଜାଣି ଆଜି ଦେଶବିଦେଶରେ ବିସ୍ମୟ ସୃଷ୍ଟି ହୋଇଛି । ମାତ୍ର ୧୮୦୦ ଟଙ୍କା ଅର୍ଥରାଶିରେ ଏୟାର କଣ୍ଡିସର ଯନ୍ତ୍ର ତିଆରି କରିବାରେ ସମର୍ଥ ହେଇଛନ୍ତି । କଲ୍ୟାଣୀଙ୍କ ନିର୍ମିତ ଶୀତତାପ ନିୟନ୍ତ୍ରିତ ଯନ୍ତ୍ରକୁ ରାଷ୍ଟ୍ରୀୟ ସ୍ତରର ମଡେଲ ପ୍ରତିଯୋଗିତା ପାଇଁ ଚୟନ କରାଯାଇଛି । ଉତ୍ତର ପ୍ରଦେଶ ସରକାରଙ୍କ 'ନାରୀ ସମ୍ମାନ' କ୍ରମରେ କଲ୍ୟାଣୀଙ୍କୁ ସମ୍ମାନିତ କରାଯାଇଛି । କଲ୍ୟାଣୀଙ୍କ ଏଭଳି ପ୍ରତ୍ୟୁତ୍ପନ୍ନମତିତା ଓ ସଫଳତା ଝିମାନଙ୍କ ପାଇଁ ପ୍ରେରଣା ପାଲଟିଛି ।







ବର୍ତ୍ତମାନ ସମୟରେ କୁନି କୁନି ପିଲାମାନେ ଉତ୍ସାହ ଉଦ୍ୟମ ବଳରେ ଅନେକ ଅସମ୍ଭବ କାର୍ଯ୍ୟକୁ ସମ୍ଭବ କରି ଦେଖାଇପାରୁଛନ୍ତି । ସେମାନଙ୍କ ଠାରେ ମଧ୍ୟ ବିବିଧ ସୃଜନଶୀଳତା ଭରି ରହିଥିବାର




ଦେଖିବାକୁ ମିଳୁଛି । ଏମିତି ଏକ କାର୍ଯ୍ୟକୁ ସମ୍ଭବ କରି ଦେଖାଇଛନ୍ତି ଉତ୍ତର ପ୍ରଦେଶ ଝାନସୀର ଝିଅ କଲ୍ୟାଣୀ ଶ୍ରୀବାସ୍ତବ । କଲ୍ୟାଣୀ ଶ୍ରୀବାସ୍ତବ ମାତ୍ର ୧୮୦୦ ଟଙ୍କା ଅର୍ଥରାଶିରେ ଏୟାର କଣ୍ଡିସନର ଅର୍ଥାତ୍ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ତିଆରି କରିବାରେ ସମର୍ଥ ହେଇଛନ୍ତି । କଲ୍ୟାଣୀ ଝାନସୀର ଲୋକମାନ୍ୟ ତିଲକ କଲେଜର ଦ୍ୱାଦଶ ଶ୍ରେଣୀର ଛାତ୍ରୀ । ତାଙ୍କ ବାପା ବେସିକ୍ ଏଜୁକେସନ ବିଭାଗରେ ଶିକ୍ଷକ ଭାବେ କାର୍ଯ୍ୟରତ । କଲ୍ୟାଣୀଙ୍କ ମା' ମଧ୍ୟ ଜଣେ ଶିକ୍ଷୟିତ୍ରୀ । କଲ୍ୟାଣୀ ଶ୍ରୀବାସ୍ତବଙ୍କ ପ୍ରସ୍ତୁତ ଏହି ଦେଶୀ ଏୟାର କଣ୍ଡିସନରଟି ଥର୍ମୋକୁଲରେ ତିଆରି ହୋଇଥିବା ,କ ବରଫ ବାକ୍ସ । ଏଥିରୁ ପ୍ରାୟ ୧୨ ଭୋଲ୍ଟ ଡିସି ପଙ୍ଖାରୁ ପବନ ବାହାରିଥାଏ । ଫଳସ୍ୱରୂପ ,ସିରେ ପ୍ରାୟ ୧ଘଣ୍ଟା ପର୍ଯ୍ୟନ୍ତ ତାପମାତ୍ରା ୪ରୁ ୫ଡିଗ୍ରୀ ତଳକୁ ଖସିଯାଇଥାଏ । ଏହା ପରିବେଶକୁ ମଧ ପ୍ରଦୂଷିତ କରି ନଥାଏ । ତେବେ ଏହି ଶୀତତାପ ନିୟନ୍ତ୍ରିତ ଯନ୍ତ୍ରଟି ସ୍ୱଳ୍ପ ମୂଲ୍ୟରେ ପ୍ରସ୍ତୁତ ହୋଇପାରୁଛି । ଅର୍ଥାଭାବରୁ ଏସି ବ୍ୟବହାରରୁ ବଞ୍ଚିତ ହେଉଥିବା ଗରିବ ଲୋକଙ୍କ ପାଇଁ ଏଭଳି ଏସି ନିଶ୍ଚିତ ଭାବେ ଉପାଦେୟ । ଏହାର ବ୍ୟବହାର ଫଳରେ ବିଜୁଳି ମଧ୍ୟ ସଞ୍ଚୟ ହେଇପାରିବ । କାରଣ ଏହା ସୌରଶକ୍ତି ଦ୍ୱାରା ଚାଳିତ ହୋଇଥାଏ । କଲ୍ୟାଣୀଙ୍କ ନିର୍ମିତ ଶୀତତାପ ନିୟନ୍ତ୍ରିତ ଯନ୍ତ୍ରକୁ ରାଷ୍ଟ୍ରୀୟ ସ୍ତରର ମଡେଲ ପ୍ରତୀଯୋଗିତା ପାଇଁ ଆଇଆଇଟି - ଡି ଦ୍ୱାରା ଚୟନ କରାଯାଇଛି । ଗତବର୍ଷ ଉତ୍ତର ପ୍ରଦେଶ ସରକାରଙ୍କ ଦ୍ୱାରା ଆରମ୍ଭ ହେଇଥିବା 'ନାରୀ ସମ୍ମାନ' କ୍ରମରେ କଲ୍ୟାଣୀଙ୍କୁ ସମ୍ମାନିତ କରାଯାଇଥିଲା । କ୍ରୀଡ଼ା, ଶିକ୍ଷା, କଳା ଓ ସାମଜିକ କାର୍ଯ୍ୟରେ ଉତ୍କୃଷ୍ଟ ପ୍ରଦର୍ଶନ କରୁଥିବା ମହିଳାମାନଙ୍କୁ ଉତ୍ତର ପ୍ରଦେଶ ସରକାର ଏହି ସମ୍ମାନ ପ୍ରଦାନ କରୁଛନ୍ତି । କେବଳ ଦେଶ ଭିତରେ ନୁହେଁ, କଲ୍ୟାଣୀଙ୍କ ଭିତରେ ଥିବା ଏଭଳି ସୃଜଶୀଳତା ଜାଣି ଜାପାନ ସରକାରଙ୍କ ତରଫରୁ ତାଙ୍କୁ ଏକ ସେମିନାରରେ ଯୋଗଦେବା ପାଇଁ ନିମନ୍ତ୍ରଣ କରାଯାଇଥିଲା । ବିଜ୍ଞାନ କ୍ଷେତ୍ରରେ ନିଜର ପାରଦର୍ଶିତାର ଦେଖାଇଥିବା କଲ୍ୟାଣୀ ମଧ ସୁଲଳିତ କଣ୍ଠରେ ସଙ୍ଗୀତ ପରିବେଷଣ କରନ୍ତି । ସୋନି ଟିଭିରେ ପ୍ରସାରିତ ହେଉଥିବା ଲୋକପ୍ରିୟ ରିୟାଲିଟି ସୋ' 'ଇଣ୍ଡିଆନ ଆଇଡଲ'ରେ ସେ ଅଂଶଗ୍ରହଣ କରିଛନ୍ତି । ଏହାଛଡ଼ା ଲକ୍ଷ୍ନୌ, ଆଗ୍ରା, କାନପୁର ଆଦି ସ୍ଥାନରେ ଆୟୋଜିତ ହେଉଥିବା ସଙ୍ଗୀତ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କଲ୍ୟାଣୀ ପ୍ରଶଂସିତ ହେବା ସହ ପୁରସ୍କୃତ ହୋଇଛନ୍ତି ।

# ଯକୃତର ସୁରକ୍ଷା



ଯକୃତ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ତଥା ସମ୍ବେଦନଶୀଳ ଆଭ୍ୟନ୍ତରୀଣ ଅଙ୍ଗ । ଏହା ପାଚନ ବା ହଜମ କ୍ରିୟାକୁ ତ୍ୱରାନ୍ୱିତ କରାଏ । ଅସ୍ତବ୍ୟସ୍ତ ଜୀବନ, ନିଶାଦ୍ରବ୍ୟ ସେବନ, ବିଶ୍ରାମ ତଥା ପୋଷକଯୁକ୍ତ ଖାଦ୍ୟପେୟ ଅଭାବରୁ ଯକୃତ ପ୍ରଭାବିତ ହୁଏ । ଯକୃତ ବା କଳିଜାରେ ତନ୍ତୁ କମିଗଲେ କିମ୍ବା ପ୍ରବାହ ହେଲେ ଯକୃତର କାର୍ଯ୍ୟଦକ୍ଷତା କମିଯାଏ । ଅତ୍ୟଧିକ ମଦ୍ୟପାନ, ଚର୍ବିଜାତୀୟ ଖାଦ୍ୟ, ହେପାଟାଇଟିସ୍ 'ବି', 'ସି', ଓ 'ଡି' ସଂକ୍ରମଣ, ମଧୁମେହ, ପିତ୍ତକୋଷ ରୋଗ କିମ୍ବା ଅତ୍ୟଧିକ ଲୌହକଣା ଜମିଯିବା ଦ୍ୱାରା ଯକୃତ ଖରାପ ହୁଏ । ଯକୃତ ସଙ୍କୁଚିତ ହୋଇ ଉପରି ଭାଗରେ ଛୋଟ ଛୋଟ ଫୁଲା ବା ଗ୍ରନ୍ଥିକା ସୃଷ୍ଟି ହୋଇ ସିରୋସିସ୍ ରୋଗରେ ରୂପାନ୍ତରିତ ହୁଏ । ଯକୃତରୁ ଜୀବନ୍ତ ତନ୍ତୁ ନେଇ ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ସୂତ୍ର ତନ୍ତୁମୟତାକୁ ମପାଯାଏ । ଏହା ଏକ କଷ୍ଟକର ପରୀକ୍ଷା । ଏହାଦ୍ୱାରା ବେଳେବେଳେ ଆଭ୍ୟନ୍ତରୀଣ ରକ୍ତକ୍ଷରଣ ହୁଏ । ରୋଗୀ ଯନ୍ତ୍ରଣା ପାଏ । ଆଜିକାଲି ଏହି ପରୀକ୍ଷା ଫାଇବ୍ରୋସ୍କାନ୍ ଦ୍ୱାରା କରାଯାଉଛି । ଏହା ଏକ ସୂକ୍ଷ୍ମମାନର ଯନ୍ତ୍ର । ଯନ୍ତ୍ର ଦ୍ୱାରା ସଂଗୃହୀତ ତଥ୍ୟକୁ କମ୍ପ୍ୟୁଟର ମାଧ୍ୟମରେ ନଶ ମିନିଟ୍ ମଧ୍ୟରେ ଜାଣିବା ସମ୍ଭବ ହୋଇଥାଏ । ଏହି ପଦ୍ଧତିରେ ରକ୍ତ କ୍ଷରଣ ହୁଏନାହିଁ । ଅତ୍ୟଧିକ ମୋଟା, ବୟସ୍କ, ପେଟରେ ପାଣି ଜମିଥିବା ବ୍ୟକ୍ତିମାନଙ୍କ କ୍ଷେତ୍ରରେ ଏହି ପରୀକ୍ଷା ଠିକ ଭାବେ କରିହୁଏନାହି । ଗର୍ଭବତୀ ମହିଳା ଓ ହୃଦପିଣ୍ଡର ପେସମେକର ଲାଗିଥିବା ବ୍ୟକ୍ତିଙ୍କର ଫାଇବ୍ରୋସ୍କନିଂ ପରୀକ୍ଷା ନିଷେଧ । ଯକୃତ ନଷ୍ଟ ହେବା ପ୍ରାଣଘାତୀ ହୋଇପାରେ । ଏଥିପ୍ରତି ସଚେତନତା ଜରୁରୀ । ସହଜ ପାଚ୍ୟ, ନିରାମିଷ ଖାଦ୍ୟ, ନିୟମିତ ବ୍ୟାୟାମ ଦ୍ୱାରା ଯକୃତ ସୁରକ୍ଷିତ ରହେ ।

## ଜାଣନ୍ତି କି ?

ପଚାଶ ଟପିବା ପରେ ମହିଳାମାନେ ଓଜନ ନିୟନ୍ତ୍ରଣରେ ନ ରଖିଲେ, ସ୍ତନ କର୍କଟର ଶିକାର ହେବାର ଆଶଙ୍କା ଅଧିକ । ଏହି ସମୟରେ ଏସଟ୍ରୋଜେନ ହରମୋନ କ୍ଷରଣ ବଢ଼ିଥାଏ । ବ୍ୟାୟାମ ଏବଂ ଓଜନ ନିୟନ୍ତ୍ରଣ ଦ୍ୱାରା ଏସଟ୍ରୋଜେନ ସ୍ତର ହ୍ରାସ ପାଏ ।

ମହିଳାମାନେ ସପ୍ତାହରେ ଦୁଇ-ତିନି ଘଣ୍ଟା ଚାଲିବା ଉଚିତ । ଏହା ଦ୍ୱାରା ହୃଦଘାତର ଆଙ୍କା ତିରିଶ ପ୍ରତିଶତ ହ୍ରାସ ପାଏ ।

ମାଇଗ୍ରେନ ଜନିତ ମୁଣ୍ଡ ବିତନ୍ଧାରୁ ରକ୍ଷା ପାଇବା ପାଇ ଦୁଇ ମିଲିଲିଟର ପାଣିରେ ଦୁଇଟି ଲେମ୍ବୁର ରସ, ଅଧ ଚାମଚ ଲେମ୍ବୁ ଚୋପା ଛୋଳା ଏବଂ ଚଉଠେ ଚାମଚ ରକ ସଲଟ ଭଲ ଭାବେ ଗୋଳାଇ, ଧୀରେଧୀରେ ପିଅନ୍ତୁ ।


ପ୍ରୋସଟ୍ରେଟ୍ ସମସ୍ୟା ଥିଲେ ଚିପା ଅନ୍ତର୍ବାସ ବା ପ୍ୟାନଟ ପିନ୍ଧୁନାହିଁ କି ସାଇକେଲିଂ କରନ୍ତୁ ନାହିଁ । ଏହା ସମସ୍ୟାକୁ ଅଧିକ ଜଟିଳ କରେ ।

## କେଉଁଥିରୁ କେତେ କାଲୋରି




ସାଧାରଣ ଭାବେ ୧୦୦ଗ୍ରାମ ଓଜନର କେଉଁ ଖାଦ୍ୟରୁ ଶରୀର କେତେ କାଲୋରି ପାଏ ଜାଣନ୍ତୁ । ଭାତରୁ ୧୧୮ କାଲୋରି, ସମ୍ବର-ଭାତରୁ ୮୪ କାଲୋରି ଓ ଦହି-ଭାତରୁ ୮୭ କାଲୋରି, ମିଠା କାନିକାରୁ ୨୪୪ କାଲୋରି, ଏଣ୍ଡୁରି ପିଠାରୁ ୯୬ କାଲୋରି, ସାଧା ଦୋସାରୁ ୨୧୬ କାଲୋରି, ମସଲା ଦୋସାରୁ ୨୧୨ କାଲୋରି, ଉପମାରୁ ୧୧୮ କାଲୋରି, ଅଟା ରୁଟିରୁ ୩୩୯ କାଲୋରି, ପୁରିରୁ ୪୨୫ କାଲୋରି, ମଇଦା ପୁରିରୁ ୪୮୭ କାଲୋରି, ପରଟାରୁ ୪୬୧ କାଲୋରି, ବୁଟଡାଲିରୁ ୧୮୮ କାଲୋରି, ମୁଗ ଡାଲିରୁ ୧୨୦ କାଲୋରି, ହରଡ଼ ଡାଲିରୁ ୧୧୫ କାଲୋରି, କଫିରୁ ୫୨ କାଲୋରି, ଚାହାରୁ ୩୬ କାଲୋରି, ଗୋ-ଦୁଗ୍ଧରୁ ୬୫ କାଲୋରି, ମଇଁଷି ଖିରରୁ ୧୦୮ କାଲୋରି, ଓମଲେଟରୁ ୧୯୭ କାଲୋରି, ମାଂସ ତରକାରିରୁ ୧୭୨ କାଲୋରି, ମାଂସ କଷାରୁ ୨୩୯ କାଲୋରି, ଭଜା ମାଛରୁ ୨୨୦ କାଲୋରି ଓ ବିରିୟାନୀରୁ ୨୦୧ କାଲୋରି ମିଳେ । ପ୍ରତି ୧୦୦ଗ୍ରାମ ଖାଦ୍ୟରୁ କେତେ କାଲୋରି ମିଳେ ଜାଣିଲେ, ହିସାବ କରି ଆବଶ୍ୟକତା ଅନୁଯାୟୀ ଭୋଜନ କରିବା ସୁବିଧାଜନକ । ଏହାର ସୁଫଳ ସ୍ୱରୂପ ଆମେ ସଚେତନ ହୋଇପାରିବା ଏବଂ ମେଦ ବୃଦ୍ଧିକୁ ନିୟନ୍ତ୍ରଣରେ ରଖିପାରିବା ।

## ଅଷ୍ଟାଙ୍ଗ ନମସ୍କାର



ଗୋଡ଼ ଓ ହାତର ସମସ୍ତ ମାଂସପେଶୀ ମଜଭୂତ କରିବା ସହ ମେରୁଦଣ୍ଡ ପୃଷ୍ଠଦେଶ ଏବଂ ବକ୍ଷଦେଶର ସ୍ୱାସ୍ଥ୍ୟ ପାଇଁ 'ଅଷ୍ଟାଙ୍ଗ ନମସ୍କାର' ଆସନ ଅଭ୍ୟାସ କରନ୍ତୁ । ଉଚ୍ଚ ରକ୍ତ ଚାପ, ପୃଷ୍ଠ ଦେଶରେ କୌଣସି ଗୁରୁତର ସମସ୍ୟା ଏବଂ ହୃଦରୋଗ ଥିଲେ, ଏହା ଅଭ୍ୟାସ କରିବେନାହିଁ । ଏହି ଆସନରେ ସର୍ବଦା ଶ୍ୱାସ ଧରିରଖିବେ । ଚୂଡ଼ାନ୍ତ ଅବସ୍ଥାରେ ପାଦର ସମସ୍ତ ଅଙ୍ଗୁଳି , ଆଣ୍ଠୁ, ବକ୍ଷ, ପାପୁଲି ଓ ଥୋଡ଼ି ଭୂମିରେ ଲାଗିରହିବ । ପ୍ରଥମେ ମୁହଁ ମାଡ଼ି ଶୋଇବେ । ପାପୁଲି ଓ ପାଦ ଅଙ୍ଗୁଳି ଭୂମିରେ ଚାପିରଖି, ଏକ ସଙ୍ଗେ ଆଣ୍ଠୁ, ଛାତି ଓ ଥୋଡ଼ି ଉଠାଇବେ । ସଂଭବ ନ ହେଲେ ପ୍ରଥମେ ଆଣ୍ଠୁ, ତାହା ପରେ ଛାତି ଏବଂ ଶେଷରେ ଥୋଡ଼ି ଉଠାଇବେ । ନିତମ୍ବ ଉତଥିତ ଅବସ୍ଥାରେ ରହିବ ।

# ବସ୍ ବଗିଚା


ପରିବେଶର ସୁରକ୍ଷା ତଥା ତାକୁ ଉତ୍ତାପରୁ ରକ୍ଷା କରିବା ପାଇଁ କର୍ଣ୍ଣାଟକର ଜଣେ ବସ ଚାଳକ ଏକ ନିଆରା ଉପାୟ ଅବଲମ୍ବନ କରିଛନ୍ତି । ଏଥିପାଇଁ ସେ ଅନେକଙ୍କ ନିକଟରେ ପ୍ରଶଂସାର ପାତ୍ର ହୋଇପାରିଛନ୍ତି । ଜନସାଧାରଣଙ୍କୁ ପରିବେଶ ପ୍ରତିତ ସଚେତନ କରିବା ପାଇଁ ବାଙ୍ଗାଲୁରୁ ମେଟ୍ରୋପଲିଟିଆନ କରପୋରେସନ ଲିମିଟେଡରେ କାର୍ଯ୍ୟରତ ଥିବା ଜଣେ ବସ୍ ଚାଳକ ନାରୟଣପ୍ପା ନିଜ ବସରେ ଛୋଟ ଛୋଟ କୁର୍ଡରେ ଚାରା ଗଛ ଲଗାଇଛନ୍ତି । ନାରାୟଣପ୍ପା ତାଙ୍କ ବସକୁ ଏକ 'ମିନି ଗାର୍ଡେନ' ରୂପ ଦେଇଛନ୍ତି । ଏହା ଫଳରେ ବସରେ ଯାତ୍ରା କରୁଥିବା ସମସ୍ତ ଯାତ୍ରୀ ସବୁଜ ପରିବେଶ ସୃଷ୍ଟି କରିବା ଦିଗରେ ଅଧିକ ସଚେତନ ହୋଇପାରିବେ । ଗତ ତିନିରୁ ଚାରି ବର୍ଷ ଧରି ନାରାୟଣପ୍ପା ଏହି କାର୍ଯ୍ୟରେ ନିଜକୁ ନିୟୋଜିତ କରିଛନ୍ତି ଏବଂ କିଭଳି ଭାବରେ ଲୋକଙ୍କ ମଧ୍ୟରେ ପରିବେଶକୁ ସବୁଜିକରଣ କରିବା ନେଇ ସଚେତନତା ବୃଦ୍ଧି ପାଇବ ଏ ନେଇ ମଧ୍ୟ ପ୍ରୟାସ ଜାରି ରଖିଛନ୍ତି । ନାରାୟଣପ୍ପା କର୍ଣ୍ଣାଟକର କଭଲ ବୀରାସାନ୍ଦ୍ରାରୁ ଯଶବନ୍ତପୁର ପର୍ଯ୍ୟନ୍ତ ବସ













ଚଳାଇ ଥାଆନ୍ତି । ପରିବେଶକୁ ନେଇ ତାଙ୍କର ଏଭଳି ପଦକ୍ଷେପକୁ ଅନେକ ପ୍ରକୃତିପ୍ରେମୀ ତଥା ଯାତ୍ରୀମାନେ ବେଶ୍ ପ୍ରଶଂସା କରୁଛନ୍ତି । ପ୍ରାୟ ୨୭ ବର୍ଷ ଧରି ବସ ଚାଳକ ଭାବେ କାର୍ଯ୍ୟ କରିଆସୁଥିବା ନାରାୟଣପ୍ପା ତାଙ୍କ ବସର ଆଗ ଓ ପଛ ପାଖରେ ଛୋଟ ଛୋଟ କୁଣ୍ଡରେ ଚାରା ଗଛ ଲଗାଇଛନ୍ତି । ଖାଲି ସେତିକି ନୁହେଁ ତାଙ୍କ ପରିବାର ମଧ ଏଭଳି ଗଛ ଲଗାଇ ଲୋକଙ୍କୁ ସେଚତନ କରୁଛନ୍ତି । ପରିବେଶକୁ ସବୁଜିମାରେ ଭରିଦେବା ପ୍ରତି ତାଙ୍କର ଆଗ୍ରହ ଓ ଉତ୍ସାହ ଏଭଳି ଏକ ଭ୍ରାମ୍ୟମାଣ ବଗିଚା ନିର୍ମାଣ ପାଇଁ ତାଙ୍କୁ ଅନପ୍ରେରିତ କରିଥିଲା । ପ୍ରତିଦିନ ସକାଳୁ ନାରାୟଣପ୍ପା ନିଜ କାମକୁ ଯିବା ପୂର୍ବରୁ ବସରେ ଲଗାଇଯାଇଥିବା ଗଛରେ ପାଣି ଦେଇଥାନ୍ତି ଓ ତାଙ୍କ ସିଫ୍ଟ ସରିବା ପରେ ମ୍ୟ ସେ ଗଛରେ ପାଣି ଦେଇ ଘରକୁ ଫେରନ୍ତି । ବସରେ ଯାତ୍ରା କରୁଥିବା କଇଛି ଯାତ୍ରୀ ମଧ ଓହ୍ଲାଇବା ସମୟରେ ଗଛରେ ପାଣି ଦେଇ ଯାଇଥାନ୍ତି । କିଛି ଯାତ୍ରୀଙ୍କ କହିବା ଅନୁଯାୟୀ ବସରେ ଏଭଳି ଏକ ମିନି ଗାର୍ଡେନ ଥିବା ହେତୁ ଯାତ୍ରା କରିବା ସମୟରେ ଏହା ତାଙ୍କୁ ସତେଜତାର ଅନୁଭବ ଆଣି ଦେଇଥାଏ । ସେଠାରେ ଲୋକେ ନାରାୟଣପ୍ପାଙ୍କ ଏହି ବସକୁ 'ମିନି ଲାଲବାଗ' ନାଁରେ ଡାକିଥାନ୍ତି । ତେବେ ଆସନ୍ତା ବର୍ଷ ନାରାୟଣପ୍ପା ତାଙ୍କ ଚାକିରି ଜୀବନରୁ ଅବସର ନେବାକୁ ଯାଉଛନ୍ତି । ଏହାପରେ ନାରାୟଣପ୍ପା ତାଙ୍କ ଚାକିରି ଜୀବନରୁ ଅବସର ନେବାକୁ ଯାଉଛନ୍ତି । ଏହାପରେ ନାରାୟଣପ୍ପାଙ୍କ ଦନ୍ଦ୍ୱାରା କରାଯାଇଥିବା ଏହି ଛୋଟ ବଗିଚାଟି ସୁରକ୍ଷିତ ରହିପାରିବ କି ନାହିଁ ଏ ନେଇ ମଧ୍ୟ ପ୍ରଶ୍ନ ଉଠୁଛି । ତେବେ ଏହାକୁ ନେଇ ନାରାୟଣପ୍ପା କୁହନ୍ତି ସେହି ରୁଟରେ ବସ ଚଳାଚଳ କରିବା ପାଇଁ ନିଯୁକ୍ତି କରାଯାଇଥିବା ଜଣେ ମହିଳା ବସ ଚାଳକଙ୍କୁ ସେ ଏହି ମିନି ଗାର୍ଡେନର ଦାୟିତ୍ୱ ଦେବେ ।

## ସନ୍ଧିଚ୍ୟୁତି

କୌଣସି ଦୁର୍ଘଟନାରେ କାନ୍ଧ ହାଡ଼ ଖସିବା ବା ସନ୍ଧିଚ୍ୟୁତି ବା ସନ୍ଧିବିଶ୍ଳେଷ ଅତି ସାଧାରଣ । ଭେଷଜ ପରିଭାଷାରରେ ଏହାକୁ 'ଆକ୍ରୋମିଓ-କ୍ଲାଭିକ୍ୟୁଲାର' କହାଯାଏ । ପୂର୍ବେ ଏଭଳି କ୍ଷେତ୍ରରେ ଅସ୍ତ୍ରୋପଚାର କରାଯାଉ ନଥିଲା । ତେବେ, ଆଜିକାଲି ଅନେକ ଅସ୍ଥିଶଲ୍ୟ ଚିକିତ୍ସକ ଅନାବଶ୍ୟକ ଭାବେ ଅସ୍ତ୍ରୋପଚାର କରୁଛନ୍ତି । 'ଜର୍ନାଲ ଅଫ୍ ଅର୍ଥୋପେଡିକ୍ ଟ୍ରମା'ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ଏ କ୍ଷେତ୍ରରେ ଅସ୍ତ୍ରୋପଚାରର ପରିଣାମ ଭଲ ନୁହେଁ । ପାରଂପାରିକ ଭାବେ ପ୍ରଚଳିତ ଗୋଫାଣ ବନ୍ଧନୀ ଚିକିତ୍ସା ବା ସ୍ଲିଙ୍ଗ୍ ଟ୍ରିଟ୍‌ମେଣ୍ଟ ଉପାଦେୟ । ଏଥିରେ ଅସ୍ତ୍ରୋପଚାର କରାଯାଏନାହିଁ । ଏହା ସରଳ ଲବଂ ରୋଗୀ ତିନି ମାସ ଭିତରେ କର୍ମ କ୍ଷେତ୍ରକୁ ଫେରିଥାଏ । ପଞ୍ଚସ୍ତରି ପ୍ରତିଶତ କ୍ଷେତ୍ରରେ ଏହା ପ୍ରମାଣିତ । ଅପରପକ୍ଷେ ଅସ୍ତ୍ରାପଚାର ଜଟିଳ ଏବଂ ଖର୍ଚ୍ଚ ଅଧିକ । ରୋଗୀ ତିନି ମାସରେ ସଂପୂର୍ଣ୍ଣ ସୁସ୍ଥ ହେବାର ସଂଭାବନା ତେୟାଳିଶ ପ୍ରତିଶତ । ଅସ୍ତ୍ରୋପଚାର ପରେ ସଂକ୍ରମଣ ତଥା ଅନ୍ୟ ଗୁରୁତର ଅବସ୍ଥା ସୃଷ୍ଟି ହେବାର ଆଶଙ୍କା ଅଧିକ । ତେଣୁ, ନିତାନ୍ତ ଆବଶ୍ୟକତା ନଥିଲେ, ଏଭଳି କ୍ଷେତ୍ରରେ ଅସ୍ତ୍ରୋପଚାର କରାନ୍ତୁନାହିଁ । ଏ ବାବଦରେ ସଚେତନ ରହନ୍ତୁ ଏବଂ ଚିକିତ୍ସା ପୂର୍ବରୁ ଏକାଧିକ ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।



# ଝଗଡ଼ା ନହେବା ପାଇଁ ୬୨ ବର୍ଷ ପର୍ଯ୍ୟନ୍ତ କାଳ ମୂକର ନାଟକ କରୁଥିଲେ ସ୍ୱାମୀ

ପ୍ରାୟତଃ ସ୍ୱାମୀ ସ୍ତ୍ରୀ ଭିତରେ କୌଣସି ନା କୌଣସି କାରଣକୁ ନେଇ ଝଗଡ଼ା ହୋଇଥାଏ । ଏହା ଦ୍ୱାରା ବେଳେବେଳେ ଦୁଇଜଣ ମନ ଦୁଃଖରେ ରହିବା ସହ ଜଣେ ଅନ୍ୟଜଣଙ୍କ ଉପରେ ଦୋଷ ଲଦିଥାନ୍ତି । ଏହା ଏକ ସାଧାରଣ କଥା । କିନ୍ତୁ ଲଥିପାଇଁ ଯେ ଜଣେ ୬୨ ବର୍ଷ ପର୍ଯ୍ୟନ୍ତ କାଳ ମୂକ ହୋଇରହିଥିବ ଶୁଣିଲେ ଆଶ୍ଚର୍ଯ୍ୟ ଲାଗିବ । ଏହି ଘଟଣାଟି ଘଟିଛି ଆମେରିକାରେ । ଏଠାରେ ଜଣେ ୮୪ ବର୍ଷୀୟ ବୃଦ୍ଧ ବେରି ଡାସନ ନିଜ ୮୦ ବର୍ଷା ପତ୍ନୀ ଡେରାଥିଙ୍କ ଝଗଡ଼ାରୁ ରକ୍ଷା ପାଇବା ପାଇଁ ମୂକ ଓ କାଲ ହେବାର ଅଭିନୟ କରିଥିଲେ । ଏହା ବର୍ଷେ କି ଦୁଇ ବର୍ଷ ନୁହେଁ, ପୁରା ୬୨ ବର୍ଷ ପର୍ଯ୍ୟନ୍ତ କିନ୍ତୁ ତାଙ୍କ ପତ୍ନୀ ଏହା ଜାଣିପାରି ନଥିଲେ । ବିବାହର ଦୀର୍ଘ ୬୨ ବର୍ଷ ପରେ ତାଙ୍କ ପତ୍ନୀ ଏହା ଜାଣିବାକୁ ପାଇଲେ କି ତାଙ୍କ ସ୍ୱାମୀ କାଲ ମୂକ ନୁହଁନ୍ତି । ତାଙ୍କ ପତ୍ନୀଙ୍କ କହିବା ମୁତାବକ ତାଙ୍କୁ ଏବିଷୟରେ ସେତେବେଳେ ଜଣା ପଡ଼ିଲା ଯେତେବେଳେ ସେ ତାଙ୍କ ପତିଙ୍କୁ ୟୁ- ଟୁବରେ ଗୀତ ଗାଉଥିବାର ଦେଖିବାକୁ ପାଇଲେ । ଏହି ଭିଡିଓ ସେଦିନର ଥିଲା, ଯେଉଁଦିନ କି ତାଙ୍କ ସ୍ୱାମୀ ତାଙ୍କୁ ଏକ ଚ୍ୟାରିଟି ମିଟିଂରେ ଯୋଗ ଦେବାକୁ କହି ଯାଇଥିଲେ । ସେ କହିଛନ୍ତି କି, ଯେତେବେଳେ ସେ ୟୁ- ଟ୍ୟୁବରେ ନିଜ ସ୍ୱାମୀଙ୍କୁ ଗୀତ ଗାଉଥିବାର ଦେଖିଲେ ପ୍ରଥମେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ତାଙ୍କୁ ଏହା ବିଶ୍ୱାସ ହୋଇ ନଥିଲା । ପରେ କିନ୍ତୁ ସେ ଏହି ସତ ଜାଣିପାରିଥିଲେ କି, ତାଙ୍କ ସ୍ୱାମୀ ୬୨ ବର୍ଷ ପର୍ଯ୍ୟନ୍ତ ମୂକ କାଲ ହେବାର ନାଟକ କରୁଥିଲେ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଶୋଚନୀୟ ସ୍ଥିତି...

ଦୀର୍ଘ ଏକ ମାସର ପ୍ରତୀକ୍ଷା ପରେ ପାଂଚଗୋଟି ରାଜ୍ୟର ବିଧାନସଭା ନିର୍ବାଚନ ଫଳାଫଳ ଏବେ ସମସ୍ତଙ୍କ ସାମ୍ନାରେ। ଯେଉଁମାନେ ପାରମ୍ପରିକ ରାଜନୀତିରେ ବିଶ୍ୱାସ କରନ୍ତି, ସେମାନଙ୍କୁ ଏହି ଫଳାଫଳ ଅବଶ୍ୟ ନିରାଶ କରିଛି। ସାମ୍ପ୍ରତିକ ରାଜନୀତି ଅନୁସାରେ ଏହା କେବଳ ସମସ୍ତ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ବିଜେପି ଚାରିଗୋଟି ରାଜ୍ୟରେ ଜିତିବା ବା ବିରୋଧୀମାନେ ଏହାକୁ ହରାଇବାକୁ ଉଦ୍ୟମ ନ କରିବା କଥା ନୁହେଁ। ଏହି ନିର୍ବାଚନ ହେଉଛି ରାଜନେତା ଏବଂ ବୁଦ୍ଧିଜୀବୀମାନେ ଏହାକୁ ହରାଇବାକୁ ଉଦ୍ୟମ ନ କରିବା କଥା ନୁହେଁ। ଏହି ନିର୍ବାଚନ ହେଉଛି ରାଜନେତା ଏବଂ ବୁଦ୍ଧିଜୀବୀମାନେ ଏକ ନୂଆ-ଯୁଗ ରାଜନୀତି ସହିତ ଖାପ ଖୁଆଇବା ନିମନ୍ତେ ନିଜକୁ ସଜାଡ଼ି ନେବା, ଯାହାର ବିଗତ ଦିନର ରାଜନୀତି ସହିତ କ୍ୱଚିତ୍ କୌଣସି ସମାନତା ରହିଛି। ପାଂଚଗୋଟିଯାକ ରାଜ୍ୟ ମଧ୍ୟରୁ ବିଜେପି ଯଦି ଚାରିଗୋଟି ରାଜ୍ୟରେ ସରକାର-ବିରୋଧୀ ହାୱାକୁ ଅତିକ୍ରମ କରି ପାରିଲା, ତା'ହେଲେ ତାହା ଦୁଇଗୋଟି କଥାକୁ ବୁଝାଇପାରେ। ଲୋକମାନେ ହୁଏତ ସରକାରୀ-ବିରୋଧୀ ହାୱାକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରିଛନ୍ତି, ନଚେତ୍ ସେମାନଙ୍କ ସମ୍ମୁଖରେ ରହିଥିବା ବିକଳ୍ପଗୁଡ଼ିକ ସେମାନଙ୍କୁ ସନ୍ତୁଷ୍ଟ କରିପାରିନାହିଁ। ଏକ ତୃତୀୟ କାରଣ ମଧ୍ୟ ରହିପାରେ, ଯାହା ହେଉଛି-ବିଜେପିର କ୍ରମାଗତ ଭାବରେ ଦକ୍ଷିଣପନ୍ଥୀ ରାଜନୀତିକୁ ଆଦରି ନେବା। ସାମ୍ପ୍ରତିକ ସମୟରେ ବିଜେପିର ଏପରି ଅଭୂତପୂର୍ବ ବିଜୟରେ ଅନ୍ୟାନ୍ୟ ରାଜନୀତିକ ଦଳଙ୍କ ଭାଗ୍ୟର କଥା ହେଉଛି ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଏକ ଗଣତନ୍ତ୍ରରେ ଏହା ସବୁକିଛିର ଆରମ୍ଭ ଓ ଶେଷ ହେବା କଥା ନୁହେଁ। ନିର୍ବାଚନ ଫଳାଫଳର ଅନ୍ୟ ଦିଗଗୁଡ଼ିକ ମଧ୍ୟ ରହିଛି, ଯାହା ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ ଏବଂ ସେଥିପାଇଁ ଏସବୁର ତର୍ଜମା କରାଯିବାର ଆବଶ୍ୟକତା ରହିଛି। ସାମ୍ପ୍ରତିକ ସାମାଜିକ ଧାରା, ଯାହା ରାଜନୀତିକ ଫଳାଫଳକୁ ସୁହାଉଛି, ତାହା ମନନ କରିବା ନିମନ୍ତେ ଅବଶ୍ୟ ଏକ କ୍ଷେତ୍ର। ସଦ୍ୟ ଫଳାଫଳ ବାହାରି ସାରିଥିବା ବିଧାନସଭା ନିର୍ବାଚନଗୁଡ଼ିକରେ ଜାତି ଭଳି ପରିଚୟର ଆଧାର ଉପରେ କରାଯାଉଥିବା ପୁରୁଣାକାଳିଆ ରାଜନୀତିକ ଅଙ୍କକଷା ବିରୁଦ୍ଧରେ ହିନ୍ଦୁତ୍ୱର ପ୍ରଚାର ପ୍ରସାର କରୁଥିବା ପ୍ରଚାରକମାନଙ୍କ ଦ୍ୱାରା ଉତ୍ତମ ରୂପେ ଦକ୍ଷତା ହାସଲ କରାଯାଇଥିବା କୋଳାହଳପୂର୍ଣ୍ଣ ଜାତୀୟବାଦର ପ୍ରାଧାନ୍ୟ ବିସ୍ତାର ଦେଖିବାକୁ ମିଳିଛି। ଏହାର ଏକ ପ୍ରକୃଷ୍ଟ ଉଦାହରଣ ଭାବରେ ଦେଖାଯାଇପାରେ ଉତ୍ତରପ୍ରଦେଶକୁ, ଯେଉଁଠି ସମାଜବାଦୀ ପାର୍ଟି (ଏସ୍‌ପି)ର ଜାତି-ଆଧାରିତ ଅଙ୍କକଷା ଅନେକାଂଶରେ ପୁଣିଥରେ ଧୂଳିସାତ୍ ହୋଇ ଯାଇଥିବା ମନେହୁଏ। ଏହି ଅଖିଳେଶ ଯାଦବ ପୁଣିଥରେ ନିର୍ଭର କରିଥିଲେ ସେଇ ଜାତିଆଣ ପରିଚୟ ଖେଳ ଉପରେ, ଯାହାଙ୍କୁ ଝଟକା ଲାଗିଛି। ପ୍ରଶ୍ନ ଉଠେ, ତା'ହେଲେ ଭାରତୀୟ ରାଜନୀତିରେ ହାର୍ଟଲ୍ୟାଣ୍ଡ୍ ବା ହୃଦୟ ଭାବରେ ପରିଗଣିତ ଏହି ରାଜ୍ୟରେ କଣ ପରିଚୟ ରାଜନୀତିରେ ପ୍ରକୃତରେ ପରିସମାପ୍ତି ଘଟିଲା ? ଏଠାକାର ପରିସ୍ଥିତିରେ ଏକ ସୂକ୍ଷ୍ମ ନିରୀକ୍ଷଣ ଯେଉଁ ଉତ୍ତର ପ୍ରଦାନ କରେ, ତାହା ସକରାତ୍ମକ ହେବା ଜଣାପଡ଼େ ନାହିଁ। ତୃଣମୂଳ ବାସ୍ତବତା ଏଭଳି ଏକ ପ୍ରସଙ୍ଗକୁ ସମର୍ଥନ କରେ। ଏଠାରେ ଅଖିଳେଶ ଜାତି ଆଧାରରେ ମେଂଟ କରିବାକୁ କାର୍ଯ୍ୟ ଆରମ୍ଭ ତ କରିଥିଲେ, କିନ୍ତୁ ସେଥିରେ ସେ ବିଫଳ ହୋଇଥିଲେ। ଅପରପକ୍ଷରେ ବିଜେପି ପୁଣିଥରେ ପରିଚୟକୁ ଏକାଠି କରିବାରେ ସଫଳ ହୋଇପାରିଲା, ଯେଉଁଥିରୁ ଗୋଟିଏ ସାମାଜିକ ବିବରଣୀମୂଳକ ହୋଇଥିବା ବେଳେ ଅନ୍ୟଟି ଥିଲା ଧାର୍ମିକ। ଆଉ ଟିକେ ବିସ୍ତୃତ ଭାବରେ ଦେଖିଲେ ଜଣାପଡ଼େ ଯେ ପରିଚୟ ରାଜନୀତି, ଏବଂ ସବୁଠୁ ବଡ଼ ଚିନ୍ତାଜନକ ପ୍ରସଙ୍ଗ ଭାବରେ ବିକାଶ ବିବର୍ତ୍ତିତ ହୋଇ ପରିଚୟର ଏକ ନୂତନ ଧରଣର ହାନିକାରକ ଅବସ୍ଥାରେ ପହଂଚିଲା, ଯାହାକୁ ବହୁବାଦୀ ନୀତି ଅନୁସାରେ କୁହାଯାଉଛି ହିନ୍ଦୁତ୍ୱ। ସାମ୍ପ୍ରତିକ ସମୟରେ ବିଜେପିର ଏକ ବହୁଳ କଥିତ ନାରା ହେଉଛି ଡବଲ ଇଂଜିନ ଅଭିବୃଦ୍ଧି ବା ପ୍ରଗତି। ଏହି ଡବଲ ଇଜିଂନ ମଧ୍ୟରୁ ଗୋଟିଏ ଯଦି ହିନ୍ଦୁତ୍ୱ ହୁଏ, ଅନ୍ୟଟି ତରଳ ଜାତିଭିତ୍ତିକ ମେଂଟ କହିଲେ କ୍ୱଚିତ୍ ଅତ୍ୟୁକ୍ତି ହେବ। ପଂଜାବରେ ଆମ୍ ଆଦମୀ ପାର୍ଟିର ସଫଳତା ପାଇଁ କଲ୍ୟାଣକାରୀ ମଡେଲକୁ ଶ୍ରେୟ ପ୍ରଦାନ କରାଯାଉଛି ଏବଂ ଏ ସମ୍ପର୍କରେ ଅନେକ କିଛି କୁହାଯାଉଛି।



## ରୁଷ୍ ୟୁକ୍ରେନ୍ ଯୁଦ୍ଧ ଓ ଅର୍ଥନୈତିକ ଅବସ୍ଥା

**ଅମୂଲ୍ୟ କୁମାର ପଣ୍ଡା**

ଯାହା ଜଣାପଡିଲାଣି ୟୁକ୍ରେନ ଓ ଋଷ ବିବାଦର ଦଶା ଭୋଗିବ ସାରା ବିଶ୍ୱ । ଏବେ ପେଟ୍ରୋଲ ଓ ଡିଜେଲ ସମେତ ସୁନା ଦର ଆକାଶଛୁଆଁ ହେବାକୁ ଯାଉଛି । ୟୁକ୍ରେନ ଅନେକ ରାଷ୍ଟ୍ରକୁ ତେଲ ଯୋଗାଉଥିବା ବେଳେ ଋଷ ଗ୍ୟାସ୍ ବିତରକ ରାଷ୍ଟ୍ର । ଏହି ଦୁଇ ଦେଶ ମଧ୍ୟରେ ଯୁଦ୍ଧ ଆଶଙ୍କା ଯୋଗୁ ଟଙ୍କା ମୂଲ୍ୟ ବି କମିଛି । ଯେଉଁଥି ପାଇଁ ସୁନା ଉପରେ ନିବେଶକଙ୍କ ନଜର । ଯାହା ମାର୍କେଟକୁ ଅସ୍ଥିର କରିଦେଇଛି । ହୁ ହୁ ହୋଇ ବଢ଼ିଚାଲିଛି ଅଶୋଧିତ ତୈଳଦର । ୟୁକ୍ରେନ ଓ ଋଷ ମଧ୍ୟରେ ଯୁଦ୍ଧ ଆଶଙ୍କା ସୃଷ୍ଟି ହେବା ଦିନଠାରୁ ତୈଳ ବଜାରରରେ ନିଆଁ ଲାଗିଛି । ଏହି ଦୁଇ ପଡ଼ୋଶୀ ରାଷ୍ଟ୍ରଙ୍କ ମଧ୍ୟରେ ବିବାଦ ଯୋଗୁ ତେଲ ଓ ଗ୍ୟାସ ଯୋଗାଣ ବାଧାପ୍ରାପ୍ତ ହୋଇଛି । ଯାହା ପେଟ୍ରୋଲ, ଡିଜେଲ ଓ ଗ୍ୟାସ ଦର ବୃଦ୍ଧି ଆଡ଼କୁ ସଙ୍କେତ ଦେଇଛି । ଭାରତରେ ବିଶ୍ୱ ବଜାରର ଦରକୁ ଦେଖି ପ୍ରାୟ ପ୍ରତିଦିନ ତେଲ ଦର ପରିବର୍ତ୍ତନ ହୁଏ । କିନ୍ତୁ ବିଭିନ୍ନ ରାଜ୍ୟରେ ନିର୍ବାଚନ ଯେ ହେତୁ ଥିଲା, ସେଥିପାଇଁ ପାଇଁ ନଭେମ୍ବର ୬ରୁ ଏଥିରେ କୌଣସି ପରିବର୍ତ୍ତନ ହୋଇ ନାହିଁ । ଏବେ ନିର୍ବାଚନ ସରିଛି ଆଉ ଯୁଦ୍ଧ ଯୋଗୁ ତେଲଦର ଲିଟର ପିଛା ଆଶ୍ଚର୍ଯ୍ୟଜନକ ବୃଦ୍ଧି ହୋଇପାରେ ବୋଲି ଆଶଙ୍କା କରାଯାଇପାରେ ।

ସେପଟେ ଟଙ୍କାର ମୂଲ୍ୟ ବ୍ୟାପକ ହ୍ରାସ ଯୋଗୁ ସେନସେକ୍ସ ଖସିବାରେ ଲାଗିଛି । ବିଶ୍ୱ ବଜାରରେ ୧୯୦୦ ଡଲାର ଟପିଲାଣି ସୁନା ଦର । ଯୁଦ୍ଧ ଭୟରେ ପୁଞ୍ଜିପତି ମାନେ ସୁନାରେ ନିବେଶ କରୁଛନ୍ତି । ଯୁଦ୍ଧ ଆଶଙ୍କା ନଟଳିଲେ, ସୁନା ୬୦ ହଜାର ଟପି ପାରେ । ଦେଶର ଅର୍ଥନୀତି ଓ ସରକାର ଚାଲିବାରେ ପେଟ୍ରୋଲ ଦରର ବଡ଼ ଭୂମିକା ଥାଏ । ସେହିପରି ସେୟାର ବଜାରରେ ନିବେଶ ବି ଆର୍ଥିକ କାରବାରକୁ ସ୍ୱାଭାବିକ ରଖିଥାଏ। କିନ୍ତୁ ଅନ୍ତର୍ଜାତୀୟ ବଜାରର ଏହି ଅସ୍ଥିରତା ଭାରତୀୟ ବଜାରକୁ ପ୍ରଭାବିତ କରୁଥିବାରୁ ଦେଶର ଆର୍ଥିକ ବୋଝ ବଢ଼ୁଛି ଓ ଋଣ କରିବାର କ୍ଷମତା ସଙ୍କୁଚିତ ହେବାରେ ଲାଗିଛି । ରୁଷ୍-ୟୁକ୍ରେନ୍ ଯୁଦ୍ଧ ଯୋଗୁଁ ଭାରତୀୟ ବଜାରରେ ଭୂକମ୍ପ ଦେଖାଯାଇଛି । ଧରାଶାୟୀ ହୋଇଛି ଭାରତୀୟ ପୁଞ୍ଜିବଜାର । ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ୍ (ବିଏସ୍‌ଇ)ରେ ଚଳିତ ବର୍ଷର ସର୍ବବୃହତ୍ ହ୍ରାସ ଘଟିଛି । ଏଯାବତ୍ ସେନ୍‌ସେକ୍ସର ଏହା ୪ର୍ଥ ସର୍ବବୃହତ୍ ହ୍ରାସ । ଏହାବ୍ୟତୀତ ବିଗତ ଦୁଇବର୍ଷ ମଧ୍ୟରେ ଏହା ସର୍ବବୃହତ୍ ହ୍ରାସ ବୋଲି ଜଣାପଡ଼ିଛି । ଏହି ବୃହତ୍ ହ୍ରାସ ଯୋଗୁଁ ନିବେଶକମାନେ ୧୩ ଲକ୍ଷ କୋଟି ଟଙ୍କାରୁ ଅଧିକ କ୍ଷତି ଘଟିଛି ବୋଲି କୁହାଯାଉଛି । କେବଳ ଭାରତୀୟ ବଜାରରରେ ନୁହେଁ ସାରା ବିଶ୍ୱରେ ମଧ ରୁଷ୍-ୟୁକ୍ରେନ୍ ଯୁଦ୍ଧର ପ୍ରଭାବରେ ହ୍ରାସ ଘଟିଛି। ଆମେରିକା, ଜାପାନ୍, ବ୍ରିଟେନ୍, ଚୀନ୍ ସହିତ ବିଶ୍ୱର ଅନେକ ଦେଶର ପୁଞ୍ଜିବଜାର ଧରାଶାୟୀ ହୋଇଛି । ଅପରପକ୍ଷରେ ଏହି ସଂକଟ ଯୋଗୁଁ ପ୍ରଥମଥର ପାଇଁ ଅର୍ଥାତ୍ ୨୦୧୪ ପରଠାରୁ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଅଶୋଧିତ ତୈଳଦର ୧୦୦ ଡଲାର୍ ପ୍ରତି ବ୍ୟାରେଲ୍ ଅତିକ୍ରମ କରିଛି । ସୂଚନାଯୋଗ୍ୟ ଯେ ରୁଷ୍ ବିଶ୍ୱର ୩ୟ ସର୍ବବୃହତ୍ ତୈଳ ଉତ୍ପାଦକ । ମୁଖ୍ୟତଃ ରୁଷ୍ ୟୁରୋପୀୟ ରିଫାଇନାରୀଗୁଡ଼ିକୁ ତୈଳ ବିକ୍ରି କରିଥାଏ । ୟୁରୋପୀୟ ଦେଶଗୁଡ଼ିକ ୨୦%ରୁ ଅଧିକ ତୈଳ ରୁଷ୍‌ରୁ ଆମଦାନୀ କରିଥାନ୍ତି । ଏହାର ପ୍ରଭାବ ଭାରତୀୟ ପୁଞ୍ଜିବଜାରରେ ପଡ଼ିଛି ।

ଅଶୋଧିତ ତୈଳଦର ୧୦୩ ଡଲାର୍ ପ୍ରତି ବ୍ୟାରେଲ୍ ଯୁଦ୍ଧର ଘନଘଟା ମଧ୍ୟରେ ଅଶୋଧିତ ତୈଳଦର ମଧ୍ୟ ରକେଟ୍ ଗତିରେ ବୃଦ୍ଧି ପାଇଛି । ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଅଶୋଧିତ ତୈଳଦର ୧୦୩ ଡଲାର୍ ପାରକରିଛି । ଋଷିଆର ୟୁକ୍ରେନ ଆକ୍ରମଣ ପରେ ଯଦିଓ ତୈଳ ଯୋଗାଣ ବାଧାପ୍ରାପ୍ତ ହୋଇନାହିଁ । ମିଡିଲ୍‌ଇଷ୍ଟ, ଆଫ୍ରିକା ଓ ନର୍ଥଆମେରିକା ଯୁଦ୍ଧର ଭୟାବହତାରୁ ଦୂରରେ ଅଛନ୍ତି । ଏହି ଦେଶଗୁଡ଼ିକ ସାରା ବିଶ୍ୱକୁ ସର୍ବାଧିକ ପରିମାଣର ଅଶୋଧିତ ତୈଳ ଯୋଗାଇ ଦେଇଥାନ୍ତି । ଅଗଷ୍ଟ ୨୦୧୪ ପରଠାରୁ ଅଶୋଧିତ ତୈଳଦରରେ ଏହା ସର୍ବାଧିକ ବୃଦ୍ଧି ବୋଲି ଜଣାପଡ଼ିଛି। ଏହିପରି ଯଦି ଚାଲେ ତେବେ ଖାଲି ଭାରତ ନୁହଁ ସମଗ୍ର ବିଶ୍ୱ ଅର୍ଥନୈତିକ ପ୍ରଭାବିତ ହେବ ଯାହା ସାଧାରଣ ଜନତା ଉପରେ ଖୁବ୍ କୁପ୍ରଭାବ ପକାଇବ।

+ଅରଙ୍ଗାବାଦ ବରୀ ଯାଜପୁର
ମୋ - ୯୯୩୮୯୦୬୦୭୦

## ୟୁହାନରୁ ୟୁକ୍ରେନ: ଗଣହତ୍ୟାର କାରଖାନା

**ସୌମେନ୍ଦ୍ର ଜେନା**

ତିନି ସପ୍ତାହ ଧରି ୟୁକ୍ରେନରେ ଚାଲିଥିବା ରୁଷ-ୟୁକ୍ରେନ ଯୁଦ୍ଧରେ ଭିନ୍ନ ଭିନ୍ନ କାରଣର ପ୍ରକରଣଗୁଡିକ ଦୃଷ୍ଟିକୁ ଆସୁଛି, ଯାହା ଅନେକ ସମୟରେ ରାଜନୈତିକ ବୟାନ,ଏକପାଖିଆ ତଥ୍ୟ ପରିବେଷଣ ମଧ୍ୟରେ ଲୁଚି ରହିଥାଏ । ତାହା ହେଲା ୟୁକ୍ରେନ ଭିତରେ ଆମେରିକା ସରକାର ଦୀର୍ଘଦିନ ଧରି ଚଳାଇ ଆସୁଥିବା ଜୈବିକ ଯୁଦ୍ଧାସ୍ତ୍ରର ଗବେଷଣାଗାର ସଂପର୍କରେ ସୂଚନା । ରୁଷର ସେନା ଏହିସବୁ ଗବେଷଣାଗାର ମଧ୍ୟରେ ପ୍ରବେଶ କରି ଲକ୍ଷ ଲକ୍ଷ ସଂଖ୍ୟାରେ ଗବେଷଣାତ୍ମକ ଲେଖା ସବୁ ହାତେଇଛନ୍ତି, ଯେଉଁଥିରେ ଦୁଇଦେଶର ମିଳିତ ଗବେଷଣା ଦୀର୍ଘଦିନ ଧରି ଚାଲିଆସିଥିବା ପ୍ରମାଣିତ ହୋଇଛି । ନାଟୋକୁ ବାଟୁଳିକରି ରୁଷିଆକୁ ଗୁଳିମାରିବାକୁ ଚାହୁଁଥିବା ଆମେରିକା ପାଇଁ ବାଟୁଳିର ଫିତା ବାରମ୍ବାର ଛିଡିଯାଉଥିବା ଜଣାପଡୁଛି । ପ୍ରଥମେ ଜର୍ମାନୀକୁ ହାତବାରିସୀ କରି ଗୁଳି କରିବାକୁ ଚେଷ୍ଟା କରି ଆମେରିକା ସଫଳ ନହେବା ପରେ ଏବେ ପୋଲାଣ୍ଡକୁ ଅସ୍ତ୍ର କରି ଯେପରି ବାୟୁସେନା ଆକ୍ରମଣ କରିବାକୁ ଲକ୍ଷ୍ୟ ରଖିଥିଲା ତାହା କରିବା ଲାଗି ପୋଲାଣ୍ଡ ସରକାର ମନା କରିଦେଇଛନ୍ତି । ନାଟୋ ଚାହିଁଲେ ନିଜର ପୁରୁଣା ମିଗ୍-୨୧ ବିମାନସବୁକୁ ବ୍ୟବହାର ପାଇଁ ଜର୍ମାନୀରେ ଥିବା ନାଟୋର ବାୟୁସେନା ଘାଟୀକୁ ପଠାଇଦେବାଲାଗି ରାଜିଥିବା କଥା ପୋଲାଣ୍ଡ କହିଛି । ଗୋଟିଏ ପଟେ ନିୟନ୍ତ୍ରିତ ଗଣମାଧ୍ୟମରେ ନିର୍ଦ୍ଦିଷ୍ଟ ସ୍ୱାର୍ଥ ସମ୍ବଳିତ ଖବର ସବୁ ଦୃଷ୍ଟିକୁ ଆସୁଥିଲା ବେଳେ ବହୁ ଦରକାରୀ ତଥ୍ୟକୁ ଲୋକଲୋଚନକୁ ଆସିବାଲାଗି ଦିଆଯାଉନାହିଁ । ଯେଉଁଥିପାଇଁ ରୁଷିଆରେ ଆମେରିକାର ମିଡିଆ ସଂସ୍ଥାଗୁଡିକ ନିଜର ଦୋକାନ ବନ୍ଦ କରିବାକୁ ବାଧ ହୋଇଛନ୍ତି । କମ୍ୟୁନିଷ୍ଟ ଏବଂ ସୋସିଆଲିଷ୍ଟମାନେ ସାରା ପୃଥିବୀରେ ବାଇଡେନଙ୍କ ସମର୍ଥନରେ ବାହାରିଥିବା ଦେଖାଯାଉଛି। ସେମିତି ଆମେରିକା କାଗଜଠୁ ପଇସା ପାଉଥିବା ଭାରତର ସ୍ତମ୍ଭକାର ଏବଂ ଗଣମାଧ୍ୟମ ଲୋକେ ମଧ ସମାନ ଢଙ୍ଗରେ ୟୁକ୍ରେନବାସୀଙ୍କ ସାହସିକତାକୁ ପ୍ରଶଂସା କରି କାହିଁ କେତେକଣ ଲେଖିପକାଉଛନ୍ତି, ହେଲେ ବିଦେଶୀ ଗଣମାଧ୍ୟମରେ ପ୍ରସାରିତ କଳା-ଗୋରା ଶରଣାର୍ଥୀ ସଂପର୍କରେ ବର୍ଣ୍ଣବୈଷମ୍ୟବାଦୀ ଟିପ୍ପଣୀକୁ ଏମାନେ ଜୋର ଦେଇନାହାନ୍ତି । ଗୋରା ଶରଣାର୍ଥୀମାନଙ୍କୁ ମଧ୍ୟପ୍ରାଚ୍ୟ ଏବଂ ଆଫଗାନିସ୍ଥାନର ଶରଣାର୍ଥୀଙ୍କଠାରୁ ବହୁତ ଭଲ ବୋଲି ବିଶ୍ଳେଷଣ କରାଯାଉଛି । ବିଦେଶୀ ମିଡିଆର ଘୃଣ୍ୟ ଚେହେରା ୟୁକ୍ରେନ ଯୁଦ୍ଧବେଳେ ସମସ୍ତଙ୍କ ଦୃଷ୍ଟିକୁ ଆସିଛି । ତେଣୁ ରୁଷ କିମ୍ବା ପୁଟିନଙ୍କୁ ବିରୋଧ କରି ମାଳମାଳ ମିଛ ଖବର ପ୍ରକାଶ କଲେ ଯେ ବିଶ୍ୱବାସୀ ଆଖିବୁଜି ଗ୍ରହଣ କରିନେବେ ତାହା ଆଦୌ ଠିକ୍ ନୁହେଁ ।

ୟୁକ୍ରେନ ଯୁଦ୍ଧ ସମୟର ଚାରିଗୋଟି ଫଟୋକୁ ୮ ମାର୍ଚ୍ଚ ଦିନ ନାଟୋ ପକ୍ଷରୁ ଛଡାଯାଇଥିଲା । ସେଥିରେ ଗୋଟିଏ ଫଟୋରେ ଅସ୍ତ୍ରଧାରିଣୀ ମହିଳାଙ୍କ ପୋଷାକରେ ନୂତନ ନାଜି ଗୋଷ୍ଠୀର ସଂକେତ ସ୍ପଷ୍ଟ ରହିଥିବା ଜଣାପଡିଛି । ୟୁକ୍ରେନରେ ମୁଣ୍ଡ ଟେକିଥିବା ଏହି ନୂତନ ନାଜି ଗୋଷ୍ଠୀ ରୁଷ ବିରୋଧୀ ପ୍ରଚାରରେ ସକ୍ରୀୟ ରହିଆସିଛନ୍ତି । ଏମାନେ ଲୋକମାନଙ୍କୁ ରୁଷ ଏବଂ ରୁଷୀୟ ଲୋକଙ୍କ ବିରୋଧରେ କାର୍ଯ୍ୟକରିବା ପାଇଁ ପ୍ରୋତ୍ସାହିତ କରିଆସିଛନ୍ତି, ଯାହାକୁ ପୁଟିନ ବାରମ୍ବାର ବିରୋଧ କରୁଛନ୍ତି । ୟୁକ୍ରେନ ନାଟୋର ସଦସ୍ୟତା ଗ୍ରହଣ କରିବାକୁ ଚାହିଁବା,ୟୁକ୍ରେନରେ ନିଓନାଜି ଗୋଷ୍ଠୀଙ୍କ ଦ୍ୱାରା ରୁଷ ବିରୋଧୀ ପ୍ରଚାର ଚାଲିବା ୟୁକ୍ରେନ ଉପରେ ଆକ୍ରମଣ କରାଯିବାର ମୁଖ୍ୟ କାରଣ ବୋଲି ପୁଟିନ କହୁଛନ୍ତି। ପାଶ୍ଚାତ୍ୟ ଗଣମାଧ୍ୟମରେ କେବଳ କେଉଁଠି ସାଧାରଣ ଲୋକେ ବନ୍ଧୁକ ଧରି ଲଢିବାକୁ ଯାଉଛନ୍ତି ପୁଣି କେଉଁଠି ରୁଷିଆର ଟ୍ୟାଙ୍କ ନଷ୍ଟ ହୋଇ ପଡିରହିଛି, କେଉଁଠି ରୁଷୀୟ ଯବାନ ବନ୍ଦୀ ହୋଇଥିବାର ଖବର ପ୍ରସାରିତ କରାଯାଇ ବିଶ୍ୱବାସୀଙ୍କ ସମର୍ଥନ ୟୁକ୍ରେନ ପଛରେ ରଖିବା ପାଇଁ କରାଯାଉଛି । ହେଲେ ଆମେରିକା ପକ୍ଷରୁ ବିଦେଶୀ ରାଷ୍ଟ୍ରଗୁଡିକରେ ସ୍ଥାପିତ ୩୬ଟି ଜୈବିକ ଗବେଷଣାଗାର ମଧ୍ୟରୁ ୨୬ଟି କେବଳ ୟୁକ୍ରେନରେ ରହିଥିବା ନେଇ ଚୀନ ପ୍ରଶ୍ନ କରିଛି । ୟୁହାନ ଜୈବିକ ଗବେଷଣାଗାର ବିରୋଧରେ କହୁଥିବା ଆମେରିକା ବିଦେଶରେ ଅନେକ ଦେଶରେ ଜୈବିକ ଗବେଷଣା ଜାରି ରଖିଥିବା ସଂକ୍ରାନ୍ତରେ ଅଧିକ କିଛି ନକହି ଦିନରେ ହାରକିନ୍ ଦେଖାଉଥିବା ନେଇ ଚୀନ ପକ୍ଷରୁ ଯେପରି ଅଭିଯୋଗ ହେଉଛି ସେଥିରେ ସତ୍ୟତା ରହିଥିବା ସ୍ପଷ୍ଟ ହୋଇଛି । କାରଣ ଆମେରିକାର ପ୍ରତିନିଧି ୟୁକ୍ରେନରେ ଜୈବିକ ଗବେଷଣା ହେଉଥିବା କଥା ଏବେ ସାଧାରଣରେ ସ୍ୱୀକାର କରିଛନ୍ତି । ୨୦୧୮ରୁ ୟୁକ୍ରେନ ବିରୋଧରେ ଜୈବିକ ଅସ୍ତ୍ର ନିର୍ମାଣ ନେଇ ଅଭିଯୋଗ ହୋଇଆସିଛି । ଏବେ ରୁଷର ମେଜର ଜେନେରାଲ ଇଗୋର କୋନାସେନକୋଭ ୟୁକ୍ରେନରେ ଜୈବିକ ଅସ୍ତ୍ର ନିର୍ମାଣ ପାଇଁ ପ୍ଲେଗ, ଆନ୍‌ଥ୍ରାକ୍ସ ଜୀବାଣୁଗୁଡିକୁ ସାଇତି ରଖାଯାଇଥିବା କଥା କହିଛନ୍ତି । ଆମେରିକାର ସହଯୋଗ କ୍ରମେ ଏସବୁ ଚାଲିଥିବା ସ୍ପଷ୍ଟ ହୋଇଛି ।

ବିଶ୍ୱରେ ଜୈବିକ ଅସ୍ତ୍ରର ନିର୍ମାଣକୁ ବନ୍ଦ କରିବା ଲାଗି ୧୯୬୯ରୁ ୧୯୭୨ ଯାଏ ବହୁପକ୍ଷୀୟ ଆଲୋଚନା କରାଯିବା ପରେ ୧୦ଏପ୍ରିଲ ୧୯୭୨ରେ ଆଣବିକ ଅସ୍ତ୍ରଶସ୍ତ୍ର ସହମତି ପତ୍ରରେ ପୃଥିବୀର ୧୮୩ଟି ରାଷ୍ଟ୍ର ଏକମତ ହୋଇ ଦସ୍ତଖତ କରିଥିଲେ । ୨୬ ମାର୍ଚ୍ଚ ୧୯୭୫ରେ ଏହି ସମ୍ମତି ଚୁକ୍ତି ଆକାରରେ କାର୍ଯ୍ୟକାରୀ ହୋଇଥିଲା । ଏହି ଆଲୋଚନାରେ ଭାରତ ୧୫ ଜାନୁଆରୀ ୧୯୭୩ରେ ଯୋଗଦେଇ ୧୫ଜୁଲାଇ ୧୯୭୪ରେ ସଂଶୋଧନ ଆଣିଥିଲା । ଏହି ଚୁକ୍ତିରେ ୧୦ଟି ଦେଶ ଚାଦ, କୋମୋରୋସ, ଜିବୁତି, ଇରିଟ୍ରିଆ, ଇସ୍ରାଏଲ, କିରିବାଟି, ମାଇକ୍ରୋନେସିଆ, ନାମିବିଆ, ଦକ୍ଷିଣ ସୁଦାନ, ଟୁଭାଲୁ ଆଦି ଦସ୍ତଖତ କରିନାହାନ୍ତି । ଆମେରିକା ପରି କେତେକ ଦୁଷ୍ଟରାଷ୍ଟ୍ର ସବୁ ଆଇନକୁ ବେଆଇନ ମନେକରି କାର୍ଯ୍ୟ କରିଚାଲିଛନ୍ତି । ସାରା ବିଶ୍ୱରେ ନିଜମତକୁ ଗ୍ରହଣୀୟ ବୋଲି କହିଚାଲିଛନ୍ତି । ଆପଣାର ଘୃଣ୍ୟ କର୍ମକୁ ଅନ୍ୟମାନଙ୍କ ପାଇଁ ସ୍ମରଣୀୟ କରି ଥୋଇବାରେ ଲାଗିପଡିଛନ୍ତି । ସେମିତି ନାଟୋ ବାହିନୀ ଆମେରିକାର ସୁରକ୍ଷା ମେଣ୍ଟରେ ଥାଇ ମଧ ଆଜି ନିଜକୁ ଅସୁରକ୍ଷିତ ମନେକରୁଥିଲେ ହେଁ ପାଟି ଖୋଲୁନାହାନ୍ତି । ଅଷ୍ଟ୍ରେଲିଆ ପରି ରାଷ୍ଟ୍ର ଚୀନର ୟୁହାନକୁ କେନ୍ଦ୍ରକରି କୋରୋନା କାଳରେ ବହୁ ଆଲୋଚନା କରୁଥିଲା ଅଥଚ ଏବେ ୟୁକ୍ରେନରେ ସମାନ ଢଙ୍ଗରେ ଜୀବାଣୁ ଯୁଦ୍ଧ ପାଇଁ ଅସ୍ତ୍ରନିର୍ମାଣ ବେଳେ ଚୁପ୍ ରହିଛି । ଫ୍ରାନ୍ସ ଓ ଜର୍ମାନୀ ଭାରତକୁ ଜାତିସଂଘ ସାଧାରଣ ପରିଷଦରେ ପ୍ରକୃତ ଜ୍ଞାନ ବାଣ୍ଟିବାକୁ ପରାମର୍ଶ ଦେଉଛନ୍ତି । କିନ୍ତୁ ବିଗତ ୭୦ବର୍ଷରେ ଭାରତ ବିରୋଧରେ ଜାତିସଂଘରେ କେତେ ବେଇମାନି କାର୍ଯ୍ୟ କରିଆସିଛନ୍ତି ସେ ବିଷୟରେ ନକହି ରୁଷିଆ ବିରୋଧରେ ଭାରତ ଯାଉ ବୋଲି ଉପଦେଶ ଦେବାରେ ଲାଗିଛନ୍ତି । ଯେଉଁ ବିଦେଶୀ ୟୁକ୍ରେନ ଯୁଦ୍ଧକୁ ନେଇ ଏତେ ଧାରଣା ଦେଉଛନ୍ତି ସେମାନେ ଚୀନର ଲଦ୍ଦାଖ ସୀମାରେ ଆକ୍ରମଣ ବେଳେ କାହିଁକି ଚୁପ୍ ରହିଥିଲେ ? ଭାରତର ସେନାଙ୍କ ମୃତ୍ୟୁବେଳେ ସେମାନଙ୍କ ଶ୍ରଦ୍ଧା ବିଗଳିତ ହୋଇନଥିଲା । କାରଣ ଭାରତୀୟମାନେ କଳାଲୋକ ଥିଲେ, ଅଧିକ ହିନ୍ଦୁ ଲୋକ ଥିଲେ । ଆମେରିକା ଏବଂ ଆମେରିକାର ନୀରବ ସମର୍ଥକ ରାଷ୍ଟ୍ରସବୁ ନିଜର ଛଦ୍ମବେଶ ନଛାଡିଲେ ସାଉଦି ଆରବ, ଅମିରାତ ପରି ରାଷ୍ଟ୍ର ଆମେରିକାର ରାଷ୍ଟ୍ରପତିଙ୍କ ସହ ଆଲୋଚନାକୁ ଗ୍ରହଣ ନ କଲା ପରି ଆଗାମୀ ଦିନରେ ଅନେକ ଦେଶ ସେମିତି ଆଭିମୁଖ୍ୟ ପ୍ରଦର୍ଶନ କରିବେ । ଗୋଟିଏ ପଟେ ରୁଷିଆର ପରମାଣୁ ଆକ୍ରମଣକୁ ନେଇ ଚର୍ଚ୍ଚା ହେଉଥିଲା ବେଳେ ୟୁକ୍ରେନର ଜୀବାଣୁ ଆକ୍ରମଣର ଷଡଯନ୍ତ୍ର ସଂପର୍କରେ ଅଧିକ ଆଲୋଚନା ହେଉନାହିଁ । ରୁଷିଆ ବିରୋଧରେ ଆମେରିକା ଏତେସବୁ କଟକଣା ଜାରି କଲାବେଳେ ନାଟୋ ରାଷ୍ଟ୍ରମାନଙ୍କୁ ଚୀନ ବିରୋଧରେ ସମାନ କଟକଣା ଲଗାଇବାକୁ କାହିଁକି କହୁ ନାହିଁ? ଏଥିରୁ ଆମେରିକା କିପରି ଚୀନପରି ଜୈବିକଅସ୍ତ୍ର ଅନ୍ୟରାଷ୍ଟ୍ରରେ ନିର୍ମାଣକରି ରୁଷିଆ ବିରୋଧରେ ପ୍ରୟୋଗ କରିବାକୁ ଷଡଯନ୍ତ୍ର ଚଳାଇଥିଲା ତାହା ଧରାପଡିଯାଇଛି ।

ୟୁକ୍ରେନ ରୁଷିଆକୁ ବିରୋଧ କରିବାକୁ ଯାଇ ଆନ୍ତର୍ଜାତିକ ଚୁକ୍ତିର ଖିଲାପ କରି କିପରି ଅକ୍ଷମଣୀୟ ଦୋଷ କରିଛି ତାହା ବୁଝିବା ଉଚିତ୍ । ଶତ୍ରୁକୁ ଘରେ ସ୍ଥାନ ଦେଇ ପଡୋଶୀଠାରୁ ମାଡ ଖାଇଲା ବେଳେ ଅନ୍ୟମାନେ ଦର୍ଶକ ହୋଇ ରହୁଛନ୍ତି ବୋଲି ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କିଙ୍କ ଅଭିଯୋଗରେ କେତେ ସତ୍ୟତା ରହିଛି ତାହା ଏହି ଘଟଣାରୁ ଜାଣିହେବ । କାଚ ଘରେ ରହୁଥିବା ଲୋକେ ଅନ୍ୟକୁ ସମାଲୋଚନା କରିବା ପୂର୍ବରୁ ବହୁଥର ବିଚାର କରିବା ଆବଶ୍ୟକ । କାରଣ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରେ ତୃତୀୟ ବିଶ୍ୱଯୁଦ୍ଧ ପାଇଁ ସବୁଠୁ ଅଧିକ ଅଶାନ୍ତି ସୃଷ୍ଟିକାରୀ ରାଷ୍ଟ୍ର ହେଉଛି ଆମେରିକା । ବିଶ୍ୱଶାନ୍ତି କଥା ପାଟିରେ କହି ସାରା ବିଶ୍ୱରେ ଅଶାନ୍ତି, ଯୁଦ୍ଧର ଘନଘଟା, ଶାସନ ପରିବର୍ତ୍ତନ ପାଇଁ ବିରୋଧୀ ପକ୍ଷଙ୍କୁ ଅସ୍ତ୍ରଶସ୍ତ୍ର ଦେଇ ସଂଘର୍ଷ ଓ ରକ୍ତପାତ ମାଧ୍ୟମରେ ଗୃହଯୁଦ୍ଧ ସୃଷ୍ଟିରେ ଆମେରିକା ଆଜିଯାଏ ଲାଗିରହିଛି । ଅନ୍ୟର ଅର୍ଥନୀତିକୁ ନଷ୍ଟକରି ନିଜର ସ୍ୱାର୍ଥକୁ ନେଇ କାର୍ଯ୍ୟ କରିବାପରି କୁତ୍ସିତ ବିଚାର ନେଇ ଆମେରିକାର ରାଷ୍ଟ୍ରପତିମାନେ ଅତୀତରେ କାର୍ଯ୍ୟକରି ଆସିଛନ୍ତି । ଗଣତନ୍ତ୍ରର ମିଛ ଦ୍ୱାହି ଦେଇ ଆମେରିକା ଏକାଧିପତ୍ୟକୁ ଜାହିର କରିବାକୁ ସବୁବେଳେ, ସବୁଠି, ସବୁଦେଶରେ କାର୍ଯ୍ୟ କରିଆସିଛି । ଅସ୍ଥିରତା ସୃଷ୍ଟିକରି ଅସ୍ତ୍ରଶସ୍ତ୍ର ବିକ୍ରି କରିବା ସେମାନଙ୍କ ପାଇଁ ସବୁବେଳେ ପ୍ରଥମ ଲକ୍ଷ୍ୟ ରହିଆସିଛି । ଯେଉଁ ଅସ୍ତ୍ରଶସ୍ତ୍ର ମାନବଜାତି ପାଇଁ କ୍ଷତିକାରକ ସେସବୁର ଉତ୍ପାଦନ ବନ୍ଦ ରଖିବାକୁ କହୁଥିବା ରାଷ୍ଟ୍ର ଆମେରିକା ଅନ୍ୟ ରାଷ୍ଟ୍ର ସହାୟତାରେ ଯେପରି ଜୀବାଣୁ ଅସ୍ତ୍ର ଉତ୍ପାଦନ ଜାରିରଖିଛି ତାହା ଯେମିତି ନିନ୍ଦନୀୟ, ୟୁକ୍ରେନ ମଧ ସେଥିଲେ ସାମିଲ ହୋଇ ନିନ୍ଦନୀୟ ହୋଇଛି । ଚୀନସ୍ଥିତ ୟୁହାନ ଲାବୋରେଟୋରୀରେ ପ୍ରସ୍ତୁତ କୋରୋନା ଭୂତାଣୁ ଗତ ଦୁଇବର୍ଷରେ ୬୦ଲକ୍ଷ ଲୋକଙ୍କୁ ପୃଥିବୀରେ ମାରିସାରିଲାଣି । ୟୁକ୍ରେନର ଭୂତାଣୁ ଆଗାମୀ ଦିନରେ କେତେ ଯେ ମଣିଷ ହତ୍ୟା କରିବ ତାହା ଦେଖିବାକୁ ବାକି ରହିଛି ।

+ଭାରତୀୟ ସମ୍ବାଦ ସେବା (ଭାସ)
ଭୁବନେଶ୍ୱର-୭୫୧୦୦୩




### ଦିଆସିଲି

**ଦୀନବନ୍ଧୁ ପୋଇ**

ଦେଖିବାକୁ ସିନା ଛୋଟିଆ ଦେହ
ମୁହିଁ ଦରକାର କାହାର ନୁହଁ !
ଗଢିଥାଏ ମୋତେ ନର ତା ହାତେ
ଲାଗିଥାଏ ମୁହିଁ ଜଗତ ହିତେ ?
ଯଜ୍ଞବେଳେ ମୋତେ ଖୋଜେ ପଣ୍ଡିତ
ମୋ ବିନା ଆହୁତି ଜଳେ ନି ସତ ।

ସନ୍ଧ୍ୟା ହେଲେ ଖୋଜେ ଘରେ ଘରଣୀ
ଧୂପ ଜାଳି କରେ ପ୍ରଭୁ ବରଣୀ ?
ପାକ କରିବାକୁ ଲୋଡା ସବୁରି ଘରରେ
ଘରଣୀ ରାନ୍ଧେ ତରକାରୀ ?
ତଡି ଅନ୍ଧାରକୁ ଦିଏ ଆଲୋକ
ଶୃଙ୍ଖଳା ଦରବ ମୋର ଖୋରାକ ।

ଭାରି ମୋ ଆଦର ପେଟ୍ରୋଲ ଘୃତ
ତା ପାଖେ ଜଳିଲେ ସେ ଭସ୍ମୀଭୂତ ?

ଏମିତି ସେମିତି ନୁହେଁ ମୁଁ ଚିଜ
ଜାଗର ଜଳାଇ ପ୍ରଭୁଙ୍କୁ ଭଜ ?
ଭାଇ ଭାଇ ଆମେ ଏକାଠି ରହୁ
କେହି କାହାକୁ ଯେ ଗାଳି ନ ଦେଉ ?
ଭାଳି ହେଉ ଜଣେ ବାହାରି ଗଲେ
ଜାଣୁ ସେ ନିଷ୍ଚୟ ମରିବ ଭଲେ ।

ସମ୍ପର୍କ ଗୁଣକୁ ମୋ ଠାରୁ ଶିଖ
ଭାଇ ପାଖେ ସଦାଭାଇ କୁ ରଖ ?
ଜଳେଝିଲିମିଲି ମୁଁ ଦିଆସିଲି
ଉପକାର ପାଇଁ ମୁହିଁ ଆସିଲି ?
ସାବଧାନ ରଖ ହେ ବିଜ୍ଞ ଜନେ
ନହେଲେ ଜଳିବଦୁନିଆଁ ଦିନେ ?
ଅନ୍ୟକୁ ଯେ ମାରେ ସେ ନିଜେ ମରେ
ଭାବିକି ଦେଖ ହେ ଜନତା ଥରେ ?

+ଗୋରଡା ପାଳ
ଢେଙ୍କାନାଳ
ମୋ: ୯୯୩୮୦୨୪୧୨

### ଜୀବନ ଓ ପ୍ରାପ୍ତି

**ସୁଭାଷ ଚନ୍ଦ୍ର ଭୂତିଆ**



ଜୀବନ ଗତି
କର୍ମର ସ୍ଥିତି
ବନ୍ଧୁର ପଥ ପରେ
ବିଶ୍ୱସେ ଦକ୍ଷ
ସୀମା ରେ ଲକ୍ଷ୍ୟ
ବିଜୟ ବାନା ଧରେ ।

ଚାଲୁଛି ବାୟୁ
ନଶୁଛି ଆୟୁ
କାଳର ତୀବ୍ର ଧାରା
ସମୟ ସଙ୍ଗେ
ଯୁକତ ଢଙ୍ଗେ
ସଫଳ ହେବୁ ପରା ।

ପଛକୁ ଫେରି
ପାରେନା ଘୁରି
ଯାଇଛି ଯାହା ଚାଲି
ଏବେ ର ଭାବ
ଆଗେ ଦୁର୍ଲ୍ଲଭ
ଯାଆନା ତାକୁ ଭୁଲି ।

ଛାଡ଼ିବୁ ଯେବେ
ସମ୍ପର୍କ ତେବେ
ତାହାର ପାଶେ ବନ୍ଧା

ଯେଉଁଠୁ ତୁହି
ଆସିଛୁ ହୋଇ
ଜନ୍ମ ମୃତ୍ୟୁରେ ଛନ୍ଦା ।

ଭାବିଲୁ ନାହିଁ
ଏ ସବୁ ତହିଁ
ବିହୀର ଅଟେ ଲେଖା
କରିବୁ ଯାହା
ପାଇବୁ ତାହା
ବିଚାରେ ସବୁ ଦେଖା ।

♥ ଡିହଡୋଳ,
ପରଜଙ୍ଗ, ଢେଙ୍କାନାଳ



### ଜୀବନ ଯାତ୍ରା

**ଡିସମ୍ବର ମେହେର**



ହଜିବାକୁ ହେବ ଏ ମାୟା ସଂସାରରେ
ଖୋଜିବାକୁ ହେବ ଜୀବନର ମୂଳ ମନ୍ତ୍ର
କରିବାକୁ ହେବ ଭିନ୍ନ ଚରିତ୍ରେ ଅଭିନୟ
କେବେ ଜୀବନ୍ତ ପୁଣି କେବେ କେବେ ଯନ୍ତ୍ର ।

ହାରିବାର ଭୟକୁ ଦୁରେଇ ଦେଇ ମନୁ
ଜାଗ୍ରତ ରହିବାକୁ ହେବ ଆୟୁଧ ତିଖିକରି
ସାଜିବାକୁ ହେବ କେବେ ରାମ କେବେ ପର୍ଶୁରାମ
ଅମୃତ ପ୍ରାପ୍ତି ଆଶାରେ ଲହୁଲୁହାଣ ଲଢ଼େଇ କରି ।

ବିଶ୍ୱାସ ବଳିପଡେ ଏଠି ପଇସାର ମାୟାଜାଲେ
ଛିନ୍ନ କରେ ସଂପର୍କ ଭାଙ୍ଗିଦିଏ ଧର୍ମ ପରମ୍ପରା
ଚିହ୍ନିବାକୁ ହେବ ଅବିଶ୍ୱାସୀର ? ବିଷ ମନ୍ତ୍ରଣା
କରିବାକୁ ହେବ ପଥର ହୃଦୟ ,ନହୋଇ ଧର୍ଯ୍ୟହରା ।

ଆଗେଇବାକୁ ହେବ ସମୟ ସହ ତାଳ ମେଳାଇ
ଚାଲିବାକୁ ହେବ କେତେ ବନ୍ଧୁର କଣ୍ଟକିତ ପଥ ଦେଇ
କଣ୍ଟାର ଆଘାତେ ଆହା କି ରକ୍ତ ଜର୍ଜରିତ ପାଦ କଷ୍ଟ
ତଥାପି ଆଗେଇବାକୁ ହେବ ପୁଷ୍ପ ବାଟ ଆଶାନେଇ ।

ଗଣ୍ଡାବାହାଲି, ନୂଆପଡା

### ପଥ ସମ

**ଦୁଷ୍ମନ୍ତ ବେହେରା**

ସମୟ ବାଟରେ ମୁଁ ପଥସମ
ଆଗେଇବା ଆଗରୁ ଭାବନା
ବୁଡେ ସ୍ୱପ୍ନ ତୁଠରେ !!
ଦୁଇ ପାଦର ବାଟ ସାକ୍ଷୀ
ମୁହିଁ ଛାଇ ଛଇଳକୁ ଦେଖି
ପବନ ଭସେଇ ନିଏ !!
ମୋ ମଧୁର ମହକ ରାଶି
ମଉନ ମନ ମୋର ବସିଛି
ଚାହିଁ ସମୟ ପଥ !!
ସାଙ୍ଗେ ସଙ୍ଗାତ କରି ଠେଲି
ଦେଉଛି ମୋ ଅତୀତର
ଅତୀତ ହସି ଦେଇ !!
ପ୍ରାଣ ଅଛି ବୋଲି ଆଗକୁ
ଚାଲେ ବଞ୍ଚିବା ନାଁରେ
ଅଭିନୟ କରି ଚାଲେ !!
ଦରଦ ଦୁଃଖ କୁ ଲୁଚାଇବା
ପାଇଁ ହସି ଦେଇ ଦେଖେଇ
ପାରୁନି ଅନ୍ତର କୋହ !!
ପଥସମ ମୋର ରାତିରେ
ଶୋଇ ଦିନରେ ଉଠେ
ଅଦିନେ ସ୍ୱପ୍ନ ଦେଖାରେ !!
ଜୀବନ ଦହ ଗଞ୍ଜରେ
ଭାସିଉଠେ ପଥସମ ମୋର
ପଥରେ ପଚାରେ !!
ଧୂସର ଆବେଗ ଢେଉ ମାଳା
ଭାସି ଭାସି କୁହେ ଭରିଛି
ଜୀବନେ ସମରେ.......

+ରାସୋଳ-ମୁଣ୍ଡିଆପଷି
ଢେଙ୍କାନାଳ

## ସେ ଆଗାମୀର କବି

### ରତ୍ନାକର ରାଉତ



ଏ ଶତାବ୍ଦୀ ଜଠରରୁ ଜନ୍ମନେବ
ଆଗାମୀର କବି,
ମାଟିର ଗର୍ଭରେ ଏବେ ସୁପ୍ତ ବୀଜଟିଏ,
ଅନେକ ସମ୍ଭାବନାର ମନ୍ତ୍ର ସଂଗୋପିତ,
କେଉଁ ଏକ ଉଷାକାଳେ ହେବ ପ୍ରତିଭାତ ।

ଦୁର୍ବିନୀତ ଉଲ୍ଲାସରେ ହସି ହସାଇବ ତାର
ଅମିତ ପ୍ରାଣ ପ୍ରାଚୁର୍ଯ୍ୟ ଓ ନିର୍ଭୀକ ଚେତନା,
ବିଷାଦର କଳା ଛାଇ, ବିକ୍ଷୁବ୍ଧ ମନସା
ଶଙ୍କାଗ୍ରସ୍ତ ଜୀବନରୁ ତା' ଶାଣିତ
ମସୀ ଘାତେ ଅପସରି ଯିବ ।

ମାଆ-ଦେହ ବିଜ୍ଞାପନେ ଲଜ୍ଜିତର
ଇସ୍ତାହାର ପଢ଼ି,
ଯୁବତୀର କଳାକଳା ଘୂମନ୍ତ ନୟନ
ପ୍ରଣୟ ପୀୟୁଷ ଅର୍ଘ୍ୟ
ଅକାତରେ ଦେବନାହିଁ
କାମନାରେ କବଳିତ ପୁରୁଷର
ଆଂଜୁଳାରେ ଭରି ।

ଦୁଃଶାସନ ପ୍ରତିହିଂସା ନଳେ
ଜଳୁଥିଲା ଦ୍ରୌପଦୀର ନୟନ ଯେସନେ
ଯୁବତୀର ସ୍ୱପ୍ନଭିଜା ଚକ୍ଷୁରେ ସେଭଳି
ଶତ ସୂର୍ଯ୍ୟ ତେଜ ନୈବେଦ୍ୟରେ ପରଷିବ କବି ।

ମାଟିର ଜରାୟୁ ଚିରି
ଉଠିବ ଯେ ଅଗ୍ନିର ସ୍ଫୁଲିଙ୍ଗ
ତା' ଧାସରେ ଜାଳିଦେବ
ଯେତେ ସବୁ ମନଗଢ଼ା ନୀତିର ସଂହିତା ।
ସେ ଆଗାମୀର କବି,
ତା' ମୁଷ୍ଟିର ଆଗ୍ନେୟ ମସୀରୁ
ଉଦ୍‌ଗୀରଣ ହେବ ଚେତନାର ଲାଭା ଅବିରତ ।
ସ୍ତୂପୀକୃତ ସେହି ଲାଭା ତଳେ
ବିସ୍ମୃତିରେ ଫସିଲ ହେବ
ଯେତେ ସବୁ ପଚମାନ ବିଧି ଓ ବ୍ୟବସ୍ଥା,
ଆଇନ ଖସଡ଼ା,
ମଣିଷକୁ ଖୁଆଡ଼ରେ ରଖିବାକୁ
ଯେତେ ପଶୁବଳ,
ଅନୁଶାସନ ନାମରେ ଯେତେସବୁ
ପ୍ରତାରଣା, ପ୍ରବଂଚନା, ବଂଧନ, ଶୃଙ୍ଖଳ ।

ସେ ଆଗାମୀର କବି,
କରିବ ସେ ବିଚରଣ ନିର୍ବିବାଦେ
ଜଳ, ସ୍ଥଳ, ଆକାଶରେ
ମଣିଷର ସାଥେ,
ଅତିକ୍ରମି ଦେଶେ ଦେଶେ ଦୁର୍ଭେଦ୍ୟ ପ୍ରାଚୀର
ଜାତି, ବର୍ଣ୍ଣ, ଧର୍ମ, ସଂପ୍ରଦାୟ ଉର୍ଦ୍ଧ୍ୱେ
ମାନଚିତ୍ରେ ନିର୍ଦ୍ଧାରିତ
ମୁଷ୍ଟିମେୟ ସ୍ୱାର୍ଥନ୍ୱେଷୀ
ଶାସକଙ୍କ ହାତଗଢ଼ା ସୀମା ସରହଦ ।

ସେ ଆଗାମୀର କବି,
ଆଙ୍କିଦେବ ଏହି ଏକ ବିଂଶ ଶତାବ୍ଦୀରେ
ଧରଣୀର ଭିନ୍ନ ଏକ ମାନଚିତ୍ର,
ସମାଜର ନୂଆ ଏକ ଛବି,
ସେ ଆଗାମୀର କବି ।

♥ ପ୍ଲଟ ନଂ-୭୬୭ (ପି)
ଜୟଦୁର୍ଗା ନଗର, ଲକ୍ଷ୍ମୀସାଗର
ଭୁବନେଶ୍ୱର-୬

## ପ୍ରେମ ପ୍ରତିମା

### ଶରତ ମହାନ୍ତି



ଆଦ୍ୟ ଯଉବନ ପରଶେ ପ୍ରିୟା ମୋ
ପୀରତିର ପାଠଶାଳା,
ନୀରବ ନିଶୀଥେ ବିଜନ ବେଳାରେ
ପ୍ରଣୟର ମଧୁଶାଳା ।

ପ୍ରଥମ ପ୍ରେମର କଳାକୃତି ପ୍ରିୟା
ହୃଦୟ କୋଣାର୍କ ଗାତ୍ରେ,
ଭଲପାଇବାର ଅମର ସ୍ମାରକୀ
ଦୂର ଇତିହାସ ନେତ୍ରେ ।

ମଧ୍ୟ ନିଦାଘର ମରୁ ଶଯ୍ୟାପରେ
ପ୍ରିୟା ମୋର ମରୁଝର
କାଳ ବଇଶାଖୀ ବଉଦ ଗାଲରେ
ଚପଳା ଚୁମ୍ବନ ଗାର ।

ପ୍ରିୟା ଅଟେ ମୋର ପ୍ରେମର ପ୍ରତିମା
ମୁଁ ଶିଳ୍ପୀର ରଙ୍ଗ ତୂଳୀ
ସଜାଉଥିବି ମୁଁ ପ୍ରିୟାର ଅଙ୍ଗକୁ
ପ୍ରେମ ରଙ୍ଗେ ଭଳି ଭଳି ।

♥ ମଙ୍ଗଳପୁର, ଯାଜପୁର,
ଓଡିଶା

## ନିର୍ଜନ କାରାବାସ

### ଡ.ମନୋରଞ୍ଜନ ବିଷୋୟୀ



ସଫଳତାରେ
ସମସ୍ତେ ମାରନ୍ତି
ବାହାସ୍ଫୋଟ।

ଯେତେବେଳେ
ବିଫଳତା ଆସେ
ସମସ୍ତେ କହନ୍ତି
ଏହା ତୋର
ଭାଗ୍ୟ ଦୋଷ।

ଆଉ କେତେ
ବୁଝାଇ କହନ୍ତି
ରାତି ପାହିବା ପରେ
ରାଜା ହେବାକୁ ଥିବା
ପ୍ରଭୁ ରାମଚନ୍ଦ୍ର
ଭୋଗିଥିଲେ ବନବାସ।

ଧନୁର୍ଦ୍ଧର ଅର୍ଜୁନ
ଧାରଣ କରିଥିଲେ
ବୃହନ୍ନଳା ବେଶ।

ଆମେ ତ ଛାର ମଣିଷ
ଯାହା ଇଙ୍ଗିତରେ
ଚଳମାନ ଏ ବିଶ୍ୱ
ସେତ ପୁଣି ଏଠି
ଭୋଗିଥିଲେ ବନବାସ।

ତୁ ଅବା କାହିଁକି
ଅଧୈର୍ଯ୍ୟ ହେଉ
ଧର୍ମର ବିଜୟ
ହେବ ନିଶ୍ଚିତ
ରଖ ଏ ବିଶ୍ୱାସ।

ତଥାପି ମନକୁ
ପ୍ରଶ୍ନ ଆସେ
ଏହା କ'ଣ ଜୀବନର
ଏକମାତ୍ର ସତ୍ୟ
ବିନା ଦୋଷର
ଭୋଗିବାକୁ ହୁଏ
ନିର୍ଜନ କାରାବାସ।

ଉତ୍ତର ମିଳିନି
କିନ୍ତୁ ଅପେକ୍ଷା କରିଛି
କେବେ ଅବଧି
ପୂରା କରିବ
ନିର୍ଜନ କାରାବାସ
ଆଉ ମୁଣ୍ଡାଇଥିବା
ଭାଗ୍ୟ ଦୋଷ ?

ତା'ପରେ ଫେରିପାଇବି
ଯନ୍ତ୍ରଣାର ମାଟିଗଦାତଳେ
ପୋତିହୋଇ ରହିଥିବା
ଯାହା ଥିଲା ମୋର ନିଜସ୍ୱ।

♥ ସ୍ନାତକୋତ୍ତର ଓଡ଼ିଆ
ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,
ଭଞ୍ଜବିହାର
ମୋ:୮୮୯୫୧୪୧୭୨୭

## ଜ୍ୱଳନ

### ଦିବାକର ନାୟକ



ବଇଶାଖ ମୁଁଯେ ଉଧାର ମାଗିଲି
ମାଘକୁ ଟିକିଏ ଶୀତରାତି
ଶୀତ କହିଦେଲା ତୁମଠୁ ଅଧିକ
ମୁଁ ବି ଜଳୁଛି ଏଠି ନିତି ।
ନୀଳ ବନାନୀର ତରୁଲତା ସବୁ
ଅବିବେକୀମାନେ କଲେ ଚୋରି
ସପନର ଫୁଲ ଫୁଟିବ କେଉଁଠି
ଉପବନ ହେଲେ ହତଶିରୀ
ଫଗୁଣରେ ନାହିଁ ଶିହରଣ ଆଉ
ଭଅଁରର ସୁଖ ହେଲା ଇତି..
ବଇଶାଖ ମୁଁଯେ ଉଧାର ମାଗିଲି
ମାଘକୁ ଟିକିଏ ଶୀତରାତି ।
ମଉସୁମୀ ଆଉ ଚୁମୁନି ଧରାକୁ
ବରଷା କେମିତି ବରଷିବ
ବସୁମତୀ କିଆଁ ବନ୍ଧ୍ୟା ପାଲଟୁଛି
କିଏ ବା କାହାକୁ ବୁଝାଇବ
ଭାବୁଥିଲି ସିନା ଜଳୁଛି ମୁଁ ଏକା
ଦେଖୁଛି ମୋ ପରି ସବୁ ଦୁଃଖୀ..
ବଇଶାଖ ମୁଁଯେ ଉଧାର ମାଗିଲି
ମାଘକୁ ଟିକିଏ ଶୀତରାତି ।

♥ ପାଟପୁର, କନିସି-୭୬୧୦୦୮
ଭା-ଗୋଳନ୍ଥା, ଗଞ୍ଜାମ
ମୋ-୯୯୩୮୬ ୧୯୯୮୧

## ଏବେ ଯେ ସେଠି

### ପ୍ରଶାନ୍ତ ଚନ୍ଦନ



ଏବେ ଯେ ସେଠି କ'ଣ ଥିବ
ସକାଳ ପାହୁ, ପାହୁ
ଜଣେ ଖୋଜୁଥିବ କାମଦାମ !

ଏବେ ଯେ ସେଠି କ'ଣ ଥିବ
ସକାଳ ପାହୁ, ପାହୁ
ଜଣେ ପିଲା ଝିଲା କି
ଭାଇ ବିରାଦର କଥା
ଭାବି ଭାବି ହୋଇ ଯାଉଥିବ ନୟାନ୍ତ !

ନା ଏକା ହିଁ
ଆଗ ପଛ - ତଳ ଉପର
ଚାହିଁ ଚାହିଁ ବିବଶ
ହୋଇ ପଡୁଥିବ କେତେବେଳେ
କୋଉ କୋଣରୁ ନିଆଁ ପିଣ୍ଡ
ଆସିଲା ପରି ତା'
ଜୀବନଦୀପକୁ ଗ୍ରାସ କରିଦେବ...
ହଁ ସେ କ'ଣ ଏତକ ବି
ମନେ ପକାଇ ପାରୁଥିବ କି
ତା'ପୂର୍ବରୁ କୋଉଠି କେବେ
ପୁଣି ହୋଇଥିଲା ମାନେ
ଅତୀତ କି ଇତିହାସ ବି ଅଛି...
ସେପରି ଏକ ଇତିହାସ
ଆମ ଓଡିଶାର ବି ଅଛି
ଯୋଉଠି କେମିତି କଳିଙ୍ଗ ସେନା
ଚଣ୍ଡାଶୋକକୁ ଧର୍ମାଶୋକରେ
ପରିଣତ କରି ଦେଇଥିଲା,
ସେମିତି ସେଠି ହୋଇଗଲେ
ଯେମିତି ଖେଳିଯାନ୍ତାନି ଖୁସିର ଲହରି...
ଆଉ ଦେଶଟିଏ ନୁହଁ
ଦଶର ଜୀବନ ବି ବଞ୍ଚିଯାନ୍ତା
ହେଲେ ମୁଁ ଭାବିଲା ପରି ଏଠି
କିଏ କ'ଣ ଭାବୁଛି କି
ଭାବୁଥିବ କେଜାଣି
ପୁଣି ସେଠି ।

ତଥାପି କହି ପାରିବି ବିଗତ
ଦିନରୁ ବି ମିଳିଯାଏ ବାଟ
ଗୋଟିଏ, ଗୋଟିଏ ଯେ
ବର୍ତ୍ତମାନର କଳକଣ୍ଠରେ ବି
ଶେଷ ହୋଇଯାଏ
ଚାବିକାଠି
ସବୁବେଳେ ସବୁଠି !!

♥ ଇରିଗେସନ୍ କଲୋନୀ,
ଲେନ୍ ୩
ଭବାନୀପାଟଣା, କଳାହାଣ୍ଡି
ମୋ - ୬୩୭୦୦୬୪୭୯୨

## ଆଣ୍ଠୁ ଅଲୁଚା ଧୋତି ପିନ୍ଧିଥିବା ଲୋକମାନେ

### ମାନସ ରଂଜନ ମହାପାତ୍ର



ଦିନେ ଆଣ୍ଠୁ ଅଲୁଚା ଧୋତି ପିନ୍ଧିଥିବା
ମୋ ନନାଙ୍କ ପରି
ଲୋକେ ବି ଥିଲେ ପୃଥିବୀରେ
ଏବେ ନାହାନ୍ତି

କୁଆଡେ ଗଲେ ସେଇ ଲୋକେ ?

ପତାକା ଉତ୍ତୋଳନ ପାଇଁ ଏବେ
ଅଛନ୍ତି ବହୁ ଗୋଲାମ ସୈନ୍ୟସାମନ୍ତ
ଦେଶପ୍ରେମର ବାଜା ବଜେଇ, ଗୀତଗାଇ
ବୋଲକରା ଶିଳ୍ପୀମାନେ,
ନେତା ଓ ଯୋଡାମନେ
ତିଆରି କରୁଛନ୍ତି ମନ୍ଦିର
ସଜେଇ ନୂଆନୂଆ ଆଲୁଅରେ
ଆତତାୟୀମାନେ ମଞ୍ଚରେ
ଚଷମା ଭାଙ୍ଗିଯାଇଛି ହେ ରାମ,
ହାଏ ରାମ, ହେ ରହିମ
ନିର୍ବାଚନ ପ୍ରଚାରରେ

ମହାନଗରୀର ଦେଶରେ, ବୁଲେଟ ଟ୍ରେନରେ
ଆଜିକାଲି ଯା ଆସ କରନ୍ତିନି କେହି ଲୋକେ
ଆଣ୍ଠୁ ଅଲୁଚା ସେଇ ଲୋକଟି
ଖୋଜା ହେଉଥାଏ ଏବେ ଭିଡ଼ରେ
ଗାନ୍ଧୀଘାଟରେ .....

♥ ମୋ: ୯୮୯୧୯୪୬୧୭୮

## ସ୍ମୃତିରେ ଫଗୁଣ

### ଅମ୍ବିକା ସ୍ୱାଇଁ



ବସନ୍ତ ଆସିଲା ମଳୟ ହସିଲା
ପ୍ରୀତିର ମହକ ଧରି
ଆମ୍ବ ବଉଳର ବାସ ଚହଟିଲା
ଫଗୁ ରଙ୍ଗ ଗଲା ଝରି ।

ସ୍ମୃତିର ପସରା ମେଲାଇ ଫଗୁଣ
ଅତୀତକୁ ଗଲା ଫେରି
ଅତୀତର କଥା ମନେ ପଡେ ଆଜି
ବଉଳର ସ୍ନେହ ଡୋରି ।

ଯାଇଛୁ ବଉଳ ଅଫେରା ରାଇଜ
ଫେରିବୁ କି ! ଆଉ ତୁଇ
ତୋହରି ସ୍ମୃତିରେ ଭିଜା ନୟନରେ
କବିତା ଲେଖୁଛି ମୁହିଁ ।

ଅତୀତର ସ୍ମୃତି ବସନ୍ତର ପ୍ରୀତି
ପ୍ରେମମୟ ରଙ୍ଗ ଖେଳ
କାହୁଁ ଆସିଲା ସେ ଅଦିନିଆ ଝଡ଼
ଚିରଦିନ ହେଲା କାଳ ।

ମୋ'ସାଥୀରୁ ତୋତେ ଛଡାଇ ନେଲା
ଖୁସି ହଜିଗଲା ମୋର
ସେବେଠୁ ଖେଳିନି ରଙ୍ଗର ହୋଲି
ବହୁଛି ଲୋତକ ଝର ।

ଫୁଲେଇ ଫଗୁଣ ମଳୟ ମହକ
ଧରା ଯେବେ ଛୁଇଁ ଯାଏ
ଆମ୍ବ ବଉଳର ବାସ ମହକରେ
କୋକିଳ ଯେ ଗୀତ ଗାଏ ।

ବସନ୍ତ ରାଜର ସପ୍ତ ବର୍ଣ୍ଣମାଳା
ବିସ୍ମରିତ ହୃଦ ଗାଥା
ଭାସି ଆସେ ମୋର ନୟନ ଯୁଗଳେ
ସ୍ମୃତିର ଅଲିଭା କଥା ।

କେତେ ଖେଳୁଥିଲେ ସାଙ୍ଗସାଥି ମେଳେ
ଅଙ୍ଗେ ରଙ୍ଗ ବୋଳାବୋଳି
ରଙ୍ଗାୟିତ ମନେ ରାଗ ହିଂସା ଭୁଲି
ହେଉଥିଲେ କୋଳା କୋଳି ।

ବିମାନରେ ବସି ରାଧା ଗୋବିନ୍ଦ
ଆସିଥାନ୍ତି ଯେବେ ବୁଲି
ତନୁମନେ ଆମ ପୁଲକ ଭରେ
ସେ କଥା କି ! ହେବ ଭୁଲି ।

ସେହି ଓଦାମନ ଖୋଜୁଥାଏ ଆଜି
ଅଭୁଲା ପ୍ରୀତିର ମହକ
ଅଫେରନ୍ତା ସ୍ମୃତି ଫେରିକି ଆସିବ
ସତେ ଦେଖାଇ କୁହୁକ ।

ଜାଣିଛି ଯାଇଛୁ ଆଉ ଫେରିବୁନି
ଆୟୁଷକୁ ତୋର ଧରି
ସ୍ମୃତି ଚାଲିଛି ମୋ'ବୟସ ସାଥୀରେ
ଜୀବନେ ଶୂନ୍ୟତା ଭରି ।

♥ ଭୁବନେଶ୍ୱର
ମୋ: ୯୭୭୭୫୯୯୬୯୫

## ଯୁଦ୍ଧ

### ବସନ୍ତ କୁମାର ପଣ୍ଡା



ଯୁଦ୍ଧ ଚାଲିଛି ସୃଷ୍ଟି ଆରମ୍ଭରୁ
ଚାଲୁଥିବ ନିରନ୍ତର
ନିର୍ବଳ ଉପରେ ବଳଶାଳୀ କରେ
ଯୁଗେ ଯୁଗେ ଅତ୍ୟାଚାର ।

ନହେଉ ଜଗତ ସମୂଳେ ବିନାଶ
ନଲିଭୁ ଜୀବନ ଜ୍ୟୋତି
ଶ୍ୟାମଳ ବିହୀନ ନହେଉ ପୃଥିବୀ
ସମରର ପରିଣତି ।

ବାରୁଦ ଧୂଆଁରେ କାଳୀମା ନେହଉ
ନୀଳ ନଭ ସମିଆନା
ପାଉଁଶ ନେହଉ ବସୁନ୍ଧରା ଦେହେ
ଉର୍ବରକ ଧୂଳି କଣା ।

ଅତୀବ ଉଦ୍ଧତେ ନବାଜୁ ଜଗତେ
ରଣ ତାଣ୍ଡବ ବେଣୁ
ନହେଉ କଦାପି ବୋମା ବ୍ୟବହାର
ରସାୟନ ପରମାଣୁ ।

ଏ ଯିବ ଜଗତ ଚାହେଁ ନାହିଁ କେବେ
ଯୁଦ୍ଧେ ହେଉ ମହାଧ୍ୱଂସ
ନିରୀହ ଜନତା ବଞ୍ଚିବାକୁ ଚାହେଁ
ଏହି ଏକ କ୍ଷୁଦ୍ର ଅଂଶ ।

♥ ନୈନିତାଲ,ଉତ୍ତରାଖଣ୍ଡ
ମୋ: ୮୭୭୪୪୭୦୩୬

## ଅନ୍ଧାରର ବୁକୁ ଚିରି

### ବିଜୟ କୁମାର ପଣ୍ଡା



ଏଇତ ସକାଳର ସୂର୍ଯ୍ୟ ପୁଣି ଉଦୀୟମାନ !
ଅନ୍ଧାରର ବୁକୁ ଚିରି ..
ଅନେକ ଆଶାର ସୁନେଲି କିରଣ
ବିଛାଡ଼ି ଦେଲାଣି ଆକାଶର ଅଗଣାରେ
ସବୁ ପ୍ରତିକ୍ଷାର ଅନ୍ତ ଘଟାଇ
ମନ୍ଥର ଗତିରେ ଅଗ୍ରସର ଧରା ପୃଷ୍ଠକୁ
ସେ ଅନ୍ଧକାର ରୂପୀ ରାକ୍ଷସଟା,
ଯେମିତି ପୃଥିବୀର
ବକ୍ଷକୁ ଜାବୁଡ଼ି ଧରି ଥିଲା ।
ଖାଁ ଖାଁ ଥିଲା ରାସ୍ତା ଘାଟ ..
ଅଜଣା ଭୟରେ ଆତଙ୍କିତ ଥିଲା
ନଗର, ଗାଁ, ଗଣ୍ଡା,
ବିକଟାଳ ରୂପନେଇ ..
ହାତରେ ଚାବୁକ୍ ଧରି ହୁକୁମ ଦେଉଥିଲା
ତମେ ଏବେ ବନ୍ଦୀ..
ସୂର୍ଯ୍ୟର ପହିଲି କିରଣ ପୃଥିବୀ ଛୁଇଁବା ଯାଏଁ ..
ଏବେ ଆଲୋକର ଉଜ୍ଜ୍ୱଳତାରେ
ସେ କୁଆଡେ ଉଭାନ ..!
ଚଳ ଚଞ୍ଚଳ ଏବେ ଜନଜୀବନ ..।।

♥ ସବଙ୍ଗ, ମାର୍କୋଣା, ବାଲେଶ୍ୱର
ମୋ: ୯୭୩୯୫୯୧୮୧୬

## ନିରୁଦ୍ଦିଷ୍ଟ ପ୍ରେମିକା

### ସୁବ୍ରତ କୁମାର ଜେନା



ଏତେ କରି କହିଥିଲି ,
ଟିପି ରଖ ହୃଦୟର କାଗଜରେ,
ନାଁ, ନଦୀ ଓ ସହର ମାନଙ୍କୁ,
ତୁ କଣ ଜାଣୁନୁକି
ଏ ସହର ସାରା କାମାନ୍ଧଙ୍କ ଭିଡ଼,
ସାମାନ୍ୟ ଅସମାନ୍ୟତାରେ ଅନେକ ଅଘଟଣ,
ଦଳି ମକଚି ଫୋପାଡ଼ିଦେବେ
ନହୁଲୀ ନିଶାରେ,
ପ୍ରତିକ୍ଷଣ ଶୁଭେ ଚିତ୍କାର
ବିଶ୍ୱାସ ଓ ଭରସାର ହତ୍ୟାରେ,
ଏମିତିରେ ଏତେ ସରଳପଣ
ବୋକାମୀର କଥା,
ତୁ କହିଥିଲୁନା ଫେରିବୁ ବୋଲି,
ସେଇଦିନୁ ଅପେକ୍ଷାରେ ଭ୍ରାକ୍ରାନ୍ତ
ପ୍ରେମିକଟେ ହୋଇ,
ଖୋଜିବୁଲେ ଇତସ୍ତତଃ ଅହରହ,
କେଉଁଠୁ କେବେ ତତେ ପାଇବା ଆଶାରେ।

ମୁଁ ଜାଣିଥିଲି ନୀଳ ପ୍ରେମ ନିଆରା ବୋଲି,
ହେଲେ ସଖୀ ଦେଖୁନୁ
ଏବେ ଏବେ ଫଗୁଣ ଆସିଛି,
ଚାରିଆଡେ ଆମ୍ବ ଚଣା ମହକୁଛି,
ଦୋଳ ବିମାନରେ ରସିକ ରାଜଙ୍କ ଜାତ,
ମୁଁ କିନ୍ତୁ ସେମିତି ଯନ୍ତ୍ରଣାରେ ପ୍ରବଂଚିତ ବାଟୋଇ,
ତୁମକୁ ବାଟ ଦେଖାଇବାର ଥିଲା ଶପଥ,
ମୁଁ କିନ୍ତୁ ମୋ ବାଟକୁ ହଜାଇ ଦେଲି
ଅବିଶ୍ୱାସର ଭିଡରେ ।

ଅନେକ ସମୟ ଲାଗେ, ଏ କେମିତି ଜୀବନ ?
କୂଟ କପଟତାର ଖେଳରେ ସବୁ ସ୍ୱାହା,
ସବୁଥାଇ ମାୟାରେ ମିଳେନି ବଞ୍ଚିବାର ସାହା,
ତଥାପି ଜାଣ ଗୋଟେ କଥା,
ତୁମେଯେ ସାଇତା ଜହ୍ନ ଆଲୁଅର ଛାଇ ହୋଇ,
ତୁମ ହସି କନ୍ଦାଇବାର ଅପେକ୍ଷାରେ ଆଜି ମୁଁ,
ଫେରି ଆସ ସଖୀ,
ଯେତେ ସବୁ ମାନ ଅଭିମାନକୁ ସମୁଦ୍ରେ ଫିଙ୍ଗି,
ଆଉଥରେ ଆଙ୍କିବା
ନୂଆ ଜୀବନର ଚାରୁଚିତ୍ର,
ଭରିଦେବା ସବୁଠି ଭଲପାଇବାର ରଙ୍ଗ,
ଆଉ କେହି ହେବାନି ନିରୁଦ୍ଦିଷ୍ଟ କାହାଠୁ କେହି,
ସମ୍ପର୍କ ହେବ ଆମର ଯୁଗ ଯୁଗର,
ସଭିଏଁ କହିବେ ପ୍ରେମ ଅମର ପ୍ରେମ ଅମର ।।

♥ ଶୂରଡିହ, ନନ୍ଦିପୁର, ଯାଜପୁର
ମୋ: ୯୭୭୬୨୦୮୯୩୦

## ମୁଁ ନାରୀ

### ଦୀପ୍ତି ମିଶ୍ର



ମୁଁ ନାରୀ ...
କେମିତି କହିବି ମୁଁ ଏକ
ବ୍ୟର୍ଥ ସୂର୍ଯ୍ୟୋଦୟ...
ଏକ ଅପୂର୍ଣ୍ଣ ଅନୁଭବ...
ଏକ ଶୂନ୍ୟ ଅଗଣା...
ବାସ୍ତବରେ ମୁଁ ....
ବିଶ୍ୱାସର ଶକ୍ତ ପ୍ରତିଫଳନ ଟିଏ
ପରମ ପ୍ରୀତିର ଭାବ ଭରା ଉଚ୍ଛ୍ୱାସଟିଏ
ପ୍ରତିଶ୍ରୁତି ଭରା ମହନୀୟ ସୂର୍ଯ୍ୟାସ୍ତର
ରଙ୍ଗୀନ୍ ଆବେଗ ଟିଏ
ସମ୍ପର୍କର ରଜ୍ଜୁରେ ବନ୍ଧା
ସୁନ୍ଦର ରବର କଣ୍ଢେଇ ଟିଏ ...

ମୁଁ ନାରୀ....
ଅନ୍ତରଙ୍ଗ ଅନୁଭବ ରେ ସଜ୍ଜିତା
ଲବଣୀ ପିତୁଳାଟିଏ
ବିଶ୍ୱାସ ଫୁଲର ରଙ୍ଗକୁ ନେଇ ବଞ୍ଚିପାରୁ ଥିବା
ପ୍ରୀତି ସିକ୍ତା ପ୍ରଜାପତି ଟିଏ
ଅପହଞ୍ଚ ଖୁସିର ଟୋପାଏ ଆଲୋକ
ପାଇବା ଆଶାରେ ଜୀଇଁ ପାରୁଥିବା
ସୁନ୍ଦର ନୀଳ ଜହ୍ନଟିଏ

ଏକ ଆପଣା ପଣରେ ବାନ୍ଧି
ରଖିବାର ଦୁର୍ବାର ଚେଷ୍ଟା
ମୋତେ ଆଜି କରି ଦେଇଛି
ଜହ୍ନ ରାତିରେ ଜହ୍ନି ଫୁଲର
ବାସ୍ନା ଭରା ବିଭବରେ ପରିପୂର୍ଣ୍ଣା
ଜୋଛନା ପଖଳା ସୁନ୍ଦରୀ ପରୀଟିଏ


ଆଶା ଓ ଆଶଙ୍କାର ଚଉହଦୀ ଭିତରେ
ଜୀଇଁବାର ଅସହଜ ପଣିଆକୁ
ସାଥୀ କରି ମାଟିର ମୁଠାଏ ମୋହର
ଆବେଗ ଆଉ
ଛାତିଏ କୋହର ଅବଶୋଷକୁ
ଅଣ୍ଟିରେ ଧରି ଆଗକୁ ବାଟ ଚାଲିବାର
ଦୁଃସାହସିକ ପଦପାତକୁ
ଆପଣାର କରିବାରେ ମୁଁ ମାହିର ।

ମୋ ଆଖିର ଶୂନ୍ୟତାର
ଅବୁଝା ପଣରେ
ଋତୁର ରଙ୍ଗ ସିନା ବଦଳି ଯାଏ
ଧୋଇ ଯାଏ ଆକାଶର ନୀଳିମା
ମେଘର ଟୋପାଏ ଲୁହରେ...
ହେଲେ ଅନୁଭବର
ଆକାଙ୍କ୍ଷିତ ସ୍ୱପ୍ନ ସବୁ
ଉଙ୍କି ମାରନ୍ତି ଗୋଟେ
ପରେ ଗୋଟେ.....ମୋର
ନିର୍ଜନତା ଓ ଏକାକିନୀ ପଣକୁ
ଅଟ୍ଟହାସ୍ୟ କରି.....

ମୁଁ ନାରୀ...
ସତେ କି ଅନ୍ଧକାର ରାତ୍ରୀର
ତାରା ଫୁଲ ଗଣ ହସି ହସି
କରନ୍ତି ସ୍ୱାଗତ ...
ମୋର ବିଶ୍ୱାସର କରୁଣତା ଆଉ
ଆସ୍ଥାର ସ୍ଥାୟିତ୍ୱକୁ ସାଥୀ କରନ୍ତି
ଲୋଭନୀୟ ଆବେଗର ଆହ୍ୱାନକୁ
ପଲ୍ଲବିତ, ସ୍ପନ୍ଦିତ କରି...
ଆଗକୁ ପଥ ଚାଲିବାର ସଙ୍କେତ ଦିଅନ୍ତି,
ଆଉ ମୁଁ ସବୁକୁ ଅତି ସହଜରେ
ସ୍ୱୀକାର କରିନିଏ-
ମୁଠାଏ ଆୟୁଷକୁ ଆଧାର କରି
ଟିକିଏ ପୀୟୂଷ ପ୍ରାପ୍ତିର
ପ୍ରଶାନ୍ତିକୁ ପାଥେୟ କରି ।
କାରଣ ମୁଁ ନାରୀ ....

♥ ବାରିପଦା

# ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୬୮ କରୋନା ପଜିଟିଭ ଚିହ୍ନଟ: ୧୨ ଜଣ ୧୮ ବର୍ଷରୁ କମ୍ ବର୍ଗର



ଭୁବନେଶ୍ୱର,୧୪/୦୩ (ନି.ପ୍ର): ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୬୮ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୪୧ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୨୭ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରୁ ୧୨ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି । ଆଜି ଗଞ୍ଜାମ ଜିଲ୍ଲାରୁ ସର୍ବାଧିକ ୧୨ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ, ଗତକାଲି ୮୬ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ ।

ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୪ ଜଣ, ବାଲେଶ୍ୱର ଜିଲ୍ଲାରୁ ୩ ଜଣ, ଭଦ୍ରକ ଜିଲ୍ଲାରୁ ୧ଜଣ, ବଲାଙ୍ଗୀରରୁ ୧ ଜଣ, କଟକରୁ ୪ ଜଣ, ଗଜପତିରୁ ୭ ଜଣ, ଗଞ୍ଜାମରୁ ୧୨ ଜଣ, ଜଗତସିଂହପୁର ଜିଲ୍ଲାରୁ ୧ ଜଣ, ଯାଜପୁରରୁ ୩ ଜଣ, କଳାହାଣ୍ଡି ଜିଲ୍ଲାରୁ ୨ ଜଣ, କନ୍ଧମାଳ ଜିଲ୍ଲାରୁ ୧ ଜଣ, ଖୋର୍ଦ୍ଧାରୁ ୪ ଜଣ, କୋରାପୁଟରୁ ୩ ଜଣ, ମୟୂରଭଞ୍ଜରୁ ୨ ଜଣ, ନବରଙ୍ଗପୁରରୁ ୧ ଜଣ, ନୟାଗଡ଼ରୁ ୧ଜଣ, ନୂଆପଡ଼ା ଜିଲ୍ଲାରୁ ୧ ଜଣ, ପୁରୀରୁ ୧ ଜଣ, ସମ୍ବଲପୁରରୁ ୧୧ ଜଣ, ସୁନ୍ଦରଗଡ଼ରୁ ୧ ଜଣ , ସୋନପୁର ଜିଲ୍ଲାରୁ ୧ ଜଣ ଓ ଷ୍ଟେଟ ପୁଲରୁ ୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି ।

ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୨, ୮୬, ୬୯୪ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୧୨, ୭୬, ୬୭୫ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୮୫୧ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ।

# ଡିଜିଟାଲ୍ ଦୁନିଆକୁ ନିଜ ନିୟନ୍ତ୍ରଣରେ ରଖ : ନିଲେକାନି

ଭୁବନେଶ୍ୱର ,୧୪/୦୩ (ନି.ପ୍ର): ନୂତନ ପ୍ରଯୁକ୍ତିର ଆବିର୍ଭାବ ଲୋକମାନଙ୍କ ଜୀବନକୁ ବେଶ୍ ସହଜ କରିପାରିଛି । ପ୍ରଯୁକ୍ତି ଜୀବନକୁ ଉନ୍ନତ ସୋପାନରେ ପହଞ୍ଚାଇଛି । ଲୋକମାନଙ୍କୁ ଅଧିକ ଦକ୍ଷ ମଧ୍ୟ କରିଛି । କିନ୍ତୁ ଆଜିର ଡିଜିଟାଲ୍ ଦୁନିଆ ମଣିଷ ଜୀବନର ମୂଳତତ୍ତ୍ୱ ପ୍ରତି ବିପଦ ସୃଷ୍ଟି କରିଛି । ଏହା ଲୋକମାନଙ୍କ ସମ୍ପର୍କ ଉପରେ ପ୍ରଭାବ ପକାଉଛି । ପିଲାଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ, ପ୍ରାୟ ସବୁବର୍ଗର ଲୋକ ଡିଜିଟାଲ୍ ଦୁନିଆରେ ପ୍ରବେଶ କରିବା ପରେ ନିଜ ଉପରୁ ନିୟନ୍ତ୍ରଣ ହରାଉଛନ୍ତି । ସେମାନେ ଚାହୁଁଥିଲେ ମଧ୍ୟ ଏହି ଦୁନିଆଠାରୁ ନିଜକୁ ଦୂରରେ ରଖି ପାରୁନାହାନ୍ତି । ସ୍ମାର୍ଟଫୋନ୍ ଓ କିଛି ଆପ୍ ଲୋକଙ୍କୁ ନିଜ ନିୟନ୍ତ୍ରଣରେ ରଖୁଛି । କିଛି ସମୟ ଫୋନ୍ ନଦେଖିଲେ ବ୍ୟତିବ୍ୟସ୍ତ ହୋଇପଡୁଛନ୍ତି । ତେଣୁ ଡିଜିଟାଲ୍ ଦୁନିଆ ଆମ ଜୀବନକୁ ନିୟନ୍ତ୍ରଣ କରିବା ପୂର୍ବରୁ ଆମେ ତାହାକୁ ନିଜ ନିୟନ୍ତ୍ରଣରେ ରଖିବାକୁ ଉଦ୍ୟମ କରିବା ଦରକାର ବୋଲି ଇନ୍‌ଫୋସିସ୍‌ର ସହ-ପ୍ରତିଷ୍ଠାତା ନନ୍ଦନ ନିଲେକାନି କହିଛନ୍ତି । ଭୁବନେଶ୍ୱର କ୍ଲବ୍‌ରେ ଅନୁଷ୍ଠିତ ଟାଟା ଷ୍ଟିଲ୍ ଭୁବନେଶ୍ୱର ସାହିତ୍ୟ ଉତ୍ସବର ଉଦ୍‌ଯାପନୀ ଦିବସର ପ୍ରଥମ ଅଧିବେଶନରେ ଆୟୋଜିତ କାର୍ଯ୍ୟକ୍ରମରେ ନିଜ ପୁସ୍ତକ 'ଦି ଆର୍ଟ ଅଫ୍ ବିଟ୍‌ଫୁଲ୍‌ନେସ୍' ଉପରେ ସହ-ଲେଖକ ତନୁଜ ଭୋଜୱାନି ଓ 'ସମ୍ବାଦ' ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶିକା ମୋନିକା ନେୟାର ପଟ୍ଟନାୟକଙ୍କ ସହ ଭର୍ଚୁଆଲ ମାଧ୍ୟମରେ ଆଲୋଚନା ବେଳେ ସେ ଏହା କହିଛନ୍ତି । ଏହି ପୁସ୍ତକ ପଛର ପ୍ରକୃତ ଉଦ୍ଦେଶ୍ୟ କ'ଣ ବୋଲି ମୋନିକା ପଚାରିଥିବା ପ୍ରଶ୍ନର ଉତ୍ତରରେ ନିଲେକାନି କହିଛନ୍ତି ଯେ କିଛି ବର୍ଷ ଧରି ଲୋକମାନେ ଡିଜିଟାଲ୍ ଦୁନିଆରେ ବେଶ୍ ସକ୍ରିୟ ରହିଛନ୍ତି । କରୋନା ମହାମାରୀ ପରେ ତାହା ଆହୁରି ବଢ଼ିଯାଇଛି । ଏବେ ଡିଜିଟାଲ୍ ଦୁନିଆ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଛି । ଲୋକମାନେ ଏବେ ଅଧିକ ଅନ୍ୟମନସ୍କ ରହୁଛନ୍ତି । ଗୋଟିଏ କାମ କରିବାକୁ ବାହାରିବା ବେଳେ ଫୋନ୍‌ରେ କିଛି ମେସେଜ୍ ଦେଖିବା ପରେ ସେମାନେ ସେହି କାମକୁ ଭୁଲି ଯାଉଛନ୍ତି । ସେଭଳି ସମସ୍ୟା ନିଜେ ସାମ୍ନା କରିବା ପରେ ନିଲେକାନି ଏହି ପୁସ୍ତକ ଲେଖିବାକୁ ସ୍ଥିର କରିଥିଲେ ବୋଲି କହିଛନ୍ତି । ସେ କହିଛନ୍ତି ଯେ ମୁଁ ୫୫ବର୍ଷ ବୟସରେ ସ୍ମାର୍ଟଫୋନ୍ ବ୍ୟବହାର ଆରମ୍ଭ କରିଥିଲି ଓ ତନୁଜ ୨୧ବର୍ଷ ବୟସରେ ସ୍ମାର୍ଟଫୋନ୍ କିଣିଥିଲେ । ବୟସ ଦୃଷ୍ଟିରୁ ଆମେ ପରସ୍ପରଠାରୁ ଅଲଗା ହୋଇଥିବା ବେଳେ ଆମ ଅନୁଭୂତି ମଧ୍ୟ ଭିନ୍ନ । ଡିଜିଟାଲ୍ ଦୁନିଆରେ ଲୋକମାନେ ନିଜକୁ କିଭଳି ଶାନ୍ତ ରଖିପାରିବେ ଓ ବାସ୍ତବ ଦୁନିଆକୁ ଭଲ ଭାବେ ଉପଭୋଗ କରିପାରିବେ, ସେଥିପାଇଁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଏହି ପୁସ୍ତକରେ ରହିଛି ବୋଲି ସେ କହିଛନ୍ତି । ଏହି ଅବସରରେ ତନୁଜ କହିଛନ୍ତି ଯେ ଆମେ ପ୍ରଯୁକ୍ତିକୁ ବିରୋଧ କରୁନାହୁଁ । ତାହା ଲୋକଙ୍କଠାରୁ ଦୂରେଇଯାଉ ବୋଲି ମଧ୍ୟ ଚାହୁ ନାହୁଁ । ଆଇଆଇଟି ବମ୍ବେ ଭଳି ଅନୁଷ୍ଠାନରେ ପାଠ ପଢ଼ିଥିବାରୁ ପ୍ରଯୁକ୍ତିକୁ ଆମେ ବହୁତ ଭଲପାଉ । ସାରା ଦୁନିଆକୁ ବଦଳାଇ ଦେବାର ଶକ୍ତି ତାହା ପାଖରେ ରହିଛି । ମାତ୍ର ଡିଜିଟାଲ୍ ଦୁନିଆରେ ମାତ୍ରାଧିକ ସୂଚନା, ମିଥ୍ୟା ଖବର ଓ ରାଜନୀତିକୁ ନେଇ ବିଭିନ୍ନ ଚର୍ଚ୍ଚା ଲୋକମାନଙ୍କ ସାଧାରଣ ଜୀବନକୁ ପ୍ରଭାବିତ କରୁଛି । ସେମାନେ କିଭଳି ନିଜ କାମ ପ୍ରତି ମନସ୍କ ରହିପାରିବେ ସେଥିପାଇଁ କିଛି ପରାମର୍ଶ ପୁସ୍ତକରେ ପ୍ରଦାନ କରାଯାଇଛି । ଡିଜିଟାଲ ଭୋଜନ ବା ଡିଜିଟାଲ ପରିମଳ ସମ୍ପର୍କିତ ମୋନିକାଙ୍କ ପ୍ରଶ୍ନର ଉତ୍ତରରେ ନିଲେକାନି କହିଛନ୍ତି ଯେ ଡିଜିଟାଲ୍ ଦୁନିଆରେ କିଭଳି ନିଜକୁ ଶାନ୍ତ ରଖି ହେବ, ସେହି କଳା ଲୋକମାନଙ୍କୁ ଶିଖିବାକୁ ହେବ । ପ୍ରତିଦିନ ଆମେ ଯେଭଳି ଦାନ୍ତ ସଫା କରୁଛେ, ସେଭଳି ଶୋଇବା ପୂର୍ବରୁ ଡିଜିଟାଲ୍ ଦୁନିଆର ସବୁ କାମ ଶେଷ କରିବାକୁ ହେବ । ଏହି ସମସ୍ୟା ଏଡ଼ାଇବା ଲାଗି ନିଜକୁ ପ୍ରସ୍ତୁତ କରିବାକୁ ପଡ଼ିବ । କିଛି ସମୟ ବାହାର କରି ଧ୍ୟାନ କରିବା କିମ୍ବା କିଛି ନକରି କେବଳ ବସିବାକୁ ହେବ । ଯଦିଓ ଏହା କଷ୍ଟକର, କିନ୍ତୁ ସ୍ମାର୍ଟଫୋନ୍‌ଠାରୁ ନିଜକୁ କିଛି ସମୟ ଦୂରେଇ ରଖିବା ଲାଗି ଉଦ୍ୟମ କରିବାକୁ ପଡ଼ିବ । କୌଣସି ପାଠାଗାର, ପାର୍କ କିମ୍ବା ସାର୍ବଜନୀନ ସ୍ଥାନକୁ ଯିବା ବେଳେ ଆମେ ଯେଭଳି ସ୍ୱାଭାବିକ ଭାବେ ବ୍ୟବହାର ପ୍ରଦର୍ଶନ କରିଥାଉ, ଡିଜିଟାଲ୍ ଦୁନିଆ ସେହି ମୂଳ ସ୍ୱଭାବ ପ୍ରତି ବିପଦ ସୃଷ୍ଟି କରିଛି । କୋଡିଂ ଜରିଆରେ ପ୍ରସ୍ତୁତ ହୋଇଥିବା କିଛି ଆପ୍ ଆମ ଜୀବନକୁ ନିୟନ୍ତ୍ରଣ କରିବା ଠିକ୍ ନୁହେଁ ବୋଲି ନିଲେକାନି କହିଛନ୍ତି ।

# ତୃତୀୟ ଲହରରେ ଘାଣ୍ଟି ହୋଇଛନ୍ତି ସହରାଞ୍ଚଳ ଲୋକ

ଭୁବନେଶ୍ୱର ,୧୪/୦୩ (ନି.ପ୍ର): କରୋନାର ତୃତୀୟ ଲହରରେ ସହରାଞ୍ଚଳ ଲୋକ ଅଧିକ ଘାଣ୍ଟି ହୋଇଛନ୍ତି । ବ୍ୟାପକ ଟିକାକରଣ, ସଚେତନତା ଓ ସେରୋ ସର୍ଭେରେ ଭଲ ସ୍ଥିତି ସତ୍ତ୍ୱେ ଏଠାରେ ରହୁଥିବା ଲୋକମାନେ କରୋନାରୁ ବର୍ତ୍ତିପାରି ନାହାନ୍ତି । ଅନ୍ୟପକ୍ଷରେ ତୃତୀୟ ଲହର କିନ୍ତୁ ରାଜ୍ୟରେ ଶିଶୁଙ୍କ ପାଇଁ ବିପଦ ସାବ୍ୟସ୍ତ ହୋଇନାହିଁ ।

ସ୍ୱାସ୍ଥ୍ୟ ବିଭାଗର ତଥ୍ୟ ଅନୁସାରେ, ସହରରୁ ୧,୨୫,୭୦୬ ଲୋକ ଓ ଗ୍ରାମାଞ୍ଚଳରେ ୧,୦୪,୩୬୮ ଲୋକ ଫେବ୍ରୁଆରି ଶେଷ ସୁଦ୍ଧା ସଂକ୍ରମିତ ହୋଇଛନ୍ତି । ସମୁଦାୟ ସଂକ୍ରମିତ ଜନସଂଖ୍ୟାର ଏହା ୫୫% ଓ ୪୫% । ବୟସ ଭିତ୍ତିରେ ଅନୁଶୀଳନ କଲେ ୦-୧୮ବର୍ଷରେ ୨୯,୮୧୯ଜଣ ବା ୧୩%, ୧୯-୪୦ବର୍ଗର ୪୯%, ୪୧-୬୦ବର୍ଷର ୨୭% ଓ ୬୦ବର୍ଷରୁ ଅଧିକ ୧୦ % ଲୋକ ସଂକ୍ରମିତ ହୋଇଛନ୍ତି । ୬୦% ବା ୧,୩୮,୬୪୧ ପୁରୁଷ ଓ ୯୧,୪୨୯ ବା ୪୦% ମହିଳାଙ୍କୁ କରୋନା ଆକ୍ରାନ୍ତ କରିଛି । ସେହିପରି ଫେବ୍ରୁଆରି ଶେଷ ସୁଦ୍ଧା ରାଜ୍ୟରେ ୬୧୭ ଜଣଙ୍କ ମୃତ୍ୟୁ ହୋଇଛି । ଏଥିରେ ୦-୧୮ବର୍ଷର ୫%, ୧୯-୪୦ବର୍ଷର ୮୯ ବା ୧୪%, ୪୧-୬୦ବର୍ଷର ୧୭୭ଜଣ ବା ୨୯% ଓ ୬୦ବର୍ଷରୁ ଅଧିକ ୩୧୯ଜଣ ବା ୫୨ % କରୋନାର ଶିକାର ହୋଇଛନ୍ତି । ଅନ୍ୟ ଦୁଇ ଲହର ଭଳି ତୃତୀୟ ଲହରରେ ମଧ୍ୟ ୬୦ବର୍ଷରୁ ଅଧିକ ଲୋକମାନେ କରୋନାରେ ପ୍ରାଣ ହରାଇଥିବା ସ୍ପଷ୍ଟ ହୋଇଛି ।

ଚଳିତମାସରେ ଜୀବ ବିଜ୍ଞାନ ପ୍ରତିଷ୍ଠାନ(ଆଇଏଲଏସ୍)ରେ ଜିନୋମ ସିକ୍ୱେନ୍ସିଂ ହୋଇଥିବା ନମୁନାରେ କେବଳ ଓମିକ୍ରନ୍ ପ୍ରଜାତି ହିଁ ଚିହ୍ନଟ ହୋଇଛି । ଜାନୁଆରି ମାସ ବେଳକୁ ରାଜ୍ୟର ମାତ୍ର ୨୫% ନମୁନାରେ ଓମିକ୍ରନ୍ ପ୍ରଜାତି ଚିହ୍ନଟ ହୋଇଥିବା ବେଳେ ଗତ ଦୁଇ ମାସରେ ଏହା ୪ଗୁଣ ବୃଦ୍ଧି ପାଇଛି । ଘାତକ ଡେଲ୍‌ଟା ପ୍ରଜାତିକୁ ଅପସାରଣ କରିବାରେ ଓମିକ୍ରନ୍ ସଫଳ ହୋଇଛି । ନିକଟରେ ଆଇଆଇଟି କାନପୁର ଆକଳନ କରିଛି, ଦେଶରେ କରୋନାର ଚତୁର୍ଥ ଲହର ଜୁନ୍ ମାସରେ ଆସିପାରେ । କିନ୍ତୁ ରାଜ୍ୟରେ ଏବେ ଶତ ପ୍ରତିଶତ ନମୁନାରେ ଓମିକ୍ରନ୍ ଚିହ୍ନଟ ହୋଇଥିବାରୁ କରୋନାର ଆଉ ଏକ ଲହର ଆସିବାର ଆଶଙ୍କା କିଛିମାସ ପାଇଁ ଟଳିଯାଇଥିବା ବିଶେଷଜ୍ଞମାନେ ମତ ରଖୁଛନ୍ତି ।

ଫେବ୍ରୁଆରି ୨୮ ତାରିଖରୁ ମାର୍ଚ୍ଚ ୫ତାରିଖ ଭିତରେ ରାଜ୍ୟର ୧୨ଟି ଜିଲ୍ଲାରୁ ୧୬୬ଟି ନମୁନାର ଜିନୋମ ସିକ୍ୱେନ୍ସିଂ କରାଯାଇଥିଲା । ଦେବଗଡ଼, ଗଞ୍ଜାମ, ଜଗତସିଂହପୁର, ଝାରସୁଗୁଡ଼ା, କନ୍ଧମାଳ, କେନ୍ଦ୍ରାପଡ଼ା, ମୟୂରଭଞ୍ଜ, ନବରଙ୍ଗପୁର, ନୟାଗଡ଼, ସମ୍ବଲପୁର, ସୋନପୁର ଓ ସୁନ୍ଦରଗଡ଼ ଜିଲ୍ଲାରୁ ଏହି ନମୁନା ସଂଗ୍ରହ କରାଯାଇଥିଲା । ସୋନପୁର ଜିଲ୍ଲାରୁ ସର୍ବାଧିକ ୪୯ ନମୁନାରୁ ଓମିକ୍ରନ୍‌ର ଉପ-ପ୍ରଜାତି ବିଏ.୨, ସୁନ୍ଦରଗଡ଼ରେ ୪୩, ଝାରସୁଗୁଡ଼ା ୨୦, ଦେବଗଡ଼ ୧୧, ଜଗତସିଂହପୁର ଓ କନ୍ଧମାଳରେ ୧୦



ଲେଖାଏଁ ରହିଛି । କରୋନାର ଦ୍ୱିତୀୟ ଓ ତୃତୀୟ ଲହରରେ ଘାତକ ଡେଲ୍‌ଟା ପ୍ରଜାତି ପାଇଁ ବହୁ ସଂଖ୍ୟାରେ ଲୋକଙ୍କ ଜୀବନ ଯାଇଥିଲା । ବିଶେଷଜ୍ଞଙ୍କ ମତରେ ଯଦି କରୋନାର କୌଣସି ନୂଆ ପ୍ରଜାତି ନ ଆସେ ତାହାଲେ ଧୀରେ ଧୀରେ ଏହା ଏଣ୍ଡେମିକ୍ ବା ଶେଷ ପର୍ଯ୍ୟାୟରେ ପହଞ୍ଚିବ । ଆଇଏଲଏସ୍‌ର ଅଧିକାରୀଙ୍କ ମତରେ, ନିୟମିତ ବ୍ୟବଧାନରେ ଆରଟି-ପିସିଆର ପଜିଟିଭ୍ ନମୁନାକୁ ଜିନୋମ ସିକ୍ୱେନ୍ସିଂ କରିବା ଲାଗି ପଠାଇବାକୁ ରାଜ୍ୟ ସରକାରଙ୍କୁ କୁହାଯାଇଛି । ରାଜ୍ୟରେ ତୃତୀୟ ଲହରରେ ଗତ ୩ମାସ ପରେ ଦୈନିକ ସଂକ୍ରମଣ ଶହେ ତଳକୁ ଖସି ଆସିଛି । ଗତ ୨୪ଘଣ୍ଟାରେ ରାଜ୍ୟରେ ୮୩ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ୮ ଜିଲ୍ଲାରେ ଶୂନ ଆକ୍ରାନ୍ତ ରହିଛନ୍ତି । ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୨ଲକ୍ଷ ୮୬ହଜାର ୫୪୦କୁ ବୃଦ୍ଧି ପାଇଛି । ଆଉ ୩ଜଣ କରୋନାରେ ପ୍ରାଣ ହରାଇଥିବା ନେଇ ସରକାରୀ ଘୋଷଣା ହୋଇଛି । ମୋଟ ମୃତ୍ୟୁ ସଂଖ୍ୟା ୯୧୦୮କୁ ବୃଦ୍ଧି ପାଇଛି । ସେହିଭଳି ଆଉ ୧୬୩ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏଥିସହିତ ଚିକିତ୍ସାଧୀନ ରୋଗୀଙ୍କ ସଂଖ୍ୟା ୮୧୪କୁ ଖସି ଆସିଛି ।

# ଆଉ କେତେ ମୂର୍ତ୍ତି ଚୋରି ହେଲେ ନିଦ ଭାଙ୍ଗିବ: ସ୍ଥାନୀୟ ଅଞ୍ଚଳରେ ତେଜୁଛି ଅସନ୍ତୋଷ

ଭୁବନେଶ୍ୱର ,୧୪/୦୩ (ନି.ପ୍ର): ଶହ ଶହ ବର୍ଷ ଧରି ମନ୍ଦିରରେ ପୂଜା ପାଇ ଆସୁଥିବା ମୂର୍ତ୍ତିକୁ ଲୁଟି ନେଉଛନ୍ତି ଦୁର୍ବୃତ୍ତ । ଗତ ତିନି ମାସ ମଧ୍ୟରେ ପୁରୀ ଜିଲ୍ଲାର ପିପିଲି, ସତ୍ୟବାଦୀ, କଣାସ, ଚନ୍ଦନପୁର ଭଳି ଅଞ୍ଚଳରେ ମନ୍ଦିରରୁ ଠାକୁରଙ୍କ ମୂର୍ତ୍ତି ଚୋରି ପରେ ଶ୍ରଦ୍ଧାଳୁଙ୍କ ମନରେ ଗଭୀର ଆଘାତ ଲାଗିଛି । କିନ୍ତୁ ପୁଲିସ ଅଧିକାଂଶ ଘଟଣାର ପର୍ଦ୍ଦାଫାସ୍ କରି ନ ପାରିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଲାଣି । କାରଣ ଶ୍ରଦ୍ଧାଳୁଙ୍କ ଭାବାବେଗ ସହ ଖେଳୁଛନ୍ତି ଦୁର୍ବୃତ୍ତ । ହେଲେ ସରକାରଙ୍କ ନିଦ ଭାଙ୍ଗୁନି । କର୍ଣ୍ଣାଟକ ସରକାରଙ୍କ ତତ୍ପରତା ପାଇଁ ମାଙ୍ଗାଲୋର ଜୈନ ମୂର୍ତ୍ତି ଚୋର ଭୁବନେଶ୍ୱରରୁ ଧରାପଡ଼ିଥିଲା ମିଳିଥିବା ସୂଚନା ଅନୁସାରେ, ଗତ ଡିସେମ୍ବର ଠାରୁ ଏବେଯାଏ ମୂର୍ତ୍ତି ଚୋରି ରାକେଟ୍ ପୁରୀ ଜିଲ୍ଲାରେ ପୁଲିସକୁ ଚ୍ୟାଲେଞ୍ଜ ଦେଇ ଗୋଟିଏ ପରେ ଗୋଟିଏ ଘଟଣା ଘଟାଇ ଚାଲିଛନ୍ତି । ପିପିଲି ମାମଲାକୁ ଛାଡ଼ି ଦେଲେ ବାକି ସବୁ ଘଟଣାରେ ପୁଲିସ ହାତରେ ସାମାନ୍ୟତମ ସୁରାକ୍ ଲାଗି ପାରିନାହିଁ । କିମ୍ବା ଚୋରିକୁ ମଧ୍ୟ ରୋକିବାରେ ସେଭଳି କିଛି ଠୋସ୍ ରଣନୀତି ପ୍ରସ୍ତୁତ କରାଯାଇ ନାହିଁ । ଏକାଧିକ ମନ୍ଦିର ଚୋରି ଘଟଣାର ତଦନ୍ତ କରିବା ବେଳେ ପୁରୀ ପୁଲିସ ଗତ ମଙ୍ଗଳବାର କିଛି ପ୍ରାଚୀନ ମୂର୍ତ୍ତି ଉଦ୍ଧାର କରି ଏକ ଦମ୍ପତିଙ୍କୁ ଗିରଫ କରିଥିଲା । ହେଲେ ସେହି ମୂର୍ତ୍ତି ଗୁଡ଼ିକ ପୁରୀ ଜିଲ୍ଲାର ନୁହେଁ ବୋଲି ସ୍ପଷ୍ଟ ହୋଇଥିବା ବେଳେ କେଉଁ ଅଞ୍ଚଳର ତାହା ମଧ୍ୟ ଜଣାପଡ଼ି ନାହିଁ । ଦମ୍ପତିଙ୍କ ପାଖକୁ ମୂର୍ତ୍ତି କେଉଁଠୁ ଆସିଲା ? କେଉଁଠିକୁ ଚାଲାଣ କରିଥାନ୍ତେ ? ସେ ସମ୍ପର୍କରେ ମଧ୍ୟ ତଦନ୍ତକାରୀ ଟିମ୍ ତଥ୍ୟ ହାସଲ କରିପାରି ନାହିଁ । ସେହିପରି ପିପିଲି ମୂର୍ତ୍ତି ଚୋରି ମାମଲାରେ ଅଭିଯୁକ୍ତ ବାପୁନି ପାଢ଼ୀକୁ ପୁଲିସ ଭୁବନେଶ୍ୱର ପାତ୍ରପଡ଼ାରୁ ଗିରଫ କରି ୫ଟି ମୂର୍ତ୍ତି ଉଦ୍ଧାର କରିଥିଲା । କିନ୍ତୁ ବାପୁନି ସହ ଆଉ କିଏ ସମ୍ପୃକ୍ତ ଅଛି ? ବାପୁନି ପାଖରେ ମୂର୍ତ୍ତି କେମିତି ପହଞ୍ଚିଲା ? ଚୋରି ମୂର୍ତ୍ତିକୁ କେଉଁଠିକୁ ଚାଲାଣ କରାଯାଇଥାନ୍ତା ? ଏହି ରାକେଟର ଚେର କେଉଁ ପର୍ଯ୍ୟନ୍ତ ଲମ୍ବିଛି ? ସେ ସମ୍ପର୍କରେ ମଧ୍ୟ ପୁଲିସ କାଣିଚାଏ ବି ସୁରାକ୍ ପାଇପାରିଲା ନାହିଁ । ଯାହାଫଳରେ ଚୋରି ବଢ଼ି ବଢ଼ି ଚାଲିଲା । ଅନ୍ୟପକ୍ଷରେ ଗତ ନଭେମ୍ବରରେ ରାଜଧାନୀର ପାହାଳ ଥାନା ଅନ୍ତର୍ଗତ ନହରକଣ୍ଟାର ସ୍ୱପ୍ନେଶ୍ୱର ମନ୍ଦିର ଓ ଡିସେମ୍ବରରେ ବାଲିଅନ୍ତା ଥାନା ଭିଙ୍ଗାରପୁର ଅଞ୍ଚଳରୁ ଗୋପୀନାଥ ଦେବ ମନ୍ଦିରରୁ ଚୋରି ଘଟଣାରେ ମଧ୍ୟ କମିସନରେଟ ପୁଲିସ ଫେଲ୍ ମାରିଛି । ଏହି ଦୁଇଟି ଘଟଣାରେ ପ୍ରାଚୀନ ଅଷ୍ଟଧାତୁ ମୂର୍ତ୍ତି ଚୋରି ହୋଇଛି । ଏପରିକି ତଦନ୍ତରେ ମଧ୍ୟ ସେମିତି ତତ୍ପରତା ଦେଖିବାକୁ ମିଳୁନାହିଁ । ଯାହାକୁ ନେଇ ପୁଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ଓଡ଼ିଆ ପ୍ରତି ବୈମାତୃକ ମନୋଭାବ: ପରୀକ୍ଷାର୍ଥୀଙ୍କ ସମସ୍ୟା ବୁଝିଲାନି ସିବିଏସ୍‌ଇ

ଭୁବନେଶ୍ୱର ,୧୪/୦୩ (ନି.ପ୍ର): ଓଡ଼ିଆ ଭାଷା ବିରୋଧରେ ଏକ ସାଂଘାତିକ ଷଡ଼୍‌ଯନ୍ତ୍ର ପଦାକୁ ଆସିଛି । ଖୋଦ୍ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ(ସିବିଏସ୍‌ଇ) ଏଭଳି ଷଡ଼୍ ?ଯନ୍ତ୍ର ରଚନା କରିଛି । ଓଡ଼ିଆ ଭାଷା ଶିକ୍ଷା ପ୍ରତି ସ୍କୁଲ ପିଲାଙ୍କ ମନରେ କିଭଳି ଆଗ୍ରହ ସୃଷ୍ଟି ନହେବ, ସେଥିପାଇଁ ରୀତିମତ ଯୋଜନା ପ୍ରସ୍ତୁତ କରାଯାଇଛି । ସଦ୍ୟ ପ୍ରକାଶିତ ସିବିଏସ୍‌ଇ ଦଶମ ଶ୍ରେଣୀ ଟର୍ମ-୧ ପରୀକ୍ଷା ଫଳରେ ଏଭଳି ତଥ୍ୟ ସାମ୍ନାକୁ ଆସିଛି ।

ଅଭିଯୋଗ ହୋଇଛି ଯେ ଦଶମ ଶ୍ରେଣୀ ଟର୍ମ-୧ ପରୀକ୍ଷାର ଓଡ଼ିଆ ବିଷୟ ପ୍ରଶ୍ନପତ୍ରରେ ତ୍ରୁଟି ରହିଥିଲା । ମଲଟିପୁଲ୍ ଚଏସ୍ ବିଶିଷ୍ଟ ପ୍ରଶ୍ନଗୁଡ଼ିକରେ ଯେଉଁ ସବୁ ଉତ୍ତର ଉଲ୍ଲେଖ ରହିଥିଲା ସେଥିରୁ ପାଖାପାଖି ୨୦ଟି ଭୁଲ୍ ଥିଲା । ଯେଉଁଥିପାଇଁ ପରୀକ୍ଷାର୍ଥୀ ଦ୍ୱନ୍ଦ୍ୱରେ ପଡ଼ି ଉତ୍ତର ଲେଖିଥିଲେ । ଏମିତି କିଛି ପ୍ରଶ୍ନ ରହିଥିଲା ଯାହାକୁ ପିଲାମାନେ ବୁଝି ପାରି ନ ଥିଲେ । ବକ୍ସି ଜଗବନ୍ଧୁ, ଜୟୀ ରାଜଗୁରୁଙ୍କ ପରି ଓଡ଼ିଶାର ମହାନ ବିପ୍ଳବୀଙ୍କ ବିଷୟରେ ଭୁଲ୍ ତଥ୍ୟ ଉପସ୍ଥାପନା କରାଯାଇଥିଲା । ଛାତ୍ରଛାତ୍ରୀ ବହୁ କଷ୍ଟରେ ପ୍ରଶ୍ନଗୁଡ଼ିକୁ ବୁଝି ସଠିକ୍ ଉତ୍ତର ଲେଖିଥିଲେ ମଧ୍ୟ ସେମାନଙ୍କୁ ଉଚିତ୍ ମାର୍କ ମିଳିନାହିଁ । ଭୁଲ୍ ପ୍ରଶ୍ନପତ୍ର ସାଙ୍ଗକୁ ଠିକ୍ ମୂଲ୍ୟାୟନ ହୋଇ ନ ଥିବାରୁ ଛାତ୍ରଛାତ୍ରୀଙ୍କର ମାର୍କ କମିଯାଇଥିବା ଅଭିଭାବକ ଅଭିଯୋଗ ଆଣିଛନ୍ତି ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ପ୍ରଶ୍ନପତ୍ର ଭୁଲ୍ ହୋଇଥିବା ନେଇ ଅଭିଭାବକମାନେ ସିବିଏସ୍ ?ଇ ଆଞ୍ଚଳିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପ୍ରଶ୍ନପତ୍ରରେ ପ୍ରାୟ ୨୦ଟି ପ୍ରଶ୍ନର ଭୁଲ୍ ଉତ୍ତର ଲେଖାଥିବା ସେମାନେ ଜଣାଇଥିଲେ । ଦାବି ଉପସ୍ଥାପନ ବେଳେ ଏନେଇ ବିଚାର କରାଯିବ ବୋଲି ଆଞ୍ଚଳିକ ଅଧିକାରୀ ଅଭିଭାବକମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ତା'ପରେ ମଧ୍ୟ କୌଣସି ପଦକ୍ଷେପ ନିଆଗଲା ନାହିଁ । ସିବିଏସ୍‌ଇ ମୁଖ୍ୟାଳୟ କିମ୍ବା ଆଞ୍ଚଳିକ ଅଧିକାରୀ କେହି ବି ପିଲାଙ୍କ ସମସ୍ୟା ପ୍ରତି କୌଣସି ଦୃଷ୍ଟି ଦେଲେନି । ପରିଣାମ ସ୍ୱରୂପ ଛାତ୍ରଛାତ୍ରୀ ଏବେ କାନ୍ଦୁଛନ୍ତି । ନ୍ୟାୟ ପାଇବା ପାଇଁ ସ୍କୁଲକୁ ଦୌଡ଼ୁଛନ୍ତି । ସ୍କୁଲ କର୍ତ୍ତୃପକ୍ଷ ସିବିଏସ୍‌ଇ ଆଞ୍ଚଳିକ ଅଧିକାରୀଙ୍କୁ ଯୋଗାଯୋଗ କରୁଥିଲେ ମଧ୍ୟ ସେମାନେ ଶୁଣୁନାହାନ୍ତି । ଆହୁରି ଅଭିଯୋଗ ହୋଇଛି ଯେ ମୂଲ୍ୟାୟନ ଲାଗି ମୂଲ୍ୟାୟନକାରୀମାନଙ୍କୁ ଯେଉଁ ଉତ୍ତର ସିଟ୍ ଦିଆଯାଇଥିଲା ତାହା ବି ଭୁଲ୍ ଥିଲା । କିନ୍ତୁ ମୂଲ୍ୟାୟନକାରୀ ତାହା ଜାଣିପାରିଲେ ନାହିଁ । ଉତ୍ତର ସିଟ୍ ଯେଉଁଭଳି ଭାବେ ଥିଲା ମୂଲ୍ୟାୟନ ମଧ୍ୟ ସେଭଳି କରିଦେଇଛନ୍ତି ।

ଅନ୍ୟ ପକ୍ଷରେ ଦଶମ ଶ୍ରେଣୀ ଟର୍ମ-୨ ପରୀକ୍ଷା ପାଇଁ ଜାରି କାର୍ଯ୍ୟସୂଚୀରେ ଓଡ଼ିଆ ବିଷୟକୁ ଅଣଦେଖା କରାଯାଇଥିବା ନଜରକୁ ଆସିଛି । ଦୁଇଟି ବିଷୟ ପରୀକ୍ଷା ମଧ୍ୟରେ କିଛି ଦିନ ବ୍ୟବଧାନ କରିଥିଲେ ମଧ୍ୟ ଓଡ଼ିଆ ବିଷୟରେ ସେଭଳି କିଛି କରାଯାଇ ନାହିଁ । ଛାତ୍ରଛାତ୍ରୀଙ୍କ ଲାଗି ଗୁରୁତ୍ୱପୂର୍ଣ୍ଣ ଥିବା ଗଣିତ ପରୀକ୍ଷା ମେ' ୫ରେ କରିବାକୁ ସ୍ଥିର ହୋଇଛି । ଏହାର ଠିକ୍ ପରଦିନ ଅର୍ଥାତ୍ ମେ' ୬ରେ ଓଡ଼ିଆ ପରୀକ୍ଷା ହେବ । କରୋନା କାଳରେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ପ୍ରଭାବିତ ହୋଇଥିବା ବେଳେ ଏଭଳି ମାନସିକ ଚାପ ପଡ଼ିବା ଦ୍ୱାରା ସେମାନେ ଓଡ଼ିଆ ବିଷୟରେ କମ୍ ମାର୍କ ରଖିବା ଏକପ୍ରକାର ଥୟ । ଓଡ଼ିଶା ଅଭିଭାବକ ମହାସଂଘ ସହ ଅଧ୍ୟକ୍ଷ ପ୍ରସନ୍ନ ବିଶୋଇ କହିଛନ୍ତି ଯେ ସିବିଏସଇ ଦଶମ ଶ୍ରେଣୀ ଟର୍ମ-୧ ପରୀକ୍ଷା ଫଳରେ ଗୁରୁତର ତ୍ରୁଟି ହୋଇଛି । ଯେଉଁଥିପାଇଁ ଓଡ଼ିଆ ବିଷୟରେ ହଜାର ହଜାର ଛାତ୍ରଛାତ୍ରୀ କ୍ଷତିଗ୍ରସ୍ତ ହୋଇ କମ୍ ମାର୍କ ପାଇଛନ୍ତି । ଏନେଇ ପୂର୍ବରୁ ମହାସଂଘର ଏକ ପ୍ରତିନିଧି ଦଳ ସିବିଏସଇ ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆଞ୍ଚଳିକ ଅଧିକାରୀଙ୍କୁ ଭେଟି ଅଭିଯୋଗ କରିଥିଲା । ମାତ୍ର ତାହାକୁ କାର୍ଯ୍ୟକାରୀ କରିବାରେ ଅବହେଳା ପ୍ରଦର୍ଶନ କରାଯାଇଛି । କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଓ ସିବିଏସ୍‌ଇ କର୍ତ୍ତୃପକ୍ଷ ଏହା ଉପରେ ଗୁରୁତ୍ୱ ଦେଇ ଛାତ୍ରଛାତ୍ରୀଙ୍କୁ ନ୍ୟାୟ ଦିଅନ୍ତୁ ବୋଲି ସେ କହିଛନ୍ତି ।

# ସାଇବର ଠକଙ୍କ ନୂଆ ତରିକା: ଯବାନଙ୍କ ଶାରୀରିକ ପରୀକ୍ଷା ଆଳରେ ଠକେଇ

ଭୁବନେଶ୍ୱର ,୧୪/୦୩ (ନି.ପ୍ର): 'ଗୁଣପୁର ସିଆରପିଏଫ୍ କ୍ୟାମ୍ପରୁ ମେଜର୍ ଶ୍ରୀକାନ୍ତ ଶର୍ମା କହୁଛି । ଆପଣଙ୍କ ନର୍ସିଂହୋମ୍‌ରେ ୨୫ଜଣ ଯବାନଙ୍କର ଶାରୀରିକ ପରୀକ୍ଷା ହେବ । ଆସନ୍ତାକାଲି ପ୍ରାୟ ୮ ପ୍ରକାରର ପରୀକ୍ଷଣ କରିବୁ । କେତେ ଟଙ୍କା ଲାଗିବ କୁହନ୍ତୁ' ରାୟଗଡ଼ାସ୍ଥିତ ଗୁଣପୁରର ଏକ ଘରୋଇ ନର୍ସିଂହୋମ୍‌ରେ ଯବାନଙ୍କର ଶାରୀରିକ ପରୀକ୍ଷା କରାଇବାକୁ କହି ସାଇବର ଠକ ନର୍ସିଂହୋମ୍ ମାଲିକଙ୍କ ଠାରୁ ପ୍ରାୟ ୨୬ହଜାର ଟଙ୍କା ଚଳୁ କରିଛି । ଏନେଇ ନର୍ସିଂହୋମ୍ ମାଲିକ କୋରାପୁଟ ସାଇବର ଥାନାରେ ଅଭିଯୋଗ କରିଛନ୍ତି ।

ନର୍ସିଂହୋମ୍ ମାଲିକଙ୍କ କହିବାନୁଯାୟୀ, ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟା ବେଳେ ତାଙ୍କ ପାଖକୁ ଏକ ଅଜଣା ନମ୍ବରରୁ ଫୋନ୍ ଆସିଥିଲା । ଫୋନ୍ କରିଥିବା ବ୍ୟକ୍ତି ନିଜକୁ ଗୁଣପୁର ସିଆରପିଏଫ୍‌ର ମେଜର୍ ବୋଲି ପରିଚୟ ଦେଇଥିଲା । କିଛିଦିନ ତଳେ ତାଙ୍କ ଗୁଣପୁର କ୍ୟାମ୍ପ ପାଇଁ କିଛି ଯୁବକଙ୍କ ପରୀକ୍ଷା କରାଯାଇଥିଲା । ସେଥିରୁ ୨୫ଜଣ ଯୁବକ କୃତକାର୍ଯ୍ୟ ହୋଇଥିଲେ । ସେମାନଙ୍କର ଶାରୀରିକ ପରୀକ୍ଷା କରାଯିବ । ଯେଉଁଥିରେ ସିବିସି, ଏଲ୍‌ଏଫଟି, କେଏଫ୍‌ଟି, ଆରବିଏସ୍, ଏମ୍‌ପି, ଡବ୍ଲୁଆଇଡିଏଲ୍, ୟୁରିନ୍ ଆରଏମ୍, ୟୁରିନ୍ କଲ୍‌ଚର୍ ଭଳି ୮ଟି ଟେଷ୍ଟ କରାଯିବ । ତେଣୁ ଏଥିପାଇଁ କେତେ ଟଙ୍କା ଖର୍ଚ୍ଚ ହେବ କହିଲେ ଆଗୁଆ ୫୦ପ୍ରତିଶତ ଟଙ୍କା ପୈଠ କରାଯିବ ଏବଂ ଟେଷ୍ଟିଂ ସରିଲେ ବାକି ଟଙ୍କା ଦିଆଯିବ ବୋଲି କହିଥିଲେ ।

ପରେ ରାତି ପ୍ରାୟ ୯ଟା ବେଳକୁ ନର୍ସିଂହୋମ୍ ମାଲିକ ୮ଟି ଟେଷ୍ଟିଂ ପାଇଁ ଯବାନ ପିଛା ୧୪୫୦ଟଙ୍କା ଖର୍ଚ୍ଚ ହେବ ବୋଲି କହିଥିଲେ । ତେଣୁ ଅଗ୍ରୀମ ପ୍ରାୟ ୨୦ହଜାର ଟଙ୍କା ଦେଲା ପରେ ଆସନ୍ତାକାଲି ଟେଷ୍ଟିଂ ହେବ ବୋଲି ନର୍ସିଂହୋମ୍ ମାଲିକ ତାଙ୍କୁ କହିଥିଲେ । ଏହା ପରେ ଚୁକ୍ତି ଅନୁସାରେ ସାଇବର ଠକ କ୍ରେଡିଟ୍ କାର୍ଡ ନମ୍ବର ନର୍ସିଂହୋମ୍ ମାଲିକଙ୍କ ପାଖକୁ ପଠାଇଥିଲା । ଏହି ନମ୍ବରକୁ ଫୋନ୍ ପେ'ରେ ଦେଇ ଟଙ୍କା ନେଇଯିବାକୁ କହିଥିଲା । ପରେ



ନର୍ସିଂହୋମ ମାଲିକ ଉକ୍ତ ନମ୍ବରକୁ ଫୋନ୍ ପେ'ରେ ଟାଇପ୍ କରିବା ପରେ ପେମେଣ୍ଟ ପାଇଁ ଅପ୍ସନ ଆସିଥିଲା । ପରେ ହଠାତ୍ ତାଙ୍କ ଆକାଉଣ୍ଟରୁ ୨୬ହଜାର ଟଙ୍କା କଟିଯାଇଥିଲା । ଏପରିକି ସେ ପେମେଣ୍ଟ ପାଇଁ କୌଣସି ଅପ୍ସନ ଉପରେ କ୍ଲିକ୍ କରିନଥିଲେ କି ଓଟିପି ମଧ୍ୟ ଆସିନଥିଲା । ମାତ୍ର ଆକାଉଣ୍ଟରୁ ଟଙ୍କା କେମିତି କଟିଗଲା ବୋଲି ସେ ପ୍ରଶ୍ନ କରିଛନ୍ତି । ଏନେଇ ସେ ରବିବାର ଦିନ କୋରାପୁଟ୍ ସାଇବର ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି ।

ଅପରପକ୍ଷରେ ଏନେଇ ସାଇବର ବିଶେଷଜ୍ଞ ଆକାଶ ମିଶ୍ର କହିଛନ୍ତି, ଏହା ଏକ ନୂଆପ୍ରକାରର ଠକେଇ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସାଇବର ଠକ ନର୍ସିଂହୋମ୍ ମାଲିକଙ୍କୁ ଠକେଇ କରିବା ପୂର୍ବରୁ କେମିତି ଜାଣିଲା ଯେ ତାଙ୍କର ନର୍ସିଂହୋମ୍ ଅଛି । ଯେଉଁଥି ପାଇଁ ନୂଆ ଧରଣର ଉପାୟରେ ଟଙ୍କା ଠକିନେଲା । ତେଣୁ ଠକେଇର ଶିକାର ହୋଇଥିବା ବ୍ୟକ୍ତି ଅନ୍‌ଲାଇନ୍‌ରେ ନଚେତ ସାମାଜିକ ଗଣମାଧ୍ୟମରେ କୌଣସି ପ୍ଲାଟଫର୍ମ ତାଙ୍କର ଫୋନ୍ ନମ୍ବର ସହିତ ଜଡ଼ିତ ନର୍ସିଂହୋମ୍ ଥିବା ସୂଚନା ଦେଇଛନ୍ତି । ଯେଉଁଥିପାଇଁ ସେ ଠକେଇର ଶିକାର ହୋଇଛନ୍ତି ବୋଲି ସେ ସୂଚନା ଦେଇଛନ୍ତି । ତେଣୁ ଅନ୍‌ଲାଇନ୍‌ରେ କୌଣସି ପେମେଣ୍ଟ କରିବା ପୂର୍ବରୁ ତାଙ୍କୁ ସିଧାସଳଖ ନିଜ ଆକାଉଣ୍ଟକୁ ଟଙ୍କା ପଠାଇବାକୁ କୁହନ୍ତୁ ବୋଲି ଶ୍ରୀ ମିଶ୍ର ପରାମର୍ଶ ଦେଇଛନ୍ତି ।

# ନାଇଜର ଛାତ୍ରାବାସର ଛାତରୁ ଡେଇଁ ଛାତ୍ରୀଙ୍କ ଆତ୍ମହତ୍ୟା

ଜଟଣୀ,୧୪/୦୩ (ନି.ପ୍ର): ଭୁବନେଶ୍ୱରରେ ଥିବା ନାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ ରିସର୍ଚ୍ଚ (ନାଇଜର) କଲେଜ କ୍ୟାମ୍ପସରେ ଥିବା ଛାତ୍ରମାନଙ୍କ ଲାଗି ଉଦ୍ଦିଷ୍ଟ ଛାତ୍ରାବାସର ଛାତରୁ ଡେଇଁ ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟଣା ଚାଞ୍ଚଲ୍ୟ ଖେଳାଇ ଦେଇଛି । ମୃତ ଛାତ୍ରୀ ଜଣକ ହେଉଛନ୍ତି ଛତିଶଗଡ଼ର ପୂଜା ଜେଠୱାନୀ ବୋଲି ସୂଚନା ମିଳିଛି । ସେ ପଦାର୍ଥ ବିଜ୍ଞାନ ବିଭାଗ ପଞ୍ଚମ ବର୍ଷର ଛାତ୍ରୀ । କୌଣସି କାରଣରୁ ସେ ଦୀର୍ଘଦିନ ଧରି ମାନସିକ ଦୁର୍ଶ୍ଚିନ୍ତାରେ ଥିବା କୁହାଯାଉଛି । ସେ ଆଜି ସକାଳେ କଲେଜର ହଷ୍ଟେଲ ଛାତ ଉପରୁ ତଳକୁ ଡେଇଁପଡ଼ିଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ଏମ୍ସକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତକ ଘୋଷଣା କରିଥିଲେ । ତେବେ ଆତ୍ମହତ୍ୟାର ଅସଲ କାରଣ ଜଣାଯାଇନାହିଁ । ଖବର ପାଇ ଜଟଣୀ ଥାନା ଅଧିକାରୀ ଦୟାନିଧି ନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି ।



# ଓଡ଼ିଶା ଆନ୍ତଃବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ପରିକ୍ରମା



ବାରିପଦା, ୧୪/୦୩ (ନି.ପ୍ର): ସ୍ଥାନୀୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ତଥା ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ପ୍ରାୟୋଜିତ ଓଡ଼ିଶା ଆନ୍ତଃବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାରେ ରବିବାର ଦିନ ବ୍ୟାଡମିଣ୍ଟନ ପୁରୁଷ ସିଙ୍ଗଲ୍ସରେ ସୋଆ ବିଶ୍ୱବିଦ୍ୟାଳୟର ଅମ୍ରିତ୍ ମହାନ୍ତି ଚମ୍ପିୟାନ ହୋଇଥିବାବେଳେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଅଂଶୁମାନ ମହାଳିକ ରନର୍ସଅପ୍ ହୋଇଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟର ଶୁଭାଶିଷ ଦଣ୍ଡପାଟ ତୃତୀୟ ସ୍ଥାନ ହାସଲ କରିଥିବାବେଳେ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ସୁପ୍ରଭାତ ଓମପ୍ରକାଶ ସାହୁ ଚତୁର୍ଥ ସ୍ଥାନ ହାସଲ କରିଛନ୍ତି । ବ୍ୟାଡମିଣ୍ଟନରେ ପୁରୁଷ ଡବଲ୍ସରେ ରାମଶଙ୍କର ମଲ୍ଲିକ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସରୋଜ ଭୋଇ ଚମ୍ପିୟାନ ହୋଇଥିବାବେଳେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଅନୁଭବ ସାହୁ ରନର୍ସଅପ୍ ହୋଇଥିଲେ । ମହାରାଜା ଶ୍ରୀରାମଚନ୍ଦ୍ର ବିଶ୍ୱବିଦ୍ୟାଳୟର ପ୍ରିୟବ୍ରତ ନାୟକ ଏବଂ ରଜତ କୁମାର ମହାନ୍ତ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଲକ୍ଷ୍ମଣ ପ୍ରେମକୃଷ୍ଣ ଏବଂ ଆଶିଷ କୁମାର ସିଂ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି । ବ୍ୟାଡମିଣ୍ଟନ ମହିଳା ସିଙ୍ଗଲ୍ସରେ କିଟ୍‌ର ଅନୁଜା ଦାସମହାପାତ୍ର ଚମ୍ପିୟାନ ହୋଇଥିବାବେଳେ କଳାହାଣ୍ଡି ବିଶ୍ୱବିଦ୍ୟାଳୟର ରଶ୍ମିତା ସାବର ରନର୍ସଅପ୍ ହୋଇଥିଲେ । ସମ୍ବଲପୁର ବିଶ୍ୱବିଦ୍ୟାଳୟର ଲିଲିନା ସାହୁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ବ୍ୟାଡମିଣ୍ଟନ ମହିଳା ଡବଲ୍ସରେ କିଟ୍‌ର ଅନୁଜା ଦାସମହାପାତ୍ର ଏବଂ ବୈଷ୍ଣବୀ ରାଓ ଚମ୍ପିୟାନ ହୋଇଥିବାବେଳେ କଳାହାଣ୍ଡି ବିଶ୍ୱବିଦ୍ୟାଳୟର ରଶ୍ମିତା ସାବର ଏବଂ ମଧୁସ୍ମିତା ଶବର ରନର୍ସଅପ୍ ହୋଇଥିଲେ । ସମ୍ବଲପୁର ବିଶ୍ୱବିଦ୍ୟାଳୟର ଲିଲିନା ସାହୁ ଏବଂ ରିତୁ ଖେତାନ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସୁନିଧି କାଶ୍ୟପ ଜେନା ଏବଂ କପାରା ଜେନା ଚତୁର୍ଥ ସ୍ଥାନ ହାସଲ କରିଛନ୍ତି । ମହିଳା ବାସ୍କେଟବଲ ଫାଇନାଲରେ ଉତ୍କଳ ବିଶ୍ୱବିଦ୍ୟାଳୟ ରେଭେନ୍ସା ବିଶ୍ୱବିଦ୍ୟାଳୟକୁ ୩୫-୧୦ ରେ ପରାସ୍ତ କରି ଚମ୍ପିୟାନ ହୋଇଥିଲା । ଟେବୁଲ୍ ଟେନିସ୍ ପୁରୁଷ ସିଙ୍ଗଲ୍ସରେ କିଟ୍‌ର ସୁଦୀପ କୃଷ୍ଣ ବେହେରା ଚାମ୍ପିଅନ୍ ହୋଇଥିବାବେଳେ ସୋଆ ବିଶ୍ୱବିଦ୍ୟାଳୟର ଅବିନାଶ ତ୍ରିପାଠୀ ରନର୍ସଅପ୍ ହୋଇଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟର ମୋହିତ ବେହୁରାୟ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଟେବୁଲ ଟେନିସରେ ମହିଳା ସିଙ୍ଗଲ୍ସ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ସିକ୍ରିତୀ ଭାଗବତ ଚମ୍ପିୟାନ ହୋଇଥିବାବେଳେ କିଟ୍‌ର ଶ୍ରେୟା ତିୱାରୀ ରନର୍ସଅପ୍ ହୋଇଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟର ମୀମାଂସା ମିଶ୍ରଙ୍କ ତୃତୀୟ ସ୍ଥାନ ଅଧିକାର କରିଥିଲେ । ପୁରୁଷ କ୍ୟାରମ୍ ସିଙ୍ଗଲ୍ସରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟର ସୌମ୍ୟରଞ୍ଜନ ତ୍ରିପାଠୀ ଚାମ୍ପିଅନ୍ ହୋଇଥିବାବେଳେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଓମ୍‌ପ୍ରକାଶ ବେହେରା ରନର୍ସଅପ୍ ହୋଇଛନ୍ତି । ରେଭେନ୍ସା ବିଶ୍ୱବିଦ୍ୟାଳୟର କରନ୍ କୁମାର ବେହେରା ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେଭଳି ମହିଳା କ୍ୟାରମ୍ ସିଙ୍ଗଲ୍ସରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟର ପ୍ରଣତି ଠାକୁର ଚାମ୍ପିଅନ୍ ହୋଇଥିବାବେଳେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସ୍ୱାତୀ ଦୁଆରି ରନର୍ସଅପ୍ ହୋଇଛନ୍ତି । ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ରୁପାଲି ରାଜ୍ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ପୁରୁଷ ଭଲିବଲ୍‌ର ପ୍ରଥମ ସେମିଫାଇନାଲରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି । ପୁରୁଷ ଫୁଟ୍‌ବଲ୍‌ର କ୍ୱାଟର ଫାଇନାଲ୍‌ରେ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଉତ୍କଳ ବିଶ୍ୱବିଦ୍ୟାଳୟ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ହରାଇଥିଲା । ସେଭଳି ଅନ୍ୟ ଏକ କ୍ୱାଟର ଫାଇନାଲ୍‌ରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିଲା । ପୁରୁଷ କ୍ରିକେଟ୍‌ରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଫକୀରମୋହନ ବିଶ୍ୱବିଦ୍ୟାଳୟଙ୍କୁ ହରାଇ ସୋମବାର ଦିନ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଭେଟିବ । ମହିଳା କ୍ରିକେଟ୍‌ରେ କିଟ୍ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟକୁ ହରାଇ ଚମ୍ପିୟାନ ହୋଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଏପ୍ରିଲ ୨୯ରୁ ମେ ୭ ଯାଏଁ ....

ଛାତ୍ରଛାତ୍ରୀଙ୍କ ପାଇଁ ୩ଟି ବିଷୟରେ ଭିନ୍ନ ଭିନ୍ନ ପ୍ରଶ୍ନପତ୍ର ହେବ । ପାଠ୍ୟକ୍ରମରେ ପରିବର୍ତ୍ତନ ହୋଇଥିବାରୁ ଭିନ୍ନ ପ୍ରଶ୍ନପତ୍ର ହେବ । ସେହିପରି ପିଲାମାନେ ନିଜ ସ୍କୁଲରେ ହିଁ ପରୀକ୍ଷା ଦେବେ। କୌଣସି ସ୍କୁଲରେ ପରୀକ୍ଷା ପାଇଁ ଅସୁବିଧା ଥିଲେ ନିକଟସ୍ଥ ସ୍କୁଲରେ ବ୍ୟବସ୍ଥା କରାଯିବ । ଜେନେରାଲ୍ ସାଇନ୍ସ (ଜିଏସ୍‌ସି) ଓ ସାମାଜିକ ବିଜ୍ଞାନ(ଏସ୍‌ଏସ୍‌ସି)ର ୩୦ ମାର୍କର ସବ୍‌ଜେକ୍ଟିଭ୍ ପରୀକ୍ଷା ପାଇଁ ୪ଟି ପ୍ରଶ୍ନ ରହିବ। କିନ୍ତୁ ଅନ୍ୟ ବିଷୟ ଯେପରି କି, ଓଡ଼ିଆ, ଇଂଲିଶ, ଗଣିତ ଓ ତୃତୀୟ ଭାଷା(ସଂସ୍କୃତ ଏବଂ ହିନ୍ଦୀ)ର ୩୦ ମାର୍କର ସବ୍‌ଜେକ୍ଟିଭ୍ ପରୀକ୍ଷାରେ ୩ଟି ପ୍ରଶ୍ନ ରହିବ। ଦଶମ ଶ୍ରେଣୀ ରେଗୁଲାର ଓ ଏକ୍ସ ରେଗୁଲାର ଛାତ୍ରଛାତ୍ରୀଙ୍କ ପାଇଁ ଓଡ଼ିଆ, ଜେନେରାଲ୍ ସାଇନ୍ସ ଓ ସୋସିଆଲ୍ ସାଇନ୍ସ ପାଇଁ ଅଲଗା ଅଲଗା ପ୍ରଶ୍ନ ହେବ ବୋଲି ବୋର୍ଡ ଉପ-ସଭାପତି ନିହାର ରଞ୍ଜନ ମହାନ୍ତି କହିଛନ୍ତି। ସେ ଆହୁରି କହିଛନ୍ତି, ଭୋକେସନାଲ୍ ଟ୍ରେଡ୍ ର ଥିଓରୀରେ ଛାତ୍ରଛାତ୍ରୀମାନେ ୩୦ ମାର୍କର ପରୀକ୍ଷା ଦେବେ। ଏହି ୩୦ ମାର୍କ ସବ୍ ଜେକ୍ଟିଭ୍ ପ୍ରଶ୍ନ ରହିବ। ପିଲାମାନେ ଉତରଖାତାରେ ଲେଖିବେ। ଏଥିସହ ସେମାନେ ୫୦ ମାର୍କର ପ୍ରାକ୍ଟିକାଲ୍ ଦେବେ। ଏହି ପ୍ରାକ୍ଟିକାଲ୍ ପରୀକ୍ଷା ପିଲାମାନେ ନିଜ ସ୍କୁଲରେ ଦେବେ। ଓସେପା ପରୀକ୍ଷା ପରିଚାଳନା କରିବ। ଏପ୍ରିଲ ୨ ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ୨୨ ତାରିଖ ସୁଦ୍ଧା ଓସେପା ପରୀକ୍ଷାଫଳ ବୋର୍ଡକୁ ପଠାଇବେ ବୋଲି ଶ୍ରୀ ମହାନ୍ତି କହିଛନ୍ତି। ମଧ୍ୟମା ପରୀକ୍ଷାରେ ସଂସ୍କୃତ ବ୍ୟାକରଣ ଓ ଦର୍ଶନ, ସଂସ୍କୃତ ସାହିତ୍ୟମ୍, ପ୍ରୟାଗାତ୍ମକ ସଂସ୍କୃତ ଏବଂ ଓଡ଼ିଆ ପାଇଁ ୮୦ ମାର୍କର ପ୍ରଶ୍ନ ଆସିବ। ଯେଉଁଥିରେ ୫୦ ମାର୍କ ମଲ୍‌ଟିପୁଲ୍ ଚଏସ୍ ଓ ୩୦ ମାର୍କ ସବ୍‌ଜେକ୍ଟିଭ୍ ପ୍ରଶ୍ନ ରହିବ। ପିଲାମାନେ ମଲ୍‌ଟିପୁଲ୍ ଚଏସ୍ ପ୍ରଶ୍ନର ଉତର ଓଏମ୍‌ଆର ଆନ୍‌ସର ସିଟ୍ ରେ ଦେବେ। ୩୦ ମାର୍କର ସବ୍‌ଜେକ୍ଟିଭ୍ ପ୍ରଶ୍ନର ଉତର ପ୍ରଶ୍ନ ସଂଲଗ୍ନ ଉତର ଖାତାରେ ଲେଖିବେ। ମଧ୍ୟମା ପିଲାଙ୍କ ପାଇଁ ସିଙ୍ଗଲ୍ ସେଟ୍ ପ୍ରଶ୍ନ ତିଆରି ହୋଇଛି। ଏଥିପାଇଁ ଦୁଇ ଘଂଟାର ସମୟ ରହିବ। ଏହା ବ୍ୟତୀତ ଗଣିତ, ବିଜ୍ଞାନ, ସୋସିଆଲ୍ ସାଇନ୍ସ ଓ ଇଂଲିଶରେ ପିଲାମାନେ ୬୦ ମାର୍କର ପରୀକ୍ଷା ଦେବେ। ୩୦ ମାର୍କ ମଲ୍‌ଟିପୁଲ୍ ଚଏସ୍ ପ୍ରଶ୍ନ ଥିବା ବେଳେ ବାକି ୩୦ ମାର୍କ ସବ୍‌ଜେକ୍ଟିଭ୍ ପ୍ରଶ୍ନ ରହିବ। ତେବେ ମଲ୍‌ଟିପୁଲ୍ ଚଏସ୍ ପ୍ରଶ୍ନର ଉତର ଓଏମ୍‌ଆର ସିଟ୍ ରେ ପିଲାମାନେ ଦେବେ। ସବ୍‌ଜେକ୍ଟିଭ୍ ପ୍ରଶ୍ନର ଉତର ପ୍ରଶ୍ନ ସଂଲଗ୍ନ ଉତର ଖାତାରେ ଲେଖିବେ। ଏଥିପାଇଁ ସମୟ ଅବଧି ଦେଢ଼ ଘଂଟା ରହିବ। କିନ୍ତୁ ଗଣିତ ପାଇଁ ଘଂଟାଏ ୪୫ ମିନିଟ୍ ରହିବ ବୋଲି ବୋର୍ଡ ଉପସଭାପତି ଶ୍ରୀ ମହାନ୍ତି କହିଛନ୍ତି। ଉଲ୍ଲେଖନୀୟ ଯେ ଗତ ୧୧ ତାରିଖରେ ମାଟ୍ରିକ ପରୀକ୍ଷାକୁ ନେଇ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଘୋଷଣା କରି କହିଥିଲେ ଯେ ପ୍ରଥମ ପଦ୍ଧତିରେ ସମେଟିଭ୍ ଆସେସମେଂଟ୍ ୧ ଓ ଇଂଟରନାଲ ଆସେସମେଂଟକୁ ଦୁଇ ଗୁଣା କରି ଛାତ୍ରଛାତ୍ରୀଙ୍କ ମାର୍କ ବାହାରିବ । ଦ୍ୱିତୀୟ ପର୍ଯ୍ୟାୟରେ ସମେଟିଭ୍ ଆସେସମେଂଟ୨ ଆଧାରରେ ମାର୍କ ଦିଆଯିବ ।ସମ୍ମେଟିଭ୍-୨ ମାର୍କ ୨ ଗୁଣ କରି ହିସାବ କରାଯିବ। ୩ୟ ପଦ୍ଧତି ହେଉଛି ଇଂଟରନାଲ୍ ଆସେସ୍‌ମେଂଟର ୨୦% ସମ୍ମେଟିଭ୍-୧ରୁ ୩୦%। ତେବେ ସମ୍ମେଟିଭ୍-୨ରୁ ୫୦ ପ୍ରତିଶତ ନମ୍ବର ନେଇ ମାର୍କିଂ କରାଯିବ। ବିଭିନ୍ନ ପରୀକ୍ଷା ଫଳ ମିଶାଇ ମାର୍କ ନିର୍ଦ୍ଧାରଣ କରାଯିବ । ଯେଉଁଥିରେ ଛାତ୍ରଛାତ୍ରୀ ସର୍ବାଧିକ ନମ୍ବର ରଖିବେ ତାକୁ ହିଁ ଚୂଡାନ୍ତ ଫଳ ବୋଲି ଧରାଯିବ ବୋଲି ମୁଖ୍ୟ ଶାସନ ସଚିବ ସୂଚନା ଦେଇଥିଲେ ।

### ଚୀନକୁ ଘାରିଲାଣି କରୋନା....

୧ କୋଟି ୭୦ ଲକ୍ଷ ଲୋକେ ଘରେ ବନ୍ଦି ହୋଇ ରହିଛନ୍ତି । ଚୀନର ପ୍ରମୁଖ ସହର ସାଙ୍ଘାଇରେ ଅନେକ ଘର ସମେତ ଅଫିସ ଗୁଡିକୁ ସିଲ କରିଦିଆଯାଇଛି । ସେପଟେ ଇଲକ୍ଟ୍ରୋନିକ ହବ ରୁପେ ଜଣାସୁଣା ସେନଜେନ ସହରରେ କଠୋର କଟକଣା ଲଗାଇଛି ଚୀନ । ବର୍ତମାନ କୋଭିଡ କଟକଣା ଫଳରେ ସମସ୍ତ କାରବାର ମଧ ଠପ ହୋଇ ପଡିଥିବା ଜଣାପଡିଛି । ବର୍ତମାନ ପର୍ଯ୍ୟନ୍ତ ୫ଟି ବଡ ସହରରେ ଲକଡାଉନ ଘୋଷଣା କରିସାରିଛି ଚୀନ । ସ୍କୁଲ, ରେଷ୍ଟୁରାଣ୍ଟ ଓ ଅନ୍ୟାନ୍ୟ ସାର୍ବଜନୀନ ସ୍ଥାନରେ କଟକଣା ଲାଗୁ ହୋଇଛି । ସାଂଘାଇରେ ସ୍କୁଲ, ରେଷ୍ଟୁରାଣ୍ଟ, ଦୋକାନ ଓ ମଲରେ ଅସ୍ଥାୟୀ ଭାବେ ବନ୍ଦ ରଖାଯାଇଛି । ଘର ନାବାହାରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି । ଚୀନକୁ କରୋନାର ଉତ୍ପତିସ୍ଥଳ କୁହାଯାଏ । ୨୦୧୯ ମସିହାରେ ଏଠାରୁ ଆରମ୍ଭ ହୋଇଥିବା ଘାତକ ମହାମାରୀ ସାରା ଦେଶରେ ବ୍ୟାପିବା ସହ ବଡ ସଙ୍କଟ ସୃଷ୍ଟି କରିଥିଲା । ବର୍ତ୍ତମାନ ସଂକ୍ରମଣ ହ୍ରାସ ପାଇବା ଯୋଗୁଁ ଅଧିକାଂଶ ଦେଶ କଟକଣା ଉଠାଇଛନ୍ତି । ତେବେ ଚୀନରେ ପୁଣି ସଂକ୍ରମଣ ବୃଦ୍ଧି ମନ ଭିତରେ ଭୟ ସଂଚାର କଲାଣି ।

### ସାଂଘାତିକ ଅଭିଯୋଗ....

ହେଲେ ବିଜେପି ଭିତରେ ଅନ୍ତଦ୍ୱନ୍ଦ୍ୱ ଏତେ ମାତ୍ରାରେ ରହିଛି ଯେ, କେହି କାହାର ସମର୍ଥନରେ ସାମ୍ନାକୁ ଆସୁନାହାନ୍ତି । ଭୁବନେଶ୍ୱରରେ ବିଜେପି ପ୍ରଚାରରେ ରାଜ୍ୟସ୍ତରୀୟ ନେତାଙ୍କୁ ଏ ଯାଏଁ ଦେଖିବାକୁ ମିଳୁନି । କେବଳ ଜଗନ୍ନାଥ ପ୍ରଧାନ ଓ ବାବୁ ସିଂଙ୍କୁ ଛାଡିଦେଲେ ଆଉ କେହି ପ୍ରଚାରରେ ସାମିଲ ହୋଇନାହାନ୍ତି । ଯାହାକୁ ନେଇ ସାଧାରଣରେ ମଧ ପ୍ରଶ୍ନ ଉଠିଛି । ପଂଚାୟତ ଫଳାଫଳ ଦଳ ପାଇଁ ନିରୁତ୍ସାହଜନକ ହୋଇଥିବା ବେଳେ ପୌର ପ୍ରଚାରରେ କେନ୍ଦ୍ରମନ୍ତ୍ରୀଙ୍କ ସହ ରାଜ୍ୟର ବରିଷ୍ଠ ନେତା ସାମିଲ ହେବେ ବୋଲି ଘୋଷଣା କରିଥିଲା ବିଜେପି । କିନ୍ତୁ ନିର୍ବାଚନକୁ ଆଉ ମାତ୍ର ୧୦ ଦିନରୁ କମ ସମୟ ଥିବା ବେଳେ ସୋସିଆଲ ମିଡିଆରେ ଦେବାଶିଷଙ୍କ ଏହି ପୋଷ୍ଟ ଦଳରେ ସବୁ କିଛି ଠିକ ଚାଲିନଥିବା ଦର୍ଶାଉଛି । ସେହିଭଳି ଭୁବନେଶ୍ୱରରେ ଦଳୀୟ ନେତା ଥାଇ ମଧ ସୁନୀତି ମୁଣ୍ଡଙ୍କ ପାଇଁ ପ୍ରଚାର କରିବାକୁ ବାହାରୁ ନାହାନ୍ତି ।

### ମାର୍ଚ୍ଚ ୧୬ରୁ ୧୨ - ୧୪ ବର୍ଷର....

ଟିକା ଅଭିଯାନ ଗତ ବର୍ଷ ମାର୍ଚ୍ଚରେ ଆରମ୍ଭ ହୋଇଥିଲା । ଏଥିରେ ୬୦ ବର୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ଟିକା ଦିଆଯାଇଥିଲା। ଏହା ପରେ ଏପ୍ରିଲ ୧ରେ ୪୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଲୋକଙ୍କୁ ଟିକା ଦିଆଯାଇଥିଲା। ଏହାରି ଭିତରେ କରୋନା ମହାମାରୀ ଉତ୍କଟ ରୂପଧାରଣ କରିବାରୁ କେନ୍ଦ୍ର ସରକାର ଟିକା ଅଭିଯାନକୁ ବ୍ୟାପକ କରିଥିଲେ। । ଗତ ବର୍ଷ ମେ' ୧ରେ ୧୮ ବର୍ଷରୁ ଅଧିକ ବୟସର ପିଲାଙ୍କ ପାଳି ପଡ଼ିଥିଲା। ପରେ ପରେ ଚଳିତ ବର୍ଷ ଜାନୁଆରୀ ୩ରେ ୧୫ରୁ ୧୮ ବର୍ଷ ମଧ୍ୟରେ ପିଲାଙ୍କୁ ଟିକା ପ୍ରଦାନ ପାଇଁ କେନ୍ଦ୍ର ସରକାର ଘୋଷଣା କରିଥିଲେ। ଏଥିସହ ସରକାର ପ୍ରିକସନ୍ ଡୋଜ୍ ପାଇଁ ମଧ ଘୋଷଣା କରିଥିଲେ।

## ପଶ୍ଚିମବଂଗର ଡମ୍ପର ଧକ୍କାରେ ଓଡିଆ ଯୁବକ ଗୁରୁତର

ଜଳେଶ୍ୱର ୧୪/୩ (ନି.ପ୍ର) : ସୁବର୍ଣ୍ଣରେଖା ନଦୀ ସୌରାତ ଗୁଡିକ ନିଲାମ ହୋଇନଥିବାରୁ ପଶ୍ଚିମବଂଗର ଟ୍ରାକ୍ଟର ଓ ଡମ୍ପର ସରକାରୀ ନିତିନିୟମକୁ ଜଳାଞ୍ଜଳି ଦେଇ ଓ ଓଡିଶା ଅଂଚଳରେ ବେପାରୁଆଭାବେ ଯାତାୟାତ କରୁଛି। ପଶ୍ଚିମବଂଗର ଦାନ୍ତୁନ ଅଂଚଳର ଡବ୍ଲୁ ବି ୩୩-୨୧୭୩ ଡମ୍ପର ବାଲିଖାଦାନକୁ ବାଲି ଆଣିବାକୁ ଗଲାବେଳେ ରାଇବଣିଆ ଥାନା ଅନ୍ତର୍ଗତ ଉପାନ୍ତ ଗ୍ରାମ ଚୁଡାମଣିପୁର ଠାରେ ପୁଲିସ୍ ଜବତ୍ କରିଛି । ଏହି ଡମ୍ପରଟି ଗଲାବେଳେ ଜଣେ ପଥାଚାରୀକୁ ଧକ୍କା ଦେଇ ଆହତ କରିଥିଲା ।

## ଜିଲ୍ଲା ବ୍ରାହ୍ମଣ ସମିତି ବୈଠକ

ବାଲେଶ୍ୱର,୧୪/୦୩ (ନି.ପ୍ର): ଜିଲା ବ୍ରାହ୍ମଣ ସମିତିର ଏକ ବୈଠକ ଡ. କ୍ଷିତିଶ୍ୱର ଦାଶଙ୍କ ପୌରୋହିତ୍ୟରେ ଦାମୋଦରପୁର ସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ପଣ୍ଡିତ ସର୍ବେଶ୍ୱର ପତି ବେଦପାଠ କରିବା ସହିତ ସଂପାଦକ ଗୌରଚନ୍ଦ୍ର ଦାଶ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ଏହା ଉପରେ ଆଲୋଚନାନ୍ତେ ଗୃହୀତ ହୋଇଥିଲା। ଏହିକ୍ରମରେ ଚଳିତବର୍ଷ ଜିଲା ବ୍ରାହ୍ମଣ ସମିତିର ଶତବାର୍ଷିକ ଉତ୍ସବ ପାଳନ ପ୍ରସ୍ତୁତି ବୈଠକ ସେରଗଡ଼-ନୀଳଗିରି ରାସ୍ତାପାର୍ଶ୍ୱରେ ଥିବା ସାଆଁନ୍ତା ଛକ ସ୍ଥିତ ଶ୍ରୀଶ୍ରୀ ପଞ୍ଚନାଗେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଚଳିତ ମାର୍ଚ୍ଚମାସ ୨୫ତାରିଖ ଶୁକ୍ରବାର ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଛି। ସେହିପରି ବହୁ ପୁରାତ ବେଦ ବିଦ୍ୟାଳୟ ଗୃହର ପୁନଃନିର୍ମାଣ ପୂର୍ବରୁ ଭୂସମ୍ପତ୍ତିର ସୁରକ୍ଷା ପାଇଁ ସୀମା ନିର୍ଦ୍ଧାରଣ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ସର୍ବେଶ୍ୱର ପତିଙ୍କୁ ଦାୟିତ୍ୱ ଦିଆଯାଇଛି। ଶତବାର୍ଷିକୀ ଉତ୍ସବ ଅବସରରେ ଅନୁଷ୍ଠାନର ମୁଖପତ୍ର 'ବ୍ରହ୍ମଶକ୍ତି'ର ବିଶେଷ ସଂଖ୍ୟା ପ୍ରକାଶ ପାଇଁ ଆବଶ୍ୟକୀୟ ଲେଖା ଓ ବ୍ଲକସ୍ତରୀୟ ବୈଠକମାନଙ୍କର ଫୋଟୋ ପଠାଇବାକୁ ବୈଠକରେ ଅନୁରୋଧ କରାଯାଇଛି। ଆସନ୍ତା ଶତବାର୍ଷିକ ଉତ୍ସବ ପୂର୍ବରୁ ଜିଲା ସମିତିର ଆଜୀବନ ସଭ୍ୟସଂଖ୍ୟା ବୃଦ୍ଧିପାଇଁ ସମସ୍ତ ବ୍ଲକ କମିଟିର ନେତୃତ୍ୱଙ୍କୁ ନିବେଦନ କରାଯାଇଛି। ଏହି ବୈଠକରେ ପଣ୍ଡିତ ଶକ୍ତିପଦ ପଣ୍ଡା, ରାଧାକୃଷ୍ଣ ଆଚାର୍ଯ୍ୟ, ପଣ୍ଡିତ ବୈଦ୍ୟନାଥ ଆଚାର୍ଯ୍ୟ ଓ ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରଦୀପ ଚକ୍ରବର୍ତ୍ତୀ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ମୟୁରଭଂଜ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦ ହାତେଇଲା ବିଜେଡି



ବାରିପଦା, ୧୪/୦୩ (ନି.ପ୍ର): ଗତ କିଛିଦିନ ହେଲା ପଂଚାୟତ ନିର୍ବାଚନ ଠାରୁ ଜିଲ୍ଲା ପରିଷଦ ନିର୍ବାଚନ ପର୍ଯ୍ୟନ୍ତ ମୟୁରଭଂଜ ରେ ବିଜେଡି ନିଜର ଦବ ଦବା ଜାହିର କରି ସାରି ଥିବାବେଳେ,ଆଜି ଅନୁଷ୍ଠିତ ଜିଲ୍ଲା ପରିଷଦ ଅଧକ୍ଷ ନିର୍ବାଚନ ରେ ଅଧକ୍ଷ ପଦ ପୁଣି ବିଜେଡି ଖାତା କୁ ଯାଇଛି । ମୟୁରଭଂଜ ଜିଲ୍ଲାରେ ଗତ ଜିଲ୍ଲାପରିସଦ ନିର୍ବାଚନରେ ୫୬ ଟି ଜିଲ୍ଲା ପରିଷଦ ଆସନରୁ ବିଜେଡି ୫୩ ଟି ଆସନ ହାତେଇ ଥିଲାବେଳେ ଅନ୍ୟ ତିନୋଟି ଜେ ଏମ ଏମ ଖାତା କୁ ଯାଇ ଥିଲା । ବିଜେପି ଜିଲ୍ଲାରେ ଖାତା ଖୋଲି ପାରି ନ ଥିଲା । ତେବେ ଆଜି ବାରିପଦା ସ୍ଥିତ ପ୍ରୟାସ ହଲ ରେ ଜିଲ୍ଲା ପରିଷଦ ଅଧକ୍ଷ ପାଇଁ ନିର୍ବାଚନ ଅନୁଷ୍ଠିତ ହେଇଥିବା ବେଳେ,ସମସ୍ତ ୫୬ ଜଣ ଜିଲ୍ଲା ପରିଷଦ ନିର୍ବାଚନ ରେ ଅଂଶଗ୍ରହଣ କରିଥିଲେ । ବିଜେଡି ଦଳ ପକ୍ଷରୁ ଭାରତୀ ହାଁସଦା ଓ ଜେ ଏମ ଏମ ରୁ ବିଜାତଳା ବ୍ଲକ ୩୨ ନୋ ଜନର ଜିଲ୍ଲାପାରିଷଦ ଜୋନର ବିଜେତା ମିନା ସରେନ ପ୍ରତିଦ୍ୱନ୍ଦିତା କରିଥିଲେ । ହେଲେ ଶେଷରେ ସର୍ବାଧିକ ଭୋଟ ପାଇଁ ବିଜୟ ଲାଭ କରିଛନ୍ତି । ଭାରତୀ ହଂସଦା କିଛି ମାସ ପୂର୍ବରୁ ବିଜେପି ଛାଡି ବିଜେଡି ରେ ଯୋଗ ଦେଇ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ର ସାମଖୁଣ୍ଟା ବ୍ଲକ ର ୫୦ ନମ୍ବର ଜୋନରୁ ବିଜେଡି ଟିକେଟ ରେ ଜିଲ୍ଲାପାରିସଦ ସଦସ୍ୟ ଭାବେ ବିଜୟ ଲାଭ କରିଥିଲେ ଭାରତୀ ହାଁସଦା ।

## ବନବନ୍ଧୁ ପରିଷଦ ତରଫରୁ ପୁରସ୍କାର ବିତରଣ ଉତ୍ସବ



ଉଦଳା, ୧୪/୦୩ (ନି.ପ୍ର): ବନବନ୍ଧୁ ପରିଷଦ ଦ୍ୱାରା ପରିଚାଳିତ ଏକଲ ଅଭିଯାନ ତରଫରୁ ନିକଟରେ ହନୁମାନଙ୍କ ଜୀବନୀ ଉପରେ ଏକ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ ସମଗ୍ର ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ବହୁ ସଂଖ୍ୟାରେ ଭାଇ ଭଉଣୀ ଅଂଶ ଗ୍ରହଣ କରିଥିଲେ । ତେବେ ଅଭିଯାନର ବାରିପଦା ଅଞ୍ଚଳରୁ ତିନି ଜଣ ଏଥିପାଇଁ ପୁରସ୍କୃତ ହେବାର ଯୋଗ୍ୟ ବିବେଚିତ ହୋଇଥିଲେ। ଏହି ତିନି ଜଣ ହେଲେ ବାଲେଶ୍ୱର ଜିଲ୍ଲା ସୋରସ୍ଥିତ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ବୃନ୍ଦାବନ ରାଉଳ, ମୟୂରଭଞ୍ଜର ସାମାଜିକ କର୍ମୀ ବିରେନ୍ଦ୍ର ବେହେରା ଓ ପ୍ରଫୁଲ କୁମାର ନାୟକ। ଚଳିତ ମାର୍ଚ୍ଚ ୧୨ ତାରିଖ ଶନିବାର ଦିନ ଅଭିଯାନର ଉଦଳାସ୍ଥିତ କାର୍ଯ୍ୟାଳୟ ପରିସରରେ ପରିଷଦ ତରଫରୁ ଏହିସବୁ ଭାଇ ମାନଙ୍କୁ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ଅର୍ଥରାଶୀ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଉତ୍ସବରେ ଅଭିଯାନର ଅଭିଯାନ ପ୍ରମୁଖ ମହେନ୍ଦ୍ର ମାର୍ଣ୍ଡି ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ସୁବ୍ରତ କୁମାର ମହାନ୍ତି, କାର୍ଯ୍ୟାଳୟ ପ୍ରଭାରୀ ମନୋରଂଜନ ମଲ୍ଲିକ, କୋଷାଧ୍ୟକ୍ଷ ଅନିତା ବିଶ୍ୱାଳ, ନମିତା ରାଉତ, ନିବେଦିତା ମଜୁଆଳ, ରଶ୍ମୀରେଖା ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ପୌର ନିର୍ବାଚନରେ ଯୁବ ସମାଜସେବୀ ସବ୍ୟସାଚୀ ଚର୍ଚ୍ଚାରେ : ସ୍ୱାଧୀନ ପ୍ରାର୍ଥୀଙ୍କ ପାଇଁ ପ୍ରଚାର ମଙ୍ଗ ଧରିଲେ

ନୀଳଗିରି, ୧୪/୦୩ (ନି.ପ୍ର): ଅଗାମୀ ପୌର ନିର୍ବାଚନରେ ବିଭିନ୍ନ ଦଳ ପକ୍ଷରୁ ଜୋରଦାର ପ୍ରଚାର ଚାଲିଥିବା ବେଳେ ନୀଳଗିରି ଏନ.ଏ.ସି.ରେ ଉଭୟ ଶାସକ ଓ ବିରୋଧି ଦଳକୁ ଚେକ୍ ଦେବା ପାଇଁ ନୀଳଗିରିର ଯୁବସମାଜସେବୀ ସବ୍ୟସାଚୀ ମହାପାତ୍ର (ଟୁବୁଲୁ) ଙ୍କ ନେତୃତ୍ୱରେ ବିଭିନ୍ନ ୱାର୍ଡର ସ୍ୱାଧୀନ କାଉନସିଲର ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ଅଧକ୍ଷା ପଦବୀ ପାଇଁ ସ୍ୱାଧୀନ ପ୍ରାର୍ଥୀନୀ ଭାବେ ପରମିତା ସେଠୀ ବିଭିନ୍ନ ୱାର୍ଡରେ ଜୋରଦାର ପ୍ରଚାର ଚଳାଇଛନ୍ତି । ସୋମବାରଦିନ ୨ନଂ. ୱାର୍ଡ ଘାଟଘରସାହି ଅଂଚଳରେ ଶତାଧିକ ମହିଳାଙ୍କୁ ନେଇ ହାତରେ ନିଜର ସାଇକେଲ ଚିହ୍ନକୁ ଧରି ଘରକୁ ଘର କ୍ୟାମ୍ପେନିଂ କରୁଥିବା ଦେଖିବାକୁ ମିଳିଛି । ପରମିତା ସେଠୀ ନିଜର ସଂକେତ ସାଇକେଲକୁ ଧରି ଘରେ ଘରେ ଭୋଟ ଭିକ୍ଷା କରୁଥିବାର ଦେଖିବାକୁ ମିଳିଛି । ସ୍ୱାଧୀନ ପ୍ରାର୍ଥୀନୀଙ୍କର ଅଭିନବ ପ୍ରଚାରକୁ ନେଇ ଉଭୟ ଶାସକ ଓ ବିରୋଧୀ ଦଳ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି । ଏହି ପ୍ରଚାରରେ ନିଜେ ସବ୍ୟସାଚୀ ମହାପାତ୍ର ନେତୃତ୍ୱ ନେଇଥିଲେ । ସୂଚନାଥାଉକି ଦଳ ବିରୋଧି କାର୍ଯ୍ୟ କରିବା ଅଭିଯୋଗରେ ଶ୍ରୀ ମହାପାତ୍ରଙ୍କୁ ବିଜେଡିରୁ ଗତ ଜୁଲାଇ ୨୪ରେ ନିଲମ୍ବନ କରାଯାଇଥିଲା । ଆଭ୍ୟନ୍ତରୀଣ ବିବାଦକୁ ମିଟାଇବା ଉଦ୍ଦେଶ୍ୟରେ ୨୦୨୨ ମସିହା ଜାନୁଆରୀ ୨୫ତାରିଖରେ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଦଳର ବୃହତର ସ୍ୱାର୍ଥ ପାଇଁ ନିଲମ୍ବନ ହୋଇଥିବା ନୀଳଗିରି ନିର୍ବାଚନମଣ୍ଡଳୀର ପୂର୍ବତନ ଯୁବ ବିଜେଡି ସଭାପତି ସବ୍ୟସାଚୀ ମହାପାତ୍ରଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇଥିଲେ ମଧ ଗତ ପଂଚାୟତ ନିର୍ବାଚନରେ ବିଭିନ୍ନ ସ୍ଥାନରେ ସ୍ୱାଧୀନ ପ୍ରାର୍ଥୀ ଦେବା ସହ ଶାସକ ବିଜେଡି ଦଳର ୨ନଂ. ଜୋନରେ ବହୁ କ୍ଷତି ଘଟିଥିଲା । ପୁଣି ପୌର ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଦେଇ ଶାସକ ଦଳ ପାଇଁ ଏକ ପ୍ରକାର ଚ୍ୟାଲେଞ୍ଜ ସୃଷ୍ଟି କରିଛନ୍ତି ।

## ବିଷଧର ସର୍ପ କାମୁଡାରେ ଜଣେ ମୃତ, ଅନ୍ୟ ଜଣେ ଗୁରୁତର

ଜଳେଶ୍ୱର ୧୪/୩ : ଆଜି ସର୍ପ ଦଂସନରେ ଜଣେ ଯୁବକର ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇ ଚିକିତ୍ସିତ ହେବାପାଇଁ ବାଲେଶ୍ୱର ଯାଇଛନ୍ତି । ବାଲେଶ୍ୱର ଜିଲାର କମର୍ଦ୍ଦା ଥାନା ଅନ୍ତର୍ଗତ ନିଜାମପୁର ଗାଁର ଦୁର୍ଗଶଂକର ଦେଙ୍କ ପୁଅ ତପନ ଦେ (୩୫) ସଂଧ୍ୟରେ ଟେଣ୍ଟ ସମାଗ୍ରୀ ଧରି ଫେରୁଥିବା ବେଳେ ରାସ୍ତାରେ ଏକ ବିଷଧର ସର୍ପ ଦଂଶନ କରିଥିଲା । ତାଙ୍କୁ ଜଳେଶ୍ୱରସ୍ଥିତ ଜିକେଭଟ୍ଟର ହସ୍‌ପିଟାଲକୁ ଅଣାଯାଇଥିବା ବେଳେ ସେଠାରେ ତାର ମୃତ୍ୟୁ ଘଟିଛି । ସେହିପରି ରାଇବଣିଆ ଥାନା ଅନ୍ତର୍ଗତ ଖଣାବାର୍ଡ ଗାଁର ଗଣେଶ ଦାସ (୩୦) ଗଛରୁ ଆମ୍ବଡାଳ ଭାଂଗୁଥିବା ବେଳେ ବିଷଧର ସର୍ପ ଦଂଶନ କରିଥିଲେ। ଜିକେଭଟ୍ଟର ହସ୍‌ପିଟାଲରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି ।

## ୟୁକ୍ରେନ ଫେରନ୍ତା ଡ଼ାକ୍ତରୀ ଛାତ୍ରଙ୍କ ପାଠପଢାର ବ୍ୟବସ୍ଥା କରନ୍ତୁ ସରକାର : ବାମପନ୍ଥୀ ଦଳ

ଭୁବନେଶ୍ୱର, ୧୪/୦୩ (ନି.ପ୍ର): ଜନସଂଖ୍ୟା ଦୃଷ୍ଟିରୁ ଆମ ଦେଶରେ ଡ଼ାକ୍ତରମାନଙ୍କ ଘୋର ଅଭାବ ରହିଛି। ପୃଥିବୀର ଉନ୍ନତ ଦେଶମାନଙ୍କରେ ପ୍ରତି ୨୫୦ଲୋକରେ ଜଣେ ଡ଼ାକ୍ତର ଥିଲାବେଳେ ଆମ ଦେଶରେ ପ୍ରାୟ ହଜାର ଲୋକରେ ଜଣେ ଡ଼ାକ୍ତର ଅଛନ୍ତି। ଅଥଚ ଆମ ଦେଶରେ ଡ଼ାକ୍ତରୀ ପାଠ ପଢିବାର ପର୍ଯ୍ୟାପ୍ତ ସୁଯୋଗ ନାହିଁ। ପୁଣି ଘରୋଇ ମେଡ଼ିକାଲ କଲେଜରେ ଅତ୍ୟଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଥିବାରୁ ପିଲାମାନେ ବିଦେଶରେ ଡ଼ାକ୍ତରୀ ପାଠ ପଢିବାକୁ ବାଧ ହେଉଛନ୍ତି। ରୁଷ୍ ଓ ୟୁକ୍ରେନ ଯୁଦ୍ଧ ଯୋଗୁ ଜଣେ ଛାତ୍ରଙ୍କର ମୃତ୍ୟୁ ଘଟିଛି ଓ ଅନେକ ଆହତ ହେବା ସହ ବିପଦକୁ ବରଣ କରି ଦେଶକୁ ଫେରିଥିଲେ ମଧ ଅନିଶ୍ଚିତ ଭବିଷ୍ୟତ ଯୋଗୁ ଘୋର ମାନସିକ ଚାପରେ ଅଛନ୍ତି। ତେଣୁ ଦେଶ ଭିତରେ ସେମାନଙ୍କର ପାଠପଢା ଓ ପରୀକ୍ଷାର ସୁବନ୍ଦୋବସ୍ତ କରିବା ଆମର ନୈତିକ କର୍ତବ୍ୟ ହେବା ଦରକାର। ମୁଖ୍ୟମନ୍ତ୍ରୀ ନବୀନ ବାବୁ ଓ ପ୍ରଧାନମନ୍ତ୍ରୀ ମୋଦିଜୀ ତୁରନ୍ତ ଏ ଦିଗରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆମେ ବାମପନ୍ଥୀ ଦଳମାନେ ଦାବି କରିଛନ୍ତି।

## ଅଢେଇ ବର୍ଷରେ ଶେଷ ହେବ ବିଧାୟକଙ୍କ ବହୁତଳ ପ୍ରାସାଦ ନିର୍ମାଣ କାର୍ଯ୍ୟ : ବାଚସ୍ପତି

ଭୁବନେଶ୍ୱର, ୧୪/୦୩ (ନି.ପ୍ର): ରାଜ୍ୟର ବିଧାୟକଙ୍କ ପାଇଁ ନିର୍ମିତ ବହୁତଳ ପ୍ରାସାଦର ନିର୍ମାଣ କାମ ଆସନ୍ତା ଅଢ଼େଇ ବର୍ଷରେ ଶେଷ ହେବ। ଏଥିଲାଗି ୨୭୫ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ବିଧାୟକଙ୍କ ଲାଗି କ୍ୱାର୍ଟର ନିର୍ମାଣର ଅଗ୍ରଗତି ନେଇ ସମୀକ୍ଷା କରିବା ପରେ ବିଧାନସଭା ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ବିଧାୟକଙ୍କ ପାଇଁ ନିର୍ମିତ ବହୁତଳ ପ୍ରାସାଦର ନିର୍ମାଣ କାର୍ଯ୍ୟ ଲାଗି ପ୍ରାରମ୍ଭିକ ପର୍ଯ୍ୟାୟରେ ଓବିସିସି ମୁଖ୍ୟମନ୍ତ୍ରୀଙ୍କୁ ୫୦ କୋଟି ଟଙ୍କା ଦିଆଯାଇଛି ଏବଂ ଅବଶିଷ୍ଟ ୨୨୫ କୋଟି ଟଙ୍କା ବିଭାଗ ଦେବ। ଏନେଇ ବଜେଟରେ ବ୍ୟବସ୍ଥା ହୋଇଛି। ଆଜି ତାରିଖ ସୁଦ୍ଧା ବିଧାୟକ କଲୋନୀରୁ ୮ ଜଣ ବିଧାୟକ ପ୍ରଦତ ଗୃହ ଛାଡ଼ିନାହାନ୍ତି । ସେମାନେ ଚଳିତ ମାସ ୨୫ ତାରିଖ ସୁଦ୍ଧା ଗୃହ ଛାଡ଼ିଦେବେ ବୋଲି ପ୍ରତିଶ୍ରୁତି ଦେଇଥିବା ସେ କହିଛନ୍ତି । ବିଧାୟକମାନେ ଗୃହ ଛାଡ଼ିବା ପରେ ପୁରୁଣା ଗୃହକୁ ତୁରନ୍ତ ଭଙ୍ଗାଯିବ । ଟେଣ୍ଡର କାର୍ଯ୍ୟକୁ ଚଳିତ ମାସ ୩୦ ତାରିଖ ସୁଦ୍ଧା ପୂର୍ଣ୍ଣାଙ୍ଗ କରାଯାଇ ପରବର୍ତୀ ୧୦ରୁ ୧୫ ଦିନ ମଧ୍ୟରେ କାର୍ଯ୍ୟାଦେଶ ପ୍ରଦାନ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବଭାରତୀୟ ସ୍ତରର ଲବ୍ଧପ୍ରତିଷ୍ଠିତ କୋଠା ଏବଂ ପ୍ରାସାଦ ନିର୍ମାଣ କରୁଥିବା କମ୍ପାନୀମାନେ କାର୍ଯ୍ୟାଦେଶ ପାଇବା ନିମନ୍ତେ ଆବେଦନ କରିଥିବା ସେ ପ୍ରକାଶ କରିଛନ୍ତି । ନୂତନ ବିଧାୟକ କଲୋନୀରେ ମାର୍କେଟ କମ୍ପ୍ଲେକ୍ସ, ବ୍ୟାୟାମ ସ୍ଥଳ, ଏକକାଳୀନ ୨୦୦୦ରୁ ୩୦୦୦ ଲୋକ ଭୋଜି ଖାଇବା ଭଳି କଲ୍ୟାଣମଣ୍ଡପ, ରେଳ ଓ ଉଡ଼ାଜାହାଜ ଟିକଟ ବୁକିଂ କାଉଂଟର, ଚିକିତ୍ସା ସୁବିଧା, ପୋଲିସ ଷ୍ଟେସନ୍ ଓ ଅନ୍ୟାନ୍ୟ ଆବଶ୍ୟକୀୟ ଆନୁସଙ୍ଗିକ ବ୍ୟବସ୍ଥା ରହିବ । ଏହି ବୈଠକରେ ବିଧାନସଭା ସଚିବ ଶ୍ରୀ ଦାଶରଥୀ ଶତପଥୀଙ୍କ ସମେତ ପୂର୍ତ୍ତ ଓ ଓବିସିସିର ଉଚ୍ଚ କର୍ତୃପକ୍ଷ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ରଜତ ଜୟନ୍ତୀ କଥା ଭୁଲିଗଲେ, ସୁବର୍ଣ୍ଣ ଜୟନ୍ତୀ ପାଳିତ ହେଉ : ପ୍ରତିଭା ମହାପାତ୍ର



ଉଦଳା, ୧୪/୦୩ (ନି.ପ୍ର): ଉଦଳା ବିଜ୍ଞାପିତ ଅଞ୍ଚଳ ଘୋଷିତ ହେବାର ୫୦ ବର୍ଷ ପୁରିଗଲାଣି । ଚଳିତ ବର୍ଷ ଏହାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳିତ ହେବା କଥା । ତେବେ ଏ କଥା ଗୁଡ଼ିକ ଜ୍ଞାନୀ ଲୋକ ମନେ ପକାନ୍ତି ଓ ପାଳନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଥାନ୍ତି । ସବୁ ମଧ୍ୟରେ ସ୍ମରଣୀକା ଟିଏ ପ୍ରକାଶନ କରିବାକୁ ଆଦୌ ଭୁଲନ୍ତି ନାହିଁ କିନ୍ତୁ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ରଜତ ଜୟନ୍ତୀ ଚାଲିଗଲା । ଏହା କିଭଳି ଢ଼ଙ୍ଗରେ ପାଳିତ ହେଲା କେଜାଣି କେହି ଜାଣିପାରିଲେ ନାହିଁ । ସ୍ମରଣିକା ପ୍ରକାଶନ ତ ବହୁ ଦୂରର କଥା । ଏସବୁ କଥାକୁ ଦୋହରାଇଛନ୍ତି ଉଦଳା ସହରର ବାସିନ୍ଦା ପ୍ରତିଭା ମହାପାତ୍ର । ତେବେ ଚଳିତ ନିର୍ବାଚନରେ ନଗରପାଳ ପଦ ପାଇଁ ଯେଉଁ ପ୍ରାର୍ଥିନୀ ମାନେ ଅଂଶ ଗ୍ରହଣ କରିଛନ୍ତି ସେମାନଙ୍କ ମଧ୍ୟରୁ କେବଳ ଜଣେ ମାତ୍ର ବ୍ୟକ୍ତି ଆଖିଆଗକୁ ଆସୁଛନ୍ତି ଯିଏକି ସାହିତ୍ୟକୁ ଭଲ ପାଆନ୍ତି ଏବଂ ଜଣେ ଜ୍ଞାନି ଲୋକ ଅଟନ୍ତି । ନିର୍ବାଚନରେ ସିଏ ଜିତିଲେ ସୁବର୍ଣ୍ଣ ଜୟନ୍ତୀ କଥା ମନେ ନିଶ୍ଚୟ ପକାଇବେ ଓ ସ୍ମରଣିକା ପ୍ରକାଶନ ପାଇଁ ଚିନ୍ତା କରିବେ ମୋର ବିଶ୍ୱାସ ବୋଲି କହିଛନ୍ତି ପ୍ରତିଭା ମହାପାତ୍ର । ତେବେ ସେ ବ୍ୟକ୍ତି ଜଣକ କିଏ ବୋଲି ପ୍ରଶ୍ନ କରିବାରୁ ସିଏ ସିଧାସଳଖ ଉତ୍ତର ଦେଲେ 'ପ୍ରମିଳା ପଣ୍ଡା' । ଶେଷରେ ଶ୍ରୀମତୀ ମହାପାତ୍ର କହିଲେ ରଜତ ଜୟନ୍ତୀ କଥା ଭୁଲିଗଲେ, ସୁବର୍ଣ୍ଣ ଜୟନ୍ତୀ ପାଳିତ ହେଉ ।

ବାଲେଶ୍ୱର, ମଙ୍ଗଳବାର, ୧୫ ମାର୍ଚ୍ଚ, ୨୦୨୨

ଧ୍ୱନି ପ୍ରତିଧ୍ୱନି



# ଗୋଟିଏ ଦିନରେ ୬୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୪/୦୩ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୬୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୬୬୯୪ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୧୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୬୬୭୫ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୮୫୧ ରହିଛି । ଆଜି ଚିହ୍ନଟ ହୋଇଥିବା ୬୮ ଜଣଙ୍କ ମଧ୍ୟରୁ ୪୧ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୭ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୨ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗଂଜାମ ଜିଲ୍ଲାରୁ ସବୁଠାରୁ ଅଧିକ ୧୨ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୪, ବାଲେଶ୍ୱର ଜିଲ୍ଲାରୁ ୩ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଭଦ୍ରକ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୪ ସଂକ୍ରମିତ ହୋଇଛନ୍ତି । ଦେବଗଡ ଓ ଢେଙ୍କାନାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ବେଳେ ଗଜପତି ଜିଲ୍ଲାରୁ ୭ ଜଣ ସଂକ୍ରମିତ ହୋଇଛନ୍ତି । ଗଂଜାମ ଜିଲ୍ଲାରୁ ୧୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧, ଯାଜପୁରରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇ ଥିବା ବେଳେ କଳାହାଣ୍ଡି ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କନ୍ଧମାଳ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦ୍ରାପଡ଼ା ଓ କେନ୍ଦୁଝର ଜିଲ୍ଲାରେ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଖୋର୍ଦ୍ଧାରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ପର୍ଯ୍ୟାୟ ପ୍ରାକ୍ ସୂଚନା ବିତରଣ ସମ୍ପର୍କିତ କର୍ମଶାଳା

ବାଲେଶ୍ୱର,୧୪/୦୩ (ନି.ପ୍ର): ସମ୍ଭାବ୍ୟ ବାତ୍ୟା ଓ ସୁନାମିକୁ ଦୃଷ୍ଟିରେ ରଖି ବିଭିନ୍ନ ବିପର୍ଯ୍ୟୟ ସମୟରେ ପ୍ରାକ ସୂଚନା ବିତରଣ ବ୍ୟବସ୍ଥାର କାର୍ଯ୍ୟକାରିତା ଉପରେ ଜିଲାସ୍ତରୀୟ ଏକ ଦିବସୀୟ ସଚେତନତା କର୍ମଶାଳା ସ୍ଥାନୀୟ ଓସଥ୍ୱାନ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି । ଜିଲା ଜରୁରୀକାଳୀନ ଅଧିକାରୀ ରିଜୱାନା କଅକବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କର୍ମଶାଳାରେ ବାଲେଶ୍ୱର ଓ ଭଦ୍ରକ ଜିଲାର ଜରୁରୀକାଳୀନ କକ୍ଷ ବେତାର ଯନ୍ତ୍ରୀ ସତ୍ୟବ୍ରତ ସାହୁ ଓ




ଶୀତଳ ପ୍ରସାଦ ସାମଲ ଯୋଗ ଦେଇ ବିପର୍ଯ୍ୟୟ ପୂର୍ବରୁ ପ୍ରାକ ସୂଚନା ବିତରଣ ବ୍ୟବସ୍ଥାର ପୁଙ୍ଖାନୁପୁଙ୍ଖ ପ୍ରୋଜେକ୍ଟର ମାଧ୍ୟମରେ ପ୍ରଦର୍ଶନ ସହ ବିସ୍ତୃତ ଆଲୋଚନା କରିଥିଲେ । କର୍ମଶାଳାରେ ଉପସ୍ଥିତ ଥିବା ଜିଲ୍ଲା ଜରୁରୀକାଳୀନ ବିଭାଗ ଓ ବାଲେଶ୍ୱର ସଦର ବ୍ଲକ କାର୍ଯ୍ୟାଳୟର କର୍ମକର୍ତ୍ତାଙ୍କ ସମେତ ବିଭିନ୍ନ ପ୍ରାକ ବିପଦ ସୂଚନା ବିତରଣ କେନ୍ଦ୍ରର ସମ୍ପାଦକମାନଙ୍କୁ ମଧ୍ୟ ଏ ସଂକ୍ରାନ୍ତରେ ତାଲିମ ପ୍ରଦାନ କରାଯାଇଥିଲା । ଏହି ଅବସରରେ ପ୍ରାକ ବିପଦ ସୂଚନା ବିତରଣ କେନ୍ଦ୍ରରେ ବ୍ୟବହୃତ ବିଭିନ୍ନ ସରଞ୍ଜାମ ଯଥା ଡିଏମଆର ରେଡିଓ, ସଂକେତ ଧ୍ୱନି ଯନ୍ତ୍ର, ସଂଚାର ମାଧ୍ୟମ, ବିଭିନ୍ନ ବିକଳ୍ପ ବ୍ୟବସ୍ଥା ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜିଲା ପ୍ରକଳ୍ପ ଅଧିକାରୀ ଅବନୀକାନ୍ତ ଭୂୟାଁ ଓ ୟୁନିସେଫ ଜିଲା ସଂଯୋଜକ ପ୍ରଦୀପ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ସାଧାରଣ ପୌର ନିର୍ବାଚନ କାର୍ଯ୍ୟ ପରିଚାଳନା ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭଦ୍ରକ, ୧୪/୦୩ (ନି.ପ୍ର): ଆଗାମୀ ପୌର ନିର୍ବାଚନରେ ଭଦ୍ରକ ପୌର ପରିଷଦ ପାଇଁ ଭୋଟଦାନ କାର୍ଯ୍ୟ ପରିଚାଳନା ନିମନ୍ତେ ନିଯୁକ୍ତି ପାଇଥିବା ପ୍ରିଜାଇଡ଼ିଂ ଏବଂ ୧ମ ପୋଲିଂ ଅଧିକାରୀମାନଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ସଂସ୍କୃତି ଭବନରେ ଆଜି ଠାରୁ ତିନି ଦିନ ଧରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଜିଲ୍ଲାପାଳ ତ୍ରିଲୋଚନ ମାଝୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ନିର୍ବାଚନ କାର୍ଯ୍ୟ ପରିଚାଳନାରେ ପୋଲିଂ ଅଧିକାରୀମାନଙ୍କର କର୍ତ୍ତବ୍ୟ, ଦାୟିତ୍ୱ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଭଦ୍ରକ ବି.ଡ଼ି.ଓ ମନୋଜ କୁମାର ବେହେରା ଏହି ନିର୍ବାଚନ କାର୍ଯ୍ୟ ପରିଚାଳନା ନେଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବୁଝାଇଥିଲେ । ରାଜ୍ୟ ସ୍ତରୀୟ ମାଷ୍ଟର ଟ୍ରେନର ଭାବେ



ଡ଼ି.ଆଇ.ସି., ଭଦ୍ରକ କାର୍ଯ୍ୟାଳୟର ଆଇ.ପି.ଓ. ଶଶି ଶେଖର ବେହେରା, ଜିଲ୍ଲାସ୍ତରୀୟ ମାଷ୍ଟର ଟ୍ରେନର ଭଦ୍ରକର ସି.ଆର.ସି.ସି. ବିଦ୍ୟାଧର ସେନାପତି, ଭଣ୍ଡାରିପୋଖରୀ ର ପ୍ରଶାନ୍ତ କୁମାର ଜେନା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇ ଦୃଶ୍ୟଶ୍ରାବ୍ୟ ଫଳକ ମାଧ୍ୟମରେ ଭୋଟଦାନ କାର୍ଯ୍ୟକ୍ରମ ସମ୍ବଳିତ ପ୍ରତ୍ୟେକ ସୋପାନକୁ ପ୍ରାଞ୍ଜଳଭାବେ ବୁଝାଇଥିଲେ । ପ୍ରତ୍ୟକ୍ଷଭାବେ ଇ.ଭି.ଏମ୍ ମେସିନ୍‌ର ବ୍ୟାଲଟ୍ ୟୁନିଟ୍ ଓ କଣ୍ଟ୍ରୋଲ ୟୁନିଟ୍‌ର ପରିଚାଳନା ଦେଖାଯିବା ସହିତ ସମସ୍ତଙ୍କୁ ନିଜେ ନିଜେ ପରିଚାଳନା କରି ଶିଖିବାକୁ ସୁଯୋଗ ଦିଆଯାଇଥିଲା । ବୁଥ୍ ପରିଚାଳନାରେ ବୁଥ୍ ପାଇଁ ଆନୁଷଙ୍ଗିକ ସରଞ୍ଜାମ, ବୁଥ୍ ମଧରେ ଦଳୀୟ ଏଜେଣ୍ଟମାନଙ୍କର ଭୂମିକା, ମକ୍‌ପୋଲ ପରିଚାଳନା, କାଉନ୍‌ସିଲର ଓ ପୌରାଧକ୍ଷ ନିର୍ବାଚନ ପାଇଁ ପୃଥକ୍ ଇ.ଭି.ଏମ୍. ଓ ପୃଥକ୍ ଭୋଟଦାନ କକ୍ଷ, ଆନୁଷଙ୍ଗିକ ସମସ୍ତ କାଗଜାଦି କାର୍ଯ୍ୟ ସମ୍ବନ୍ଧରେ ସବିଶେଷ ବ୍ୟାଖ୍ୟା କରାଯାଇଥିଲା । ଉଲ୍ଲେଖଯୋଗ୍ୟ କି ଏହି ଭୋଟଦାନ କାର୍ଯ୍ୟ ସକାଳ ୮ଘରୁ ଆରମ୍ଭ ହୋଇ ଅପରାହ୍ନ ୫ଘ. ପର୍ଯ୍ୟନ୍ତ ଚାଲିବ । ଭଦ୍ରକ ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ ମଧ ଏହି ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଥିଲେ । ଭଦ୍ରକ ପୌରପରିଷଦର ନିର୍ବାଚନ କାର୍ଯ୍ୟ ପରିଚାଳନାରେ ସମୁଦାୟ ୮୩ଟି ବୁଥ ପାଇଁ ରିଜର୍ଭ ସହ ୧ମ ପୋଲିଂ ଓ ପ୍ରିଜାଇଡ଼ିଂ ଅଧିକାରୀ ମିଶି ୧୯୦ ଜଣଙ୍କୁ ତାଲିମ୍ ଦିଆଯିବ । ସୂଚନାଯୋଗ୍ୟକି ପ୍ରତି ବୁଥ୍‌ରେ ୧ମ ପୋଲିଂ ଅଧିକାରୀଙ୍କ ବ୍ୟତୀତ ୨ୟ, ୩ୟ ଏବଂ ୪ର୍ଥ ପୋଲିଂ ଅଧିକାରୀ ମଧ ଭୋଟଦାନ କାର୍ଯ୍ୟରେ ନିୟୋଜିତ ହେବେ ।

## ବିଏମସି ନିର୍ବାଚନ: ସିପିଆଇ ପ୍ରାର୍ଥିନୀଙ୍କ ଭୋଟ ପ୍ରଚାର

ଭୁବନେଶ୍ୱର, ୧୪/୦୩ (ନି.ପ୍ର): ଭୁବନେଶ୍ୱର ମହାନଗର ପୌର ନିର୍ବାଚନ ପରିପ୍ରେକ୍ଷୀରେ୯ନଂ. ୱାର୍ଡର ସିପିଆଇ ପ୍ରାର୍ଥିନୀ ପାର୍ବତୀ ବାରିକଙ୍କ ସମର୍ଥନରେ ସ୍ଥାନୀୟ ମହିଳା ଓ ସାଧାରଣ ବର୍ଗର ଲୋକେ ରାଜୀବ ଆବାସ କଲୋନୀ, ଝରଣା ବସ୍ତି, ଅରବିନ୍ଦ ନଗର ବସ୍ତି, କାଂଚନ ଆପାର୍ଟମେଂଟ ଓ କଲ୍ୟାଣି ବସ୍ତି ଆଦିରେ ପଦଯାତ୍ରାର ଆୟୋଜନ କରିଥିଲେ । ଏଥିରେ ଜୋନ ସମ୍ପାଦକ ସୁର ଜେନା, ଦେବାଶିଷ ପରିଜା, ବଳରାମ ଜେନା, ଶଙ୍କର ବାରିକ, ବିଜୟ ବାରିକ ପ୍ରମୁଖ ବହୁ କର୍ମକର୍ତା ଯୋଗ ଦେଇଥିଲେ । ଏହି ଅଂଚଳରେ ମହିଳାମାନଙ୍କ ରୋଜଗାର ପାଇଁ ସ୍ୱତନ୍ତ୍ର ଭାବେ ମହିଳା ମାର୍କେଟ ସ୍ଥାପନ ଓ ବସ୍ତିବାସିନ୍ଦାଙ୍କୁ ସ୍ଥାୟୀ ପକ୍କା ଘର ଯୋଗାଇ ଦେବା ନେଇ ନେଇ ବିଭିନ୍ନ ପ୍ଲାକାର୍ଡ ଓ ସ୍ଲୋଗାନ ସହ ପ୍ରାର୍ଥିନୀ ପାର୍ବତୀ ବାରିକ ପ୍ରଚାରପତ୍ର ଦେଇ ଘରକୁ ଘର ବୁଲିଥିଲେ ଓ ଦା' ଧାନକେଣ୍ଡା ଚିହ୍ନରେ ଭୋଟ ଦେବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ ।

# ସୁବର୍ଣ୍ଣରେଖା ନଦୀରୁ ବାଲି ଚାଲାଣ : ୫ ଟ୍ରାକ୍ଟର ଜବତ୍

ଜଳେଶ୍ୱର, ୧୪/୦୩ (ନି.ପ୍ର): ସୁବର୍ଣ୍ଣରେଖାନ ନଦୀର ବିଭିନ୍ନ ବାଲି ସୌରାତ ନିଲାମ ହୋଇନଥିଲେ ମଧ୍ୟ ଚୋରାରେ ବ୍ୟାପକ ବାଲି ପଶ୍ଚିମବଂଗକୁ ଚାଲାଣ ହେଉଛି । କେତେକ ସରକାରୀ କର୍ମଚାରୀଙ୍କ ଜ୍ଞାତସାରରେ ବାଲି ଚାଲାଣ ହେଉଥିଲାବେଳେ ବହୁ ଅଧିକ ଦାମ୍‌ରେ ବିକ୍ରି କରି ଚୋରା ବ୍ୟବସାୟୀମାନେ ମାଲେ ମାଲ ହେଉଛନ୍ତି । କିନ୍ତୁ ପ୍ରଶାସନ ପକ୍ଷରୁ ଦୃଢ କାର୍ଯ୍ୟ;ାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ଏପରି ବାଲି ଚାଲାଣ ସହିତ ରାଜସ୍ୱର ବ୍ୟାପକ କ୍ଷତି ଘଟୁଛି । ସୁବର୍ଣ୍ଣରେଖା ନଦୀର ଶ୍ରୀରାମପୁର, କୁଣ୍ଡଳି, ଦକ୍ଷିଣପ୍ରହରାଜପୁର, ଶିଖରପୁର, ସେକ ସରାଇ, ଗୋପାଳପୁର, ମାକିଡିଆ, ପ୍ରହରାଜପୁର, ଗୁଆଗଡିଆ, କୁଅଁରପୁର ଅଂଚଳରୁ ପ୍ରତିଦିନ ଚୋରାରେ ବାଲି ଚାଲାଣ ହେଉଛି । ଅଭିନବ ଉପାୟରେ ରାତିରେ କେତେକ ମାଫିଆ ଜେସିବି ଜରିଆରେ ୩ ଫୁଟରୁ ଉର୍ଦ୍ଧ୍ୱ ନଦୀ ପାଣି ତଳୁ ବାଲି ଉତ୍ତୋଳନ କରି ଜମା କରୁଛନ୍ତି । ଦିନରେ ତାହା ପଶ୍ଚିମବଂଗକୁ ପଠାଯାଇ ଆସୁଛି । ଏକ ଟ୍ରକ୍ଟର ବାଲିରୁ ମୂଲ୍ୟ ୪/୫ଶହ ଟଙ୍କା ହୋଇଥିବା ବେଳେ ପଶ୍ଚିମବଂଗରେ ୪/୫ହଜାର ଟଙ୍କାରେ ବିକ୍ରି ହେଉଛି । ଏପରି ଅଭିଯୋଗ ବାରମ୍ବାର ହୋଇ ଆସୁଥିବା ବେଳେ ଆଜି ରାଇବଣିଆ ଥାନା ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ୫ଟି ଟ୍ରାକ୍ଟରକୁ ଅଟକ ରଖିବାରେ ସକ୍ଷମ ହୋଇଛନ୍ତି । ଓଡି ୦୧ଏଏଫ୪୧୭୩, ଓଡି୦୧ଏ୨୬୦୫ ହୋଇଥିବା ବେଳେ ଅନ୍ୟ ୩ଟି ନୂଆ ଟ୍ରାକ୍ଟରର ନମ୍ବର ନ ଥିବା ଜଣାଯାଇଛି । ପ୍ରକାଶଯୋଗ୍ୟ ବାଲି , ମୋରମ ,ଇଟା, ମାଟି ପରିବହନ କରୁଥିବା ବହୁ ନୂଆ ଟ୍ରାକ୍ଟର ପଂଜିକରଣ ହୋଇନଥିବା ବେଳେ ସେ ଗୁଡିକ ଏପରି କାର୍ଯ୍ୟରେ ଲାଗୁଛି । ଫଳରେ ଦୁର୍ଘଟଣା ହେଲେ ମୃତକ କିମ୍ବା ଆହତ ବ୍ୟକ୍ତି ବୀମା ପାଇବାରୁ ବଂଚିତ ହେଉଛନ୍ତି । ବାଲିର ସରଳିକରଣ ଲାଗି ଜିଲାସ୍ତରୀୟ ଏକ ଟାସ୍କଫୋର୍ସ ଗଠନ କରିବାକୁ ସାଧାରଣରେ ଦାବି ହେଉଛି ।

# ଭାରାରୁ ପଡ଼ି ଶ୍ରମିକ ମୃତ

ନୀଳଗିରି, ୧୪/୦୩ (ନି.ପ୍ର): ଜନୈକ ଶିକ୍ଷକଙ୍କ ଦୁଇ ମହଲା ଛାତ ଘରେ କାମ ଚାଲୁଥିବା ବେଳେ ଜଣେ ଶ୍ରମିକ ତଳକୁ ଖସି ଗୁରୁତର ହେବା ଓ ପରବର୍ତୀ ମୁହୂର୍ତ୍ତରେ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି । ଏବେ ଘଟଣାକୁ ନେଇ ଋପି ଦେବାକୁ ଉଦ୍ୟମ ଚାଲିଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ ନୀଳଗିରି ଥାନା ଅଧୀନ ବାଲିଗୋହିରୀ ଅଂଚଳର ଯୋଗେନ୍ଦ୍ର ବେହେରା ନାମକ ଶିକ୍ଷକଙ୍କ ଘର ଉପର ମହଲାରେ କାମ ଚାଲିଥିଲା । ତେଲିଆପଦା ଗ୍ରାମର ଜଗନ୍ନାଥ ବାରିକଙ୍କ ପୁଅ ସଂଜୟ (୩୩) ସେଂଟ୍ରି କରୁଥିବା ବେଳେ ହଠାତ୍ ଭାରା ଭାଙ୍ଗିଯିବାରୁ ତଳକୁ ଖସି ପଡ଼ିଥିଲେ । ତାଙ୍କର ପେଟ, ଛାତି, ଓ ଅଣ୍ଡକୋଷରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କୁ ଗୁରୁତର ଭାବେ ନୀଳଗିରି ହସପିଟାଲରେ ଭର୍ତି କରାଯାଇଥିଲା । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ତେବେ ଘଟଣାକୁ ନେଇ ଏ ପର୍ଯ୍ୟନ୍ତ ନୀଳଗିରି ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି । ଶ୍ରମିକ ଜଣକୁ କିଏ କାମରେ ଲଗାଇଥିଲା, ତାଙ୍କର ଶ୍ରମିକ କାର୍ଡ ଅଛି କି ନାହିଁ ଏ ନେଇ ପ୍ରଶ୍ନ ଉଠିଛି । ଯଦି ଏସବୁ କାଗଜପତ୍ର ଥାଆନ୍ତା ତାହେଲେ ମୃତକଙ୍କୁ ସରକାରୀ ସହାୟତା ମିଳିପାରିଥାଆନ୍ତା । ତେବେ ଶିକ୍ଷକ ଜଣକ କିଛି ସହାୟତା ପ୍ରଦାନ କରି ନିଜର କାମ ସାରି ଦେଇଥିବା ବେଳେ ଘଟଣାକୁ ଚାପି ଦେବାକୁ ଉଦ୍ୟମ ଚାଲିଥିବା ଜଣାପଡ଼ିଛି । ତେବେ ପ୍ରଶାସନ ଘଟଣାର ଉପଯୁକ୍ତ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ପରିବାର ଲୋକଙ୍କ ପକ୍ଷରୁ ଦାବୀ ହେଉଛି ।

## ଓଡିଶାବାସୀଙ୍କୁ ବିଭ୍ରାନ୍ତ ଓ ଭ୍ରମିତ ପାଇଁ ବିଜେପି ଚେଷ୍ଟା ଚଳାଇଛି : ବିଜେଡି

ଭୁବନେଶ୍ୱର, ୧୪/୦୩ (ନି.ପ୍ର): ଓଡିଶା ବିଜେପି ଅଭ୍ୟାସଗତ ଭାବେ ରାଜ୍ୟବାସୀଙ୍କୁ ବିଭ୍ରାନ୍ତ ଓ ଭ୍ରମିତ କରିବା ସହିତ ସେମାନଙ୍କୁ ଦ୍ୱନ୍ଦରେ ପକାଇବାକୁ ଚେଷ୍ଟା କରୁଛି । ଏଭଳି କାର୍ଯ୍ୟ ପାଇଁ ଓଡିଶାର ଲୋକମାନେ ସେମାନଙ୍କୁ ବାରମ୍ବାର ପ୍ରତ୍ୟାଖ୍ୟାନ କରୁଥିବାବେଳେ ଓଡ଼ିଶା ବିଜେପି ଏଥିରୁ କିଛି ଶିଖିପାରୁ ନାହିଁ ବୋଲି କହିଛନ୍ତି ବିଜେଡି ମୁଖପାତ୍ର ଡକ୍ଟର ସସ୍ମିତ ପାତ୍ର । ବିଜେପି ସାମ୍ବାଦିକ ସମ୍ମିଳନୀର ଜବାବ ଦେଇ ବିଜେଡି ମୁଖପାତ୍ର ଡକ୍ଟର ପାତ୍ର କହିଛନ୍ତି ଯେ ଓଡ଼ିଶା ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତିଙ୍କର ଆଜିର ବିବୃତିରୁ ଏହା ପ୍ରତିଫଳନ ହେଉଛି । ରାଜନୈତିକ ଫାଇଦା ହାସଲ କରିବାକୁ ସେ ପୁନର୍ବାର ଲୋକଙ୍କୁ ଦ୍ୱନ୍ଦରେ ପକାଇବା ଏବଂ ବିଭ୍ରାନ୍ତ କରିବାକୁ ଚେଷ୍ଟା କରିଛନ୍ତି । ଏଭଳି କୌଶଳ ଓଡ଼ିଶା ବିଜେପିର ଜାରି ରହିଛି ଏବଂ ସେମାନଙ୍କୁ ଓଡ଼ିଶାର ଲୋକମାନଙ୍କଠାରୁ ଏହା ଆହୁରି ଦୂରେଇ ଦେବ । ଆମେ ଆଶା କରୁଛୁ ଓଡିଶା ବିଜେପିର ଜ୍ଞାନଉଦୟ ହେଉ ଏବଂ ସେମାନେ ବୁଝନ୍ତୁ ଯେ ଓଡିଶାର ଲୋକମାନେ ବୁଦ୍ଧିମାନ ଓ ସ୍ମାର୍ଟ । ସେମାନେ ଓଡିଶା ବିଜେପିର ଏପରି ଶସ୍ତା କୌଶଳ ଦେଖୁଛନ୍ତି ଓ ଏଥିପାଇଁ ସେମାନଙ୍କୁ ବାରମ୍ବାର ପ୍ରତ୍ୟାଖ୍ୟାନ କରୁଛନ୍ତି ।

# ଜଳେଶ୍ୱରରେ ଡାଇମଣ୍ଡ ଆଗ୍ରୋଭେଟର ୫ରାଜ୍ୟ ଡିଲରଙ୍କ ବୈଠକ

ଜଳେଶ୍ୱର, ୧୪/୦୩ (ନି.ପ୍ର): ଜଳେଶ୍ୱର ମାଟିର ପୁଅ ଆଜି ସର୍ବଭାରତୀୟ ସ୍ତରରେ ଜଣେ ସଫଳ ଚାଷୀ, ବ୍ୟବସାୟୀ ଓ ଯୁବ ଉଦ୍ୟୋଗୀ ଭାବେ ପରିଚିତ । ଚାଟାର୍ଡ ଏକାଉଣ୍ଟେଣ୍ଟ ହୋଇ ଉଚ୍ଚ ଚାକିରୀ ପାଇଥିଲେ ମଧ୍ୟ ପରେ ଚାକିରୀ ଛାଡି ଏ ଅଂଚଳରେ ବେକାର ଯୁବ ଯୁବତୀଙ୍କୁ ଆତ୍ମ ନିର୍ଭରଶୀଳ କରାଇବାର ରାହା ଦେଖାଇଛନ୍ତି । ଏଠାରୁ ଉତ୍ପାଦନ ହେଉଥିବା ପ୍ରତିଦିନ ୩୩ହଜାର କୁକୁଡା ଚିଆଁ ଓ ୫୦ହଜାର ଅଣ୍ଡା ୫ଟି ରାଜ୍ୟରେ ବେଶ ଲୋକପ୍ରିୟତା ସୃଷ୍ଟି କରିପାରିଛି । ଓଡିଶା ଓ ପଶ୍ଚିମବଂଗର ଉପାନ୍ତ ଅଂଚଳରେ ଜଳେଶ୍ୱରର ଚାଟାର୍ଡ ଏକାଉଣ୍ଟେଣ୍ଟ ସନ୍ତୋଷ କୁମାର ପ୍ରଧାନ ଚାକିରୀ ଜୀବନ ଛାଡି ଜଣେ ଯୁବ ଚାଷୀ, ବ୍ୟବସାୟୀ ଓ ଉଦ୍ୟୋଗୀ ହେବାର ଲକ୍ଷ୍ୟ ରଖିଥିଲେ । ପ୍ରଥମେ ମୟୁରଭଂଜ ଜିଲାର ନାକିଚୁଆଁଠାରେ ବନରାଜ କୁକୁଡାର ଚିଆଁ, ଅଣ୍ଡା ଓ ମାଂସ ବ୍ୟବସାୟ ଆରମ୍ଭ କରିଥିଲେ ହେଁ ଏବେ ଓଡିଶା, ପଶ୍ଚିମବଂଗ ସୀମା ସୁଗୋ ଠାରେ ୨୫ ଏକର ପରିମିତ ସ୍ଥାନରେ ୪୦ କୋଟି ଟଙ୍କା ବ୍ୟୟ କରି ଏକ ପ୍ରକଳ୍ପ ପ୍ରତିଷ୍ଠା କରିଛନ୍ତି । ଏହି ଡାଇମଣ୍ଡ ଆଗ୍ରୋଭେଟ୍ ପ୍ରକଳ୍ପରୁ ୩୩ ହଜାର ଚିଆଁ ଓ ୫୦ହଜାର ଅଣ୍ଡା ଉତ୍ପାଦନ ହୋଇ ଦେଶର ୫ଟି ରାଜ୍ୟକୁ ରପ୍ତାନୀ କରାଯାଇ ଆସୁଛି । କଲର ବ୍ରୟେଲର, ବ୍ରାଉନ୍ ଲେୟର, ଡାଇମଣ୍ଡ ରେନ୍‌ବୋ ରୋଷ୍ଟର ଓ ବତକ ଚିଆଁ ଉତ୍ପାଦନ କରିବା ସହିତ କୁକୁଡା ଖାଦ୍ୟ ଓ ଔଷଧ ଯୋଗାଇ ଆସୁଛନ୍ତି । ଏଥିରେ ପ୍ରାୟ ୨୦୦ ଯୁବକ ଯୁବତୀଙ୍କୁ ନିଯୁକ୍ତି ଦେଇଛନ୍ତି । ଆଜି ଏହି ପ୍ରକଳ୍ପର ଡିଲର ମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଓଡିଶା, ପଶ୍ଚିମବଂଗ, ଝାଡଖଣ୍ଡ, ବିହାର, ଆସାମ, ଛତିଶଗଡ ରାଜ୍ୟର ଡିଲରମାନେ ଯୋଗ ଦେଇଥିବା ବେଳେ ମନୋରମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରତିଷ୍ଠାତା ସନ୍ତୋଷ କୁମାର ପ୍ରଧାନ ଅଧ୍ୟକ୍ଷତା କରି ପ୍ରକଳ୍ପର ଉଦ୍ଦେଶ୍ୟ ଓ ଡିଲର ମାନଙ୍କୁ ସ୍ୱାଗତ ଜଣାଇଥିଲେ । ମୁଖ୍ୟ ଅତିଥିଭାବେ ବାଲେଶ୍ୱର ଜିଲା ଅତିରିକ୍ତ ପ୍ରାଣି ଚିକିତ୍ସକ ଅଧିକାରୀ ଡ. ରଂଜନ ଦାସ ଯୋଗ ଦେଇ ଏହା ଭାରତର ତୃତୀୟ ବୃହତ୍ ପ୍ରକଳ୍ପ ଭାବେ ସୁନାମ ଅର୍ଜନ କରିଥିବା ସଂପର୍କରେ କହିଥିଲେ । ମୁଖ୍ୟବକ୍ତାଭାବେ ଉତ୍ପାଦନ ମ୍ୟାନେଜର ଇଂ ଶୁଭସ୍ମିତା ପ୍ରଧାନ, ସମ୍ମାନୀତ ଅତିଥିଭାବେ ଡ. ସନ୍ତୋଷ କୁମାର ଚୌହାନ ଯୋଗ ଦେଇବକ୍ତବ୍ୟ ରଖିଥିଲେ । ଶେଷରେ ତପତି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଦାୟ ନେଲେ ସଂଗଠକ ଅର୍କ ନାରାୟଣ

ଉଦଳା, ୧୪/୦୩ (ନି.ପ୍ର): ଉଦଳା ସହରର ୱାର୍ଡ଼ ୮ ର ବାସିନ୍ଦା ଅର୍କ ନାରାୟଣ ମହାନ୍ତିଙ୍କର ଆଜି ୭୫ ବର୍ଷ ବୟସରେ ହୃଦଘାତ ଯୋଗୁଁ ଦେହାନ୍ତ ହୋଇ ଯାଇଛି । ତାଙ୍କର ଦେହାନ୍ତ ଖବର ପ୍ରଚାରିତ ହେବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ ପାଇଁ ୱାର୍ଡ଼ ନଂ-୮ ସ୍ଥିତ ବାସଭବନରେ ଭିଡ଼ ଜମାଇଛନ୍ତି । ଉଦଳାର ଯେ କୌଣସି ବ୍ୟକ୍ତିଙ୍କର ଦେହାନ୍ତ ଖବର ପହଞ୍ଚିଲେ ପ୍ରଥମେ ଅର୍କବାବୁଙ୍କୁ ଖୋଜା ପଡ଼େ କାରଣ ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ସେ ସମସ୍ତଙ୍କର ଶବକୁ କିପରି ଶ୍ମଶାନ ଭୂମିରେ ଶେଷ କୃତି ସମ୍ପର୍ଣ୍ଣ ହେବ ତାହା



କରିଥାନ୍ତି । ସେଥିପାଇଁ ବିଭିନ୍ନ ମହଲରେ ତାଙ୍କର ପ୍ରଶଂସା ଶୁଣିବାକୁ ମିଳେ । ତାହାଛଡ଼ା ଉଦଳା ମହୋତ୍ସବ ମଞ୍ଚର ସାଜସଜ୍ଜା ପାଇଁ ଖୋଦ ଉପଜିଲ୍ଲାପାଳ ଅର୍କବାବୁଙ୍କୁ ଖୋଜିଥାନ୍ତି କାରଣ ତାଙ୍କ ଭଳି ସଜସଜ୍ଜା ଖୁବ କମ ଲୋକଙ୍କଠାରେ ଦେଖିବାକୁ ମିଳିଥାଏ । ସେହିପରି ଉଦଳାରେ ଗାୟତ୍ରୀ ଯଜ୍ଞର ସେ ଥିଲେ ମୁଖ୍ୟ ପୁରୋଧା ତାହାଛଡ଼ା ଉଦଳା ଟାଉନ କ୍ଲବରେ ନାଟକ ମଞ୍ଚସ୍ଥ ସମୟରେ ଅର୍କବାବୁଙ୍କର ସହଯୋଗ ଆଜିବି କର୍ମୀ ମାନେ ଭୁଲି ନାହାଁନ୍ତି । ଦେବକୁଣ୍ଡସ୍ଥିତ ମା' ଅମ୍ବିକାଙ୍କ ପୀଠ ଯେତେବେଳେ ଖୁବ ଅବହେଳିତ ହୋଇ ପଡ଼ିରହିଥିଲା ସେତେବେଳେ ସେ ଏହାର ପୁନଉଦ୍ଧାର କରିବା ସହିତ ଦିର୍ଘ ୨୪ ବର୍ଷ ଧରି ଏଠାରେ ଯଜ୍ଞର ଆୟୋଜନ କରାଉଥିଲେ । ତାଙ୍କ ମୃତ୍ୟୁରେ ଉଦଳା ସହରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି ।

# ନିର୍ବାଚନ ପରବର୍ତ୍ତୀ ହିଂସାକାଣ୍ଡ : ୧ ଆହତ, ୨ ଗୁରୁତର



ନୀଳଗିରି, ୧୪/୦୩ (ନି.ପ୍ର): ପଂଚାୟତ ନିର୍ବାଚନ ସରିଛି ହେଲେ ହାରଜିତକୁ ନେଇ ବାଉଁଶବଣିଆ ପଂଚାୟତରେ ଦେଖାଦେଇଛି ନିର୍ବାଚନୀ ହିଂସା । ବିଜୟୀ ସରପଂଚ ପୁତ୍ରଙ୍କ ଆକ୍ଷେପ ମୂଳକ କଟୁ ମନ୍ତବ୍ୟକୁ ନେଇ ପରାଜିତ ପ୍ରାର୍ଥୀ ସମର୍ଥକଙ୍କ ମଧରେ ଉଚ୍ଚବାଚ ହୋଇଥିଲା । ଏହାକୁ କେନ୍ଦ୍ର କରି ପରାଜିତ ପ୍ରାର୍ଥୀଙ୍କ ୪ ସମର୍ଥକ ଦିନ ୧୦ ଟା ସମୟରେ ସରପଂଚ ପୁଅକୁ ଆକ୍ରମଣ କରି ଲହୁ ଲୁହାଣ କରିଦେଇଥିଲେ । ଉକ୍ତ ଘଟଣାକୁ ନେଇ ସରପଂଚଙ୍କ ସାନ ପୁଅ ଥାନାରେ ଅଭିଯୋଗ କରିଥିବା ବେଳେ ରାତି ପ୍ରାୟ ୧୦.୪୫ ସମୟରେ ସରପଂଚଙ୍କ ପ୍ରାୟ ୩ଶହରୁ ଉର୍ଦ୍ଧ୍ୱ ସମର୍ଥକ ବିଭିନ୍ନ ମାରଣାସ୍ତ୍ର ଧରି ଗୁହାଳିଆ ଗ୍ରାମର ଜୁଳ ଓରଫ କୃଷ୍ଣ ଚନ୍ଦ୍ର ବେହେରାଙ୍କ ୨ ପୁତ୍ରଙ୍କୁ ଘରୁ ଘୋଷାରି ମାଡମାରି ଗୁରୁତର କରିବା ଘଟଣା ସ୍ଥାନୀୟ ଅଂଚଳରେ କୋକୁଆ ଭୟ ସୃଷ୍ଟି କରିଛି । ଘଟଣାସ୍ଥଳରେ ପୋଲିସ ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ଫଳରେ ଗୁରୁତର ଅବସ୍ଥାରେ ୨ ଭାଇଙ୍କୁ ୧୦୮ ଯୋଗେ ନୀଳଗିରି ପରେ ବାଲେଶ୍ୱର ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି । ଏନେଇ ତାଙ୍କ ବାପା କୃଷ୍ଣଚନ୍ଦ୍ର ଓ ଭଉଣୀ ଗୀତାଞ୍ଜଳୀ ବେହେରା ନୀଳଗିରି ଥାନାରେ ପୃଥକ ପୃଥକ ଭାବେ ଅଭିଯୋଗ କରିଛନ୍ତି । ପୋଲିସ ଉକ୍ତ ଘଟଣାକୁ ଗୁରୁତର ନେଇ ଉକ୍ତ ଗାଁରେ ପୋଲିସ ଛାଉଣି କରିବା ସହ ଅଭିଯୁକ୍ତ ମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରୀ ରହିଛି । ବାଉଁଶବଣିଆ ପଂଚାୟତରେ ନିର୍ବାଚନ ପରବର୍ତୀ ହିସାଂକାଣ୍ଡ ଯୋଗୁଁ ସରପଂଚ ପୁଅ ଆକ୍ରମଣରେ ଶିକାର ହୋଇ ମୃତ୍ୟୁ ସହିତ ମେଡିକାଲରେ ସଂଗ୍ରାମ କରୁଛି । ସୂଚନା ଅନୁସାରେ ଚଳିତ ପଂଚାୟତ ନିର୍ବାଚନରେ ୱାର୍ଡମେମ୍ବର ହାରଜିତକୁ ନେଇ ବାଦବିବାଦ ଲାଗି ରହିଥିଲା । ଏହାର ବଦଳା ନେବା ପାଇଁ ପରାଜିତ ପ୍ରାର୍ଥୀର ସମର୍ଥକମାନେ ରବିବାର ସକାଳେ ୧୦ଟା ସମୟରେ ଗୁହାଳିଆ ଗ୍ରାମର ନିରଂଜନ ବାରିକ ଯିଏକ ବାଉଁବଣିଆ ସରପଂଚ ପୁତ୍ର ଲେନିନ ବାରିକ (୩୨) ପାଟପୁର ବଜାରରୁ ଘରକୁ ଫେରୁଥିବା ବେଳେ ହଠାତ୍ ଉକ୍ତ ଗ୍ରାମର କୃଷ୍ଣଚନ୍ଦ୍ର ବେହେରା, ଦୀନବନ୍ଧୁ ବେହେରା, ପଦ୍ମଲୋଚନ ବେହେରା, ଅଜୟ ରାଉତ, ଶିପ୍ତିକାନ୍ତ ରାଉତ, ପ୍ରମୁଖ ଏକଜୁଟ ହୋଇ ଅଶ୍ଳୀଳ ଭାଷାରେ ଗାଳିଗୁଲୋଜ କରିଥିଲେ । ଲେନିନ୍ ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ହଠାତ୍ ପୂର୍ବ ଯୋଜନା ଅନୁସାରେ ରଖିଥିବା ବିଭିନ୍ନ ମାରଣାସ୍ତ୍ର ଯଥା- ଠେଙ୍ଗା, ଭୁଜାଲି, ଖଣ୍ଡା ଆଦି ମାରଣାସ୍ତ୍ର ଦ୍ୱାରା ଲେନିନ୍ କୁ ଆକ୍ରମଣ କରିଥିଲେ । ଫଳରେ ଲେନିନ୍ ବାରିକ ର ୨ଗୋଡ଼, ମୁଣ୍ଡ, ଛାତି, ହାତ ଆଦି ସ୍ଥାନରେ ଗଭୀର ଆଘାତ ଲାଗିଥିବା ବେଳେ ପରିବାର ଲୋକେ ପ୍ରଥମେ ନୀଳଗିରି ମେଡିକାଲ ଓ ପରେ ଅବସ୍ଥା ଗୁରୁତର ହେବାରୁ ବାଲେଶ୍ୱର ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ଏ ନେଇ ଲେନିନ୍ ର ସାନ ଭାଇ ନୀଳମାଧବ ବାରିକ ନୀଳଗିରି ଥାନାରେ ଅଭିଯୁକ୍ତଙ୍କ ନାମରେ ଏତଲା ଦେଇଥିଲେ । ଉକ୍ତ ଘଟଣାକୁ ନେଇ ସରପଂଚ ନିରଂଜନ ବାରିକ, ସାନ ପୁତ୍ର ନୀଳମାଧବ ଓ ତାଙ୍କ ସମର୍ଥକ ଗଣେଷ ବାରିକ, କାହ୍ନୁ ବେହେରା, ଦୀଲ୍ଲିପ ପୁଟି, ସମେତ ପ୍ରାୟ ୩ ଶହରୁ ଉର୍ଦ୍ଧ୍ୱ ଲୋକ ଉତ୍ୟକ୍ତ ହୋଇ ରାତି ପ୍ରାୟ ୧୦.୫୦ ସମୟରେ ସଂଘବଧ ଭାବେ କୃଷ୍ଣଚନ୍ଦ୍ରଙ୍କ ଘରେ ପ୍ରବେଶ କରି ତାଙ୍କ ଦୁଇ ପୁତ୍ର ଦିନବନ୍ଧୁ ବେହେରା ଓ ପଦ୍ମଲୋଚନକୁ ମରଣାତ୍ମକ ଆକ୍ରମଣ କରିଥିଲେ । ଫଳରେ ଦୁଇଭାଇଙ୍କର ଦୁଇ ଗୋଡ ହାତ ଖଣ୍ଡ ବିଖଣ୍ଡ ହେବା ସହିତ ଶରୀରରେ ଗଭୀର ଆଘାତ ଲାଗିଛି । ଅପରପକ୍ଷରେ କୃଷ୍ଣଚନ୍ଦ୍ର ଝିଅର ପୁଅ ପଙ୍କଜ ମାମୁ ଘରେ ରହି ପାଠ ପଢୁଥିବା ବେଳେ ପୁଅକୁ ଦେଖା କରିବାକୁ ଆସି ଆକ୍ରମଣର ଶୀକାର ହୋଇଥିବା ନେଇ ଗୀତାଞ୍ଜଳୀ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ୩ ଟି ଅଭିଯୋଗକୁ ଭିର୍ତି କରି ତଦନ୍ତ ଚଳାଇଥିବା ପୋଲିସ ସୂତ୍ରରୁ ପ୍ରକାଶ କରାଯାଇଛି ।

## ରାଜ୍ୟ ସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଂଟ

# ଫକୀର ମୋହନଙ୍କୁ ହରାଇ ରେଭେନ୍ସା ବିଶ୍ୱବିଦ୍ୟାଳୟ ଫାଇନାଲରେ

ବାରିପଦା, ୧୪/୦୩ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ରାଜ୍ୟ ସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ରେଭେନ୍ସା ଫକୀର ମୋହନ ବିଶ୍ୱବିଦ୍ୟାଳୟକୁ ୩ ଉଇକେଟରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି । ପ୍ରଥମେ ବ୍ୟାଟିଂ କରି ଫକୀର ମୋହନ ବିଶ୍ୱବିଦ୍ୟାଳୟ ୨୦ ଓଭରରେ ୫ଉଇକେଟ ହରାଇ ୧୬୪ ରନ କରିଥିଲେ । ଦଳ ପକ୍ଷରୁ ସମ୍ବିଦ ମହାକୁଡ଼ ୪୮, ସମ୍ବିତ ସାମଲ ୩୮ ଓ ଶାନ୍ତନୁ ଦାସ ୩୩ ରନ ସଂଗ୍ରହ କରିଥିବାବେଳେ ବିପକ୍ଷ ଦଳର ସ୍ୱନ୍ଦନ ସାବତ ୩ ଓ ନୀତିଶ



ସାମନ୍ତରାୟ ୨ ଟି ଉଇକେଟ ଅକ୍ତିଆର କରିଥିଲେ । ଉତ୍ତରରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ୧୯ ଓଭରରେ ୭ ଉଇକେଟ ହରାଇ ୧୬୬ ରନ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ ଓ ଦଳ ପକ୍ଷରୁ ଯାଜ୍ଞଜିତ ସାହୁ ୪୭, ଅଂଶୁମାନ ମହାନ୍ତି ୨୭, ସନ୍ଦୀପ ସିଂହ ୨୩ ଓ ସୁରଜ ବେହେରା ୨୧ ରନ ସଂଗ୍ରହ କରିଥିବାବେଳେ ବିପକ୍ଷ ଦଳର କିସାନ ଚୌଧୁରୀ ୨ ଟି ଉଇକେଟ ଅକ୍ତିଆର କରିଥିଲେ । ଆଜିର ଖେଳକୁ ଦେବବ୍ରତ ଦାସ ଓ ଦିଲ୍ଲୀପ ଦାସ ପରିଚାଳନା କରିଥିବା ବେଳେ ସମ୍ବିତ ମହାରଣା ସ୍କୋରିଙ୍ଗରେ ସହାୟତା କରିଥିଲେ । ସୋମନାଥ ସିଂହ, ପଙ୍କଜ ମହାକୁଡ଼ ଓ ଦୀପକ ଦାସ ଧାରା ବିବରଣୀ ଦେଇଥିଲେ । ଆଜିର ଖେଳ ପୂର୍ବରୁ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଅଧ୍ୟକ୍ଷ ପ୍ରମୋଦ କୁମାର ଶତପଥି ତଥା ଏମ ସି ଏ ଏମ ର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ଓ ବରିଷ୍ଠ ଷ୍ଟେନୋ ପ୍ରଦୀପ ବରାଳ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଆସନ୍ତା କାଲି ଫାଇନାଲ ମ୍ୟାଚ ରେଭେନ୍ସା ଓ ଉତ୍କଳ ବିଶ୍ୱବିଦ୍ୟାଳୟ ମଧରେ ଖେଳାଯିବ ବୋଲି କ୍ରୀଡା ଶିକ୍ଷକ ପ୍ରଦୀପ୍ତ ରଞ୍ଜନ ଦାସ ଜଣାଇଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo